ବର୍ଷ-୨୬, ସଂଖ୍ୟା-୫୫
ଭୁବନେଶ୍ୱର
୨୫, ଫେବୃଆରୀ, ୨୦୨୬ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 55
Bhubaneswar
25 February, 2026 Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat



ଚିନ୍ତାରେ ଟିମ୍ ଇଣ୍ଡିଆ



## ଚାଷୀଙ୍କ ସବୁ ସମସ୍ୟାର ସମାଧାନ କରିବୁ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪।୨(ମହାଭାରତ): ରାଜ୍ୟ ସରକାର ସମୃଦ୍ଧ ଓଡିଶା ଗ ?ିବାକୁ ରୋଡ ମ୍ୟାପ୍ ପ୍ରସ୍ତୁତ କରିଛନ୍ତି । ଡବଲ ଇଞ୍ଜିନ ସରକାର ଏ ନେଇ ସଂକଳ୍ପବଦ୍ଧ । ବିରୋଧୀ କେବଳ ରାଜ୍ୟବାସୀଙ୍କୁ ଭ୍ରମିତ କରିବାକୁ ବିଧାନସଭାରେ ହଙ୍ଗାମା କରୁଛନ୍ତି । ରାଜ୍ୟ ବଜେଟ ଉପରେ ସାଧାରଣ ଆଲୋଚ଼ନାରେ ଏମିତି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ ।

ମୋହନ ବିଧାନସଭାରେ କହିଲେ, ୨୦୨୬-୨୭ ପାଇଁ ପ୍ରସ୍ତୁତ ହୋଇଥିବା ବଜେଟ କେବଳ ଆସନ୍ତା ବର୍ଷ ପାଇଁ ଆୟବ୍ୟୟ ଲେଖାଯୋଖାର ଏକ ହିସାବ ନୁହେଁ, ଏହି ବଜେଟ ହେଉଛି ସାଢେ ଚ଼ାରିକୋଟି ଓଡିଶାବାସୀଙ୍କ ଆଶା ଆକାଂକ୍ଷାର ପ୍ରତିଫଳନ । ଏ ବଜେଟ ଉପସ୍ଥାପିତ ହେବା ପରେ ବିରୋଧୀଙ୍କର ବିରୋଧ କରିବା ପାଇଁ କିଛି ନାହିଁ, ତେଣୁ ଗୃହକୁ ଅଚ଼ଳ କରୁଛନ୍ତି । ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ମୋଟ ୩ ଲକ୍ଷ ୧୦ ହଜାର କୋଟି ଟଙ୍କା ବଜେଟ୍ ଅଟକଳ ହୋଇଅଛି ବଜେଟରେ ଆକଳନ କରାଯାଇଥିବା ୭୨ ହଜାର ୧୦୦ କୋଟି ଟଙ୍କାର ପୁଞ୍ଜି ବ୍ୟୟ ଅଟକଳ, ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦର ୬.୫ ପ୍ରତିଶତ । ଯାହାକି ଦେଶର ସମସ୍ତ ପ୍ରମୁଖ ରାଜ୍ୟ ମାନଙ୍କ ମଧ୍ୟରେ ସର୍ବାଧିକ । ଆମେ ଏହି ବଜେଟରେ କେତେକ ନୂତନ ଏକ୍ସପ୍ରେସ ୱେ ଯଥା ବ୍ରହ୍ମପୁର-ଜୟପୁର ରାଜପଥ, ଗଜପତିରୁ ଆମ୍ବାଭୋନାକୁ ଯୋଡୁଥିବା ନମୋ ଏକ୍ସପ୍ରେସ ୱେ, ରସୁଲଗଡରୁ-ନାନପୁର/ରଘୁନାଥପୁର ପର୍ଯ୍ୟନ୍ତ ୪-ଲେନ୍ ଏକ୍ସପ୍ରେସ ୱେ ଏବଂ ମାଲକାନଗିରିର ମୋଟୁ-ମୟୂରଭଞ୍ଜର ତିରିଙ୍ଗିକୁ ସଂଯୋଗ କରୁଥିବା ଅଟଳ ଏକ୍ସପ୍ରେସୱେ ନିର୍ମାଣ ପାଇଁ ପୁଞ୍ଜି ବିନିଯୋଗ ବ୍ୟବସ୍ଥା କରିଛୁ । ଓଡିଶାରେ ୯୦ ହଜାର କୋଟିରୁ ବି ଅଧିକ ଟଙ୍କାର ବିଭିନ୍ନ ରେଳବାଇ ପ୍ରକଳ୍ପ ଚ଼ାଲୁଅଛି । ଚ଼ଳିତ ବଜେଟରେ ତାଳଚେର, ଅନୁଗୁଳ, ପାରାଦୀପ ଏବଂ ଧାମରା ମଧ୍ୟରେ ଆଭ୍ୟନ୍ତରୀଣ ଜଳ ପରିବହନକୁ ବୃଦ୍ଧି କରି ବନ୍ଦରଭିତ୍ତିକ ବିକାଶକୁ ତ୍ୱରାନ୍ୱିତ କରିବାକୁ ପାଣ୍ଠି ବରାଦ ହୋଇଛି ।

'ସମୃଦ୍ଧ କୃଷକ''ଯୋଜନା ଅଧୀନରେ କୁଇଣ୍ଟାଲ ପିଛା ୩୧ ଶହ ଟଙ୍କା ମୂଲ୍ୟରେ ଧାନ କ୍ରୟ ପାଇଁ ୬ ହଜାର ୮୮ କୋଟି ଟଙ୍କାର ପ୍ରସ୍ତାବ ରହିଅଛି । ଚ଼ାଷୀଙ୍କ କ୍ଷେତ୍ରରେ ଆମେ କୌଣସି କାର୍ପଣ୍ୟତା ରଖିନୁ । ଆସନ୍ତା ୩ ବର୍ଷରେ ପ୍ରାୟ ୧୧ ଲକ୍ଷ ମେଟ୍ରିକ ଟନ୍ ବିଶିଷ୍ଟ ଆଧୁନିକ ଗୋଦାମ ନିର୍ମାଣ ପାଇଁ ମଧ୍ୟ ପ୍ରସ୍ତାବ ରହିଅଛି । ବିରୋଧୀ ଦଳର ବିଧାୟକମାନେ ଚ଼ାଷୀମାନଙ୍କ ଲାଗି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି । କଂଗ୍ରେସ ଦଳକୁ ତ ଲୋକେ ୨୫ ବର୍ଷ ହେଲା ପ୍ରାୟ ଭୁଲି ଯାଇଛନ୍ତି । ମୁଖ୍ୟ ବିରୋଧୀଦଳ ବାରମ୍ବାର ଚ଼ାଷ ଓ ଚ଼ାଷୀଙ୍କୁ ନେଇ ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି ।ମୁଖ୍ୟମନ୍ତ୍ରୀ କହିଲେ, ଆମ ସରକାରଙ୍କ ଇନ୍ପୁଟ ସହାୟତା ଘୋଷଣା ପରେ ନିଶ୍ଚିତ ଭାବେ ଅଧିକ ଚ଼ାଷ ହୋଇଛି । ଅମଳ ସଂରକ୍ଷଣ କରିବା ପାଇଁ ଭିତ୍ତିଭୂମି ନାହିଁ । ଭିତ୍ତିଭୂମିକୁ ତ ରାତାରାତି କରି ହେବ ନାହିଁ । ଆମେ ଏଥିପାଇଁ ୧୦୦ ଟି ମଡେଲ ମଣ୍ଡି, ଭବିଷ୍ୟତ ଚ଼ାହିଦାକୁ ଦୃଷ୍ଟିରେ ରଖି ପ୍ରାୟ ୧୫ ଲକ୍ଷ ମେଟ୍ରିକ ଟନର ଗୋଦାମ ଷ୍ଟୋରେଜ ନିର୍ମାଣ କରୁଛୁ । ରାଜ୍ୟର ସବୁ ଚ଼ାଷୀଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଉଛି ଯେ ଚ଼ାଷୀଙ୍କ ସବୁ ସମସ୍ୟା ସମାଧାନ କରାଯିବ । ସବୁ ଯୋଗ୍ୟ ଚ଼ାଷୀଙ୍କ ସବୁ କ୍ରୟଯୋଗ୍ୟ ଧାନକୁ ଉଠାଇବୁ ।ସେ କହିଲେ, ଦେଶରେ ସେମିକଣ୍ଡକ୍ଟର ଉତ୍ପାଦନ କ୍ଷେତ୍ରରେ ଓଡିଶା ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ । ରାଜ୍ୟ ଏଆଇ ମିଶନ ମାଧ୍ୟମରେ ଏଆଇକୁ ଶାସନ ଏବଂ ସେବା ବିତରଣରେ ଏକୀକରଣ କରିବା ଦିଗରେ ବିଭାଗଗୁଡିକୁ ସାହାଯ୍ୟ କରିବ । ଆମ ସରକାରଙ୍କ ସମୟୋଚ଼ିତ ପଦକ୍ଷେପ ଫଳରେ ଓଡିଶା ଆଗାମୀ ଦିନରେ 'ସେମିକଣ୍ଡକ୍ଟର କ୍ୟାପିଟାଲ'ହେବାକୁ ଯାଉଛି । ମାତ୍ର ବର୍ଷକ ମଧ୍ୟରେ ଗତ ଉତ୍କର୍ଷ ଓଡିଶାରୁ ରାଉରକେଲା ସମ୍ମିଳନୀ ପର୍ଯ୍ୟନ୍ତ ଆମେ ୨୦ ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜି ନିବେଶ ପାଇଁ ପ୍ରସ୍ତାବ ପାଇଛୁ । ଅଢେଇ ଲକ୍ଷ କୋଟି ଟଙ୍କାର ନିବେଶ ହୋଇ ସାରିଛି । ଆମର ସମୃଦ୍ଧ ଐତିହ୍ୟର ପ୍ରଦର୍ଶନ ପାଇଁ ଭୁବନେଶ୍ୱରଠାରେ ୮ ଶହ କୋଟି ଟଙ୍କା ବ୍ୟୟରେ ଏକ ଅତ୍ୟାଧୁନିକ ସଂଗ୍ରହାଳୟ ପ୍ରତିଷ୍ଠା ପାଇଁ ଆମେ ପଦକ୍ଷେପ ନେଇଛୁ । ପୁରୀଠାରେ ଏକ ମେରାଇନ୍ ଆକ୍ୱାରିୟମ୍ ପ୍ରତିଷ୍ଠା ସହ ସମ୍ବଲପୁର, କଟକ, ଭୁବନେଶ୍ୱର, ବାରିପଦା ଏବଂ ବୈତରଣୀ ନଦୀ କୂଳରେ ୫୦୦ କୋଟି ଟଙ୍କା ବ୍ୟୟରେ ନଦୀପଠାର ସାମଗ୍ରିକ ବିକାଶ କରାଯିବ ।ମୋହନ କହିଲେ, ବଜେଟରେ କେନ୍ଦ୍ରାପଡା, ଜଗତସିଂହପୁର, ଭଦ୍ରକ ଏବଂ ଝାରସୁଗୁଡା ଜିଲ୍ଲା ମୁଖ୍ୟାଳୟରେ ୪ଟି ନୂତନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଅଛି । କେନ୍ଦୁଝରସ୍ଥିତ ସରକାରୀ ଇଞ୍ଜିନିୟରିଂ କଲେଜରେ ଖଣି ଏବଂ ଧାତୁ ବିଜ୍ଞାନ କ୍ଷେତ୍ରରେ ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ହେବ । ପାରାଦୀପ ଓ ବଲାଙ୍ଗିରରେ ଦୁଇଟି ନୂତନ ସରକାରୀ ଇଞ୍ଜିନିୟରିଂ କଲେଜ ସ୍ଥାପନ କରିବା ପାଇଁ ପ୍ରସ୍ତାବ ରହିଛି । ଗଜପତି, ମାଲକାନଗିରି ଏବଂ ରାୟଗଡାରେ ତିନୋଟି ନୂତନ ଆୟୁର୍ବ ?ଦିକ ମେଡିକାଲ କଲେଜ ଏବଂ ନୟାଗଡ ଏବଂ ନୂଆପଡାରେ ଦୁଇଟି ନୂଆ ହୋମିଓପାଥି ମେଡିକାଲ କଲେଜ ପ୍ରତିଷ୍ଠା ପ୍ରସ୍ତାବ ରହିଛି । ମହିଳାମାନଙ୍କର ସଶକ୍ତିକରଣ ଓ ଗରିମା ରକ୍ଷା ପାଇଁ ମୋଟ ୧୮ ହଜାର ୯୫୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

## ରାଜ୍ୟରେ ବର୍ଷକରେ ୧୩,୨୬୨ ଯୌନ ନିର୍ଯାତନା

ଭୁବନେଶ୍ୱର, ୨୪।୨(ମହାଭାରତ): ରାଜ୍ୟରେ ମହିଳା ସୁରକ୍ଷା ବଡ ଚ଼ିନ୍ତାର ବିଷୟ ପାଲଟିଛି । ମହିଳା ନିର୍ଯାତନା ଓ ମହିଳା ବିରୋଧୀ ଅପରାଧ ନିୟନ୍ତ୍ରଣ କରିବା ପୁଲିସ୍ ପାଇଁ ବଡ ଚ୍ୟାଲେଞ୍ଜ ପାଲଟିଛି । ୨୦୨୫ରେ ଗତ ବର୍ଷକ ମଧ୍ୟରେ ରାଜ୍ୟରେ ୧୩ ହଜାର ୨୬୨ ଯୁବତୀ ଓ ମହିଳା ଯୌନ ନିର୍ଯାତନାର ଶିକାର ହୋଇଛନ୍ତି । ୨୯୯୬ ଜଣ ଦୁଷ୍କର୍ମ, ୧୧୫ଜଣ ଦୁଷ୍କର୍ମ ଉଦ୍ୟମର ଶିକାର ହୋଇଛନ୍ତି । ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀଙ୍କ ବିଧାନସଭାରେ ଉତ୍ତର ରଖିଛନ୍ତି । ବିଜେଡି ବିଧାୟକ ପ୍ରସନ୍ନ ଆଚ଼ାର୍ଯ୍ୟଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ଉତ୍ତର ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ଲିଖିତ ଉତ୍ତରର ପ୍ରକାଶିତ ତଥ୍ୟ ଅନୁଯାୟୀ, ବର୍ଷକରେ ୭ ହଜାର ୩୮୨ ଜଣ ଅସଦାଚ଼ରଣର ଶିକାର ହୋଇଛନ୍ତି । ୭୦୨ ଜଣ ଯୁବତୀ ଓ ମହିଳାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ଓ ପ୍ରତାରଣା ମାମଲା ହୋଇଛି । ୭୫୭ ଜଣଙ୍କୁ ନିର୍ଯାତନା ଦିଆଯାଇଛି । ୧୨୭ ଜଣଙ୍କ ଅଶ୍ଳୀଳଫଟୋ ଓ ଭିଡିଓ କରି ନିର୍ଯାତନା ଦିଆଯାଇଛି । ୭୩୭୮ଜଣଙ୍କୁ ଅପହରଣ କରାଯାଇଛି ।୧୧୧ ମାନବ ଚ଼ାଲାଣ ରିପୋର୍ଟ ହୋଇଛି । ଯୌତୁକ ପାଇଁ ୧୪୫ଜଣଙ୍କ ମହିଳାଙ୍କୁ ହତ୍ୟା, ୭୭ଜଣ ଆତ୍ମହତ୍ୟା କରିଛନ୍ତି । ସର୍ବସାଧାରଣସ୍ଥଳରେ ୧,୪୪୮ ମହିଳା ଦୁର୍ବ୍ୟବହାରର ଶିକାର ହୋଇଛନ୍ତି । ୪,୩୬୧ ଜଣ ମହିଳା ନିର୍ଯାତନାର ଶିକାର ହୋଇଛନ୍ତି । ଜଣେ ମହିଳାଙ୍କୁ ଏସିଡ୍ ମାଡ କରାଯାଇଛି । ଏହାଛଡା ଅନ୍ୟକାରଣ ପାଇଁ ୫୪୧୯ଜଣଙ୍କୁ ନିର୍ଯାତନା ଦିଆଯାଇଛି ।ରାଜ୍ୟରେ ମହିଳା ନିର୍ଯାତନା ଓ ମହିଳା ବିରୋଧୀ ଅପରାଧ ନିୟନ୍ତ୍ରଣ କରିବା ପୁଲିସ୍ ପାଇଁ ବଡ ଚ୍ୟାଲେଞ୍ଜ ପାଲଟିଛି ।'

## ରାଜ୍ୟରେ ୫ ହଜାର ୯୬୭ ଡାକ୍ତର ପଦବୀ ଖାଲି

ଭୁବନେଶ୍ୱର, ୨୪।୨(ମହାଭାରତ): ରାଜ୍ୟରେ ୫ ହଜାର ୯୬୭ ଡାକ୍ତର ପଦବୀ ଖାଲି ପଡିଛି । ରାଜ୍ୟରେ ମୋଟ ୯ ହଜାର ୮୨୬ ଡାକ୍ତର କାର୍ଯ୍ୟରତ ଥିବା ବେଳେ ଖାଲି ଥିବା ସ୍ଥାନରେ ୧୨୨୪ ଜଣଙ୍କୁ ଚୁକ୍ତି ଭିତିକ, ୧୧୩ ଜଣଙ୍କୁ ଡ଼ିଏମଏଫ, ୧୯ ଜଣଙ୍କୁ ଆଡ଼ ହକ ୪ ଜଣଙ୍କୁ କର୍ପସ ଫଣ୍ଡ ଜରିଆରେ ନିଯୁକ୍ତି ଦିଆଯାଇଛି । ହଜାରେ ଲୋକଙ୍କୁ ଜଣେ ଡାକ୍ତର ରହିବା ଜାଗାରେ ଆମ ରାଜ୍ୟରେ ୧୨୬୫ ଜଣଙ୍କୁ ଜଣେ ଡାକ୍ତର ରହିଛନ୍ତି । ବିଧାନସଭାରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏହି ଉତର ରଖିଛନ୍ତି ।

## ଅର୍ଦ୍ଧାଧିକ ଜିଲ୍ଲାରେ ୯୦ ପ୍ରତିଶତରୁ ଅଧିକ ଧାନ ସଂଗ୍ରହ

ଭୁବନେଶ୍ୱର, ୨୪।୨(ମହାଭାରତ): ଖରିଫ ଋତୁ ୨୦୨୫-୨୬ ପାଇଁ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି । ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଧାର୍ଯ୍ୟ ଲକ୍ଷ୍ୟର ୮୦% ପ୍ରତିଶତ ଧାନ ସଂଗ୍ରହ କରାଯାଇଥିବା ବେଳେ ୧୩ରୁ ଅଧିକ ଜିଲ୍ଲା ସେମାନଙ୍କ ଧାର୍ଯ୍ୟ ଲକ୍ଷ୍ୟର ୯୦% ଅତିକ୍ରମ କରିସାରିଛନ୍ତି ।

ଏଥିମଧ୍ୟରୁ ବରଗଡ଼, ବଲାଙ୍ଗୀର, କଳାହାଣ୍ଡି, କୋରାପୁଟ, ନୂଆପଡ଼ା, ସମ୍ବଲପୁର ଏବଂ ସୁବର୍ଣ୍ଣପୁର ଭଳି ୭ଟି ଜିଲ୍ଲାରେ ୯୫% ରୁ ଅଧିକ ଧାନ କ୍ରୟ ହାସଲ କରାଯାଇଛି । ସୁବର୍ଣ୍ଣପୁର ୩,୭୬,୫୫୬ କ୍ୱିଣ୍ଟାଲ ଧାନ ସଂଗ୍ରହ ସହିତ ନିଜର ୯୮% ଧାନ ସଂଗ୍ରହ କରି ରାଜ୍ୟରେ ଆଗରେ ରହିଛି ।ବୌଦ୍ଧ, ଦେବଗଡ଼, ଗଜପତି, ଗଞ୍ଜାମ, ଝାରସୁଗୁଡ଼ା ଏବଂ ରାୟଗଡ଼ା ଜିଲ୍ଲା ସଫଳତାର ସହ ୯୦% କ୍ରୟ ଲକ୍ଷ୍ୟ ଅତିକ୍ରମ କରିଛନ୍ତି । ସେହିଭଳି ଅନୁଗୁଳ, ବଲାଙ୍ଗିର, ବୌଦ୍ଧ, କଟକ, ଦେବଗଡ଼, ଗଜପତି, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡ଼ା, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ, ନୂଆପଡ଼ା, ସମ୍ବଲପୁର ଏବଂ ସୁବର୍ଣ୍ଣପୁର ଜିଲ୍ଲାଗୁଡ଼ିକରେ ପୂର୍ବ ଖରିଫ ଋତୁ ତୁଳନାରେ ଧାନ ସଂଗ୍ରହ ପରିମାଣରେ ଯଥେଷ୍ଟ ବୃଦ୍ଧି ପାଇଛି ।ଏହା ବ୍ୟତୀତ, ଅନୁଗୁଳ, ବରଗଡ଼, ବଲାଙ୍ଗୀର, ବୌଦ୍ଧ, କଟକ, ଦେବଗଡ଼, ଗଜପତି, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କଳାହାଣ୍ଡି, କେନ୍ଦ୍ରାପଡ଼ା, କେନ୍ଦୁଝର, ମୟୂରଭଞ୍ଜ, ନୟାଗଡ଼, ନୂଆପଡ଼ା, ରାୟଗଡ଼ା, ସମ୍ବଲପୁର ଏବଂ ସୁବର୍ଣ୍ଣପୁର ସମେତ ଅନେକ ଜିଲ୍ଲାରେ ଧାନ ସଂଗ୍ରହରେ ଅଂଶଗ୍ରହଣ କରୁଥିବା ଚ଼ାଷୀଙ୍କ ସଂଖ୍ୟାରେ ବୃଦ୍ଧି ପାଇଛି । ଯାହାଦ୍ୱାରା କ୍ରୟ ବ୍ୟବସ୍ଥା ପ୍ରତି ବଢୁଥିବା ବିଶ୍ୱାସକୁ ପ୍ରତିଫଳିତ କରେ । ଆଜି ସୁଦ୍ଧା, ଗତ ବର୍ଷ ତୁଳନାରେ ପ୍ରାୟ ୬୫,୦୦୦ ଅଧିକ ଚ଼ାଷୀ ମଣ୍ଡିରେ ସେମାନଙ୍କର ଧାନ ବିକ୍ରୟ କରିଛନ୍ତି ।ଆଜି ସୁଦ୍ଧା, ସରକାର ଏମଏସପି ଏବଂ ଇନପୁଟ୍ ସହାୟତା ବାବଦରେ ୧୩୦୪୯୩୮ ଚ଼ାଷୀଙ୍କୁ ୧୭୨୧୨.୯ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଚ଼ାଷୀମାନଙ୍କ ସହଯୋଗ ପାଇଁ ଟୋଲ୍-ଫ୍ରି ହେଲ୍ପଲାଇନ୍ ନମ୍ବର ୧୯୬୭ ଜାରି କରାଯାଇଛି । ଏହା ମାଧ୍ୟମରେ ଚ଼ାଷୀ ମାନେ ଯୋଗାଯୋଗ କରି ଅଧିକ ସୂଚ଼ନା ପାଇପାରିବେ ।

## ସମୁଦ୍ରରେ ପଡ଼ିଲା ହେଲିକପ୍ଟର

ନୂଆଦିଲ୍ଲୀ, ୨୪।୨(ମହାଭାରତ): ଆଜି ଦୁଇ ଦୁଇଟି ବିମାନ ଦୁର୍ଘଟଣା ଟଳିଯାଇଛି । ଗୋଟିଏ ଦିଲ୍ଲୀରେ ଓ ଆଉ ଗୋଟିଏ ଆଣ୍ଡାମାନରେ ଘଟିଛି । ଆଣ୍ଡମାନରେ ମଙ୍ଗଳବାର ସକାଳେ ଏକ ପବନ ହଂସ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି । ଉଡାଣ ଭରିବା ମାତ୍ରେ ହେଲିକପ୍ଟରଟି ସମୁଦ୍ରରେ ଖସି ପଡିଛି।ଯ ହେଲିକପ୍ଟରରେ ଅତି କମରେ ସାତ ଜଣେ ଥିଲେ । ସମସ୍ତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ହେଲିକପ୍ଟରରେ ଯାନ୍ତ୍ରିକ ତ୍ରୁଟି କାରଣରୁ ସମୁଦ୍ରରେ ଏହାର କ୍ରାଶ ଲ୍ୟାଣ୍ଡିଂ କରିବାକୁ ପଡିଛି । ଏହି ଘଟଣା ଆଣ୍ଡମାନ ସାଗରରେ ହୋଇଛି । ପାଇଲଟ୍ ଯାନ୍ତ୍ରିକ ତ୍ରୁଟି ଥିବା ଜାଣିବା ପରେ ନିଜ ବୁଦ୍ଧି ବଳରେ ସମୁଦ୍ରରେ ହେଲିକପ୍ଟରର କ୍ରାଶ ଲ୍ୟାଣ୍ଡିଂ କରାଇଛନ୍ତି । ଫଳରେ ଦୁଇ କ୍ରୁ ମେମ୍ବର୍ସ ସମେତ ସାତ ଜଣଙ୍କ ଜୀବନ ବଞ୍ଚି ଯାଇଛି । ଘଟଣାର ସୂଚ଼ନା ମିଳିବା ମାତ୍ରେ ତୁରନ୍ତ ଉଦ୍ଧାରକାରୀ ଦଳ ଦୁର୍ଘଟଣାସ୍ଥଳରେ ପହଞ୍ଚି କ୍ରୁ ସଦସ୍ୟ ଏବଂ ଯାତ୍ରୀଙ୍କୁ ସୁରକ୍ଷିତ ଉଦ୍ଧାର କରିଛନ୍ତି । ସେହିପରି ଦିଲ୍ଲୀରୁ ଲେହ ଯାଉଥିବା ସ୍ପାଇସ ଜେଟର ଏକ ବିମାନ ବୋଇଙ୍ଗ ୭୩୭ ମଙ୍ଗଳବାର ବଡ ଦୁର୍ଘଟଣାରୁ ବର୍ତ୍ତିଯାଇଛି । ବିମାନକୁ ଦିଲ୍ଲୀ ବିମାନ ବନ୍ଦରରେ ଜରୁରୀକାଳୀନ ଅବତରଣ କରାଯାଇଛି । ଉଡାଣ ଭରିବାର ତୁରନ୍ତ ପରେ ଯାନ୍ତ୍ରିକ ତ୍ରୁଟି ଦେଖା ଦେଇଥିଲା । ଏହି କାରଣରୁ ଲେହ ଯିବା ପରିବର୍ତ୍ତେ ଦିଲ୍ଲୀ ବିମାନ ବନ୍ଦରରେ ବିମାନର ଜରୁରୀକାଳୀନ ଅବତରଣ କରିବାକୁ ପଡିଛି । ଏହି ସମୟରେ ବିମାନରେ ୧୫୫ ଯାତ୍ରୀ ଥିଲେ । ଏହି ଘଟଣାରେ କାହାରି କୌଣସି କ୍ଷତି ଘଟିନାହିଁ । ଏଏନଆଇ ଅନୁଯାୟୀ, ଇଞ୍ଜିନ ନମ୍ବର ୨ ଫେଲ୍ ହେବା କାରଣରୁ ଏମରଜେନ୍ସି ଲ୍ୟାଣ୍ଡିଂ କରିବାକୁ ପଡିଛି ।

## ୭ ମୁଣ୍ଡ ନେଲାଣି ଆମ ବସ୍

ଭୁବନେଶ୍ୱର, ୨୪।୨(ମହାଭାରତ): ବର୍ଷକ ମଧ୍ୟରେ ଆମ ବସ୍ ଦୁର୍ଘଟଣାରେ ରାଜ୍ୟରେ ୭ ଜଣଙ୍କ ମୃତ୍ୟୁ ହୋଇଛି । ଆଜି ଏନେଇ ବିଧାନସଭାରେ ଉତ୍ତର ରଖିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚ଼ନ୍ଦ୍ର ମହାପାତ୍ର । ମନ୍ତ୍ରୀ କହିଛନ୍ତି, ଆମ ବସ୍ ଦୁର୍ଘଟଣାରେ ଅକାଳରେ ୭ ଜଣଙ୍କ ପ୍ରାଣହାନୀ ଘଟିଥିବା ବେଳେ ୮ ଜଣ ଗୁରୁତର ହୋଇଛନ୍ତି । ମୃତକଙ୍କ ମଧ୍ୟରେ କେବଳ ଭୁବନେଶ୍ୱରର ୬ ଜଣ ରହିଥିବା ବେଳେ କଟକରେ ଜଣଙ୍କ ଜୀବନ ଯାଇଛି । ସେହିପରି ଗୁରୁତରଙ୍କ ମଧ୍ୟରେ କେବଳ ରାଜଧାନୀ ଭୁବନେଶ୍ୱରରେ ୪ଜଣ ଗୁରୁତର ହୋଇଛନ୍ତି । ପୁରୀ, ରାଉରକେଲା, ସମ୍ବଲପୁର, ଓ ବ୍ରହ୍ମପୁରରେ ଜଣେ ଲେଖାଏଁ ଗୁରୁତର ହୋଇଛନ୍ତି ।

ରାଜ୍ୟରେ 'ଆମ ବସ୍'ର ଆତଙ୍କ ଥମିବାର ନାଁ ଧରୁନି । କେଉଠି ଅଟୋ ଉପରେ ଚ଼ଢିଲାଣି ତ' କେତେବେଳେ ବାଇକ୍ ଉପରେ ମାଡିଗଲାଣି । କେଉଁଠି ପଥଚ଼ାରୀଙ୍କ ଉପରେ ଚ଼ଢିଯାଉଛି । ଗତକାଲି ମଧ୍ୟ ରାଜଧାନୀରେ ଆମ ବସ୍ ଆତଙ୍କ ଖେଳାଇଛି । ପଲାସପଲ୍ଲୀ ଅଞ୍ଚଳରେ ଜଣକ ଉପରେ ମାଡିଯାଇଥିଲା । ପଲାସପଲ୍ଲୀ ଓଭରବ୍ରିଜ୍ ପାଖରେ ଆମ ବସ୍ ଧକ୍କାରେ ଜଣେ ବୁଟ ବ୍ୟବସାୟୀ ଗୁରୁତର ଆହତ ହୋଇଛନ୍ତି । ସେ ହେଲେ ପୋଖରୀପୁଟ ଅଞ୍ଚଳର ୬୪ ବର୍ଷୀୟ ରମେଶ ପାତ୍ର । ତାଙ୍କ ଡାହଣ ଗୋଡ ଉପରେ ବସ୍ ଚ଼ଢିଯିବାରୁ ଗୋଡ ଭାଙ୍ଗିଯାଇଛି । ଘଟଣାକୁ ନେଇ ସେଠାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ବେପରୁଆ ଆମ ବସ୍ ଚ଼ାଳକର ଏଭଳି ଉନ୍ମତ୍ତକାଣ୍ଡ ଦେଖି ଉତ୍ତ୍ୟକ୍ତ ଲୋକେ ବସ୍‌କୁ ଭଙ୍ଗାରୁଜା କରିବା ସହ ବସ୍‌ରେ ନିଆଁ ଲଗାଇ ରାସ୍ତାରୋକ କରିଥିଲେ । ୨ ଘଣ୍ଟା ଧରି ପଲାସପଲ୍ଲୀ ଅଞ୍ଚଳରେ ନାକାବନ୍ଦି ସ୍ଥିତି ସୃଷ୍ଟି ହୋଇଥିଲା । ପୁଲିସ ବସ୍‌କୁ ଜବତ କରିବା ସହ ଚ଼ାଳକକୁ କାବୁ କରି ଥାନାକୁ ନେବା ପରେ ସ୍ଥିତି ଆୟତ୍ତ ହୋଇଥିଲା ।

## ଜାତୀୟ ସ୍ତରରେ ପାଳିତ ହେଉ ବାଜି ରାଉତଙ୍କ ୧୦୦ ତମ ଜୟନ୍ତୀ

### କେନ୍ଦ୍ର ମନ୍ତ୍ରୀଙ୍କୁ ଚିଠି

ନୂଆଦିଲ୍ଲୀ, ୨୪।୨(ମହାଭାରତ): ଭାରତର ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଦେଶର ରାଜଧାନୀ ଦିଲ୍ଲୀରେ ଏକ ଭବ୍ୟ ଜାତୀୟ ସ୍ତରୀୟ ସ୍ମୃତି କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି । ଶହୀଦ ବାଜି ରାଉତଙ୍କ ଅସୀମ ସାହସ ଓ ବଳିଦାନକୁ ମନେ ପକାଇବା ସହ ଯୁବପିଢ଼ିଙ୍କ ମଧ୍ୟରେ ଦେଶପ୍ରେମର ଭାବନା ଜାଗ୍ରତ କରିବା ପାଇଁ ପତ୍ର ମାଧ୍ୟମରେ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ରଖିଛନ୍ତି ଶିକ୍ଷା ମନ୍ତ୍ରୀ । କେନ୍ଦ୍ର ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଧାନ ସେ ପତ୍ରରେ ଉଲ୍ଲେଖ କରିଛନ୍ତି, ୧୯୨୬ ମସିହା ଅକ୍ଟୋବର ୫ ତାରିଖରେ ଢେଙ୍କାନାଳର ନୀଳକଣ୍ଠପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ବାଜି ରାଉତ ମାତ୍ର ୧୨ ବର୍ଷ ବୟସରେ ବ୍ରିଟିଶ ବାହିନୀକୁ ନଦୀ ପାର କରିବାକୁ ସାହସର ସହ ମନା କରି ଶହୀଦ ହୋଇଥିଲେ । ୧୯୩୮ ଅକ୍ଟୋବର ୧୧ ତାରିଖରେ ନୀଳକଣ୍ଠପୁର ଘାଟରେ ତାଙ୍କର ଏହି ମହାନ ବଳିଦାନ ଗଡ଼ଜାତ ଆନ୍ଦୋଳନକୁ ଏକ ନୂଆ ମୋଡ଼ ଦେବା ସହ ଜାତୀୟ ସ୍ୱାଧୀନତା ସଂଗ୍ରାମକୁ ମଧ୍ୟ ଶକ୍ତିଶାଳୀ କରିଥିଲା । ବାଜି ରାଉତ ଯେଉଁ ସର୍ବୋଚ୍ଚ ବଳିଦାନ ଦେଇଥିଲେ, ତାହା ଦେଶପ୍ରେମ ଓ ନୈତିକ ଦୃଢ଼ତାର ଏକ ଅନନ୍ୟ ପ୍ରତୀକ । ଶହୀଦ ବାଜି ରାଉତ କେବଳ ଓଡ଼ିଶାର ଜଣେ ଆଞ୍ଚଳିକ ନାୟକ ନୁହନ୍ତି, ବରଂ ସେ ସମଗ୍ର ଭାରତ ପାଇଁ 'ଯୁବ ଦେଶପ୍ରେମ'ର ଏକ ଅମର ପ୍ରତୀକ ଏବଂ ଜାତୀୟ ଆଇକନ । ଭାରତର ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ୫ ଅକ୍ଟୋବର ୨୦୨୫ରେ ପ୍ରବେଶ କରିଥିବା ବେଳେ ୫ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ବର୍ଷ ବ୍ୟାପୀ ତାଙ୍କର ଶତବାର୍ଷିକୀ ଉତ୍ସବ ପାଳନ କରାଯିବ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ମଧ୍ୟ ରାଜ୍ୟ ସ୍ତରରେ ଏହି ଶତବାର୍ଷିକୀକୁ ଶହୀଦ ବାଜି ରାଉତ ମେମୋରିଆଲ ଫାଉଣ୍ଡେସନର ମିଳିତ ସହଯୋଗରେ ଆନୁଷ୍ଠାନିକ ଭାବେ ପାଳନ କରିବାକୁ ଘୋଷଣା କରିଛନ୍ତି । ତେଣୁ ଏହି ଐତିହାସିକ ଅବସରକୁ ସ୍ମରଣୀୟ କରିବା ପାଇଁ 'ଶହୀଦ ବାଜି ରାଉତଙ୍କ ଅମର ଗାଥା: ରାଷ୍ଟ୍ର ନିର୍ମାଣ ପାଇଁ ଯୁବଶକ୍ତିଙ୍କୁ ପ୍ରେରଣା' ଶୀର୍ଷକର ଏକ 'ଜାତୀୟ ଛାତ୍ର ଓ ଯୁବ ସମ୍ମିଳନୀ' ଆୟୋଜନ କରିବାକୁ ପୃଥକ ସଲଗ୍ନ ପତ୍ରରେ ପ୍ରସ୍ତାବ ଦେଇଛନ୍ତି ।ସ୍କୁଲରୁ କଲେଜ ଏବଂ ବିଶ୍ୱବିଦ୍ୟାଳୟ ସ୍ତରରେ ସେମିନାର, ସାକ୍ଷାତ୍ ଆଲୋଚ଼ନା, ପ୍ରଦର୍ଶନୀ, ବକ୍ତୃତା, ରଚ଼ନା ଲିଖନ, ସାଂସ୍କୃତିକ ପ୍ରଦର୍ଶନ ଏବଂ ଇତିହାସରେ ଅନାଲୋଚ଼ିତ ସ୍ୱାଧୀନତା ସଂଗ୍ରାମୀଙ୍କ ଉପରେ ଆଧାରିତ ବିଭିନ୍ନ ପ୍ରତିଯୋଗିତା ସାମିଲ କରିବାକୁ ସେ କହିଛନ୍ତି । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦେଶର ଛାତ୍ର ଓ ଯୁବସମାଜଙ୍କ ମଧ୍ୟରେ ବାଜି ରାଉତଙ୍କ ଦେଶପ୍ରେମ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ସେମାନଙ୍କ ମଧ୍ୟରେ ମାତୃଭୂମି ପ୍ରତି ଦାୟିତ୍ୱବୋଧ ଜାଗ୍ରତ କରିବା ।



## ରତ୍ନ ଅଳଙ୍କାର ଗଣତିରେ ନିଯୁକ୍ତ ହେବେ ଦୁଇ ଟିମ୍

ପୁରୀ, ୨୪।୨ ୨୪।୨(ମହାଭାରତ): ଖୁବଶୀଘ୍ର ଘୋଷଣା ହୋଇପାରେ ଶ୍ରୀମନ୍ଦିର ରତ୍ନ ଅଳଙ୍କାର ଗଣିତର ତାରିଖ । ରତ୍ନ ଅଳଙ୍କାର ଗଣତିରେ ଦୁଇଟି ଟିମ୍ ନିୟୋଜିତ ହେବେ । ଆଜି ରତ୍ନ ଭଣ୍ଡାର ଅଳଙ୍କାର ଗଣତି ନେଇ ବସିଥିବା ଗୁରୁତ୍ୱପୂର୍ଣ୍ଣ ବୈଠକ ପରେ ଏହି ସୂଚ଼ନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ । ରତ୍ନ ଅଳଙ୍କାର ଗଣତି, ଟିମ୍ ନିୟୋଜନ, ଗଣତି ପ୍ରକ୍ରିୟା, ଭିଡ଼ିଓ ଗ୍ରାଫି, କମ୍ପ୍ୟୁଟରୀକରଣ ଉପରେ ବିସ୍ତୃତ ଆଲୋଚ଼ନା କରାଯାଇଛି । ଆଜି (ମଙ୍ଗଳବାର) ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ରତ୍ନ ଅଳଙ୍କାର ଗଣତିମଣତି ନେଇ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ବୈଠକ ବସିଥିଲା । ମୁଖ୍ୟ ପ୍ରଶାସକ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ଏସ୍‌ଓପିକୁ ସର୍ବ ସମ୍ମୁଖରେ ଖୋଲିଥିଲେ ଏବଂ ପରେ ମହାପ୍ରଭୁଙ୍କ ନିକଟରେ ସମର୍ପଣ କରିଥିଲେ । ପ୍ରଶାସକଙ୍କ ସୂଚ଼ନା ଅନୁଯାୟୀ, ପ୍ରଥମେ ରତ୍ନ ଅଳଙ୍କାର ଗଣତି ନେଇ ଚ଼ିଠା ବ୍ୟବସ୍ଥାବଳୀ ପ୍ରସ୍ତୁତ କରାଯାଇଥିଲା, ତାହାକୁ ପୂର୍ବରୁ ବିଧି ସବ୍ କମିଟି ବୈଠକ, ଜଷ୍ଟିସ୍ ରଥଙ୍କ କମିଟି ଏବଂ ଶ୍ରୀମନ୍ଦିର ପରିଚ଼ାଳନା କମିଟି ଦ୍ୱାରା ଅନୁମୋଦିତ ହୋଇଥିଲା । ଏହା ପରେ ମାନ୍ୟବର ଆଇନ ମନ୍ତ୍ରୀଙ୍କ ଦ୍ୱାରା ଅନୁମୋଦିତ ହେବା ପରେ ମୁଖ୍ୟମନ୍ତ୍ରୀଙ୍କ ମଞ୍ଜୁରୀ ମିଳିଛି । ଗଣତିମଣତି ପାଇଁ ୧୪ ପୃଷ୍ଠା ସମ୍ବଳିତ ଏସଓପି ପ୍ରସ୍ତୁତ କରାଯାଇଛି, ଯେଉଁଥିରେ ସମସ୍ତ ପ୍ରକ୍ରିୟାକୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି । ଗଣତି କେବେ ହେବେ ସେ ନେଇ ବିଧି ଅନୁସାରେ ପରିଚ଼ାଳନା କମିଟି ତାରିଖ ଘୋଷଣା କରିବ । ତେବେ ଶ୍ରୀମନ୍ଦିର ନୀତିକାନ୍ତିକୁ ଦେଖି ଗଣତି କରାଯିବ । ନୀତି ବହୁଳ ଦିନ ଗୁଡ଼ିକରେ ଗଣତି କରାଯିବ ନାହିଁ ବୋଲି ଶ୍ରୀମନ୍ଦିର ପ୍ରଶାସକ ସୂଚ଼ନା ଦେଇଛନ୍ତି । ମହାପ୍ରଭୁଙ୍କ ଦର୍ଶନରେ ଶ୍ରଦ୍ଧାଳୁମାନେ ଯେପରି କୌଣସି ଅସୁବିଧାରେ ସମ୍ମୁଖୀନ ନ ହୁଅନ୍ତି ତାହାକୁ ଧ୍ୟାନରେ ରଖାଯିବ ।

ମାର୍ଚ୍ଚ ମାସରୁ ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ୧୩୫ଟି ଦିନ ରହିଛି । ବିଭିନ୍ନ ନୀତିକାନ୍ତି, ଛୁଟି ଦିନ, ରବିବାର ଦିନରେ ଗଣତି କରାଯିବ ନାହିଁ, ଏପରି ପ୍ରାୟ ୧୦୦ଟି ଦିନ ରହିଛି । ତେଣୁ ଅବଶିଷ୍ଟ ଦିନରେ ଗଣତି କରିବାକୁ ତାଲିକା ପ୍ରସ୍ତୁତ କରାଯାଇଛି । ସେହି ଦିନଗୁଡ଼ିକୁ



ପରିଚ଼ାଳନା କମିଟି ବିଚ଼ାରକୁ ନେଇ ତାରିଖ ସ୍ଥିର କରିବେ ।

ଗଣତିମଣତି ପାଇଁ ବିଭିନ୍ନ ଅଧିକାରୀଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି । ମୋଟ ଦୁଇଟି ଟିମ୍ ଗଣତିରେ ନିୟୋଜିତ ହେବେ । ଟିମକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି, ଯଥା- ତଦାରଖ ଦଳ ବା ତତ୍ତ୍ୱାବଧାରକ ଦଳ ଓ କାର୍ଯ୍ୟବାହୀ ବା କାର୍ଯ୍ୟସମ୍ପାଦନ ଦଳ ।

ପ୍ରତି ତଦାରଖ ଦଳରେ ଜଣେ ମୁଖ୍ୟ ପ୍ରଶାସକ, ରତ୍ନ ଭଣ୍ଡାର ଉଚ୍ଚ଼ ସ୍ତରୀୟ କମିଟିର ଦୁଇ ଜଣ ସଦସ୍ୟ ଓ ସବ୍ କମିଟିର ଜଣେ ସେବକ ସଦସ୍ୟ ରହିବେ । ମୁଖ୍ୟ ପ୍ରଶାସକ କିମ୍ବା ଅତିରିକ୍ତ ମୁଖ୍ୟ ପ୍ରଶାସକ ଅଧ୍ୟକ୍ଷ ରହିବେ । ଯଦି ସେମାନେ ଅନୁପସ୍ଥିତ ରୁହନ୍ତି ତେବେ ଜିଲ୍ଲାପାଳ କିମ୍ବା ଉପ-ମୁଖ୍ୟ ପ୍ରଶାସକ ଦାୟିତ୍ୱରେ ରହିବେ । ଯଦି ଜିଲ୍ଲାପାଳ କିମ୍ବା ଉପ ମୁଖ୍ୟ ପ୍ରଶାସକ ଅନୁପସ୍ଥିତ ରୁହନ୍ତି ତେବେ ନୀତି ପ୍ରଶାସକ କିମ୍ବା ଆଡମିନିଷ୍ଟ୍ରେଟିଭ୍ ଡେଭଲପ୍ମର୍ ତଦାରଖ କରିବେ । ଯେଉଁ ଉଚ୍ଚ଼ ସ୍ତରୀୟ କମିଟି ରହିଛି ସେହି କମିଟିର ଦୁଇ ଜଣ ସଦସ୍ୟ ତଦାରଖ ଦଳରେ ରହିବେ । ରତ୍ନ ଭଣ୍ଡାର ସବ୍ କମିଟିର ଜଣେ ସଦସ୍ୟ ରହିବେ, ଯାହାକୁ କମିଟି ଅଧ୍ୟକ୍ଷ ସୁପାରିଶ କରିବେ । ଗଣତି ସମୟରେ ଅତିବେଶୀରେ ତଦାରଖ ଦଳର ତିନି ଜଣ ସଦସ୍ୟ ଭଣ୍ଡାର ଭିତରକୁ ପ୍ରବେଶ କରିପାରିବେ ।

ସେହିପରି କାର୍ଯ୍ୟସମ୍ପାଦନ ଦଳରେ ମୁଖ୍ୟ ପ୍ରଶାସକ କିମ୍ବା ଉପମୁଖ୍ୟ ପ୍ରଶାସକ, ରତ୍ନ ଭଣ୍ଡାର ଉଚ୍ଚ଼ ସ୍ତରୀୟ କମିଟିର ସଦସ୍ୟ ଦଳପତି ହିସାବରେ ରହିବେ ଏବଂ ପରିଚ଼ାଳନା କମିଟିର ୫ ଜଣଙ୍କ ମଧ୍ୟରୁ ଜଣେ ସେବକ ସଦସ୍ୟ ରହିବେ । ପର୍ଯ୍ୟାୟ କ୍ରମେ କେଉଁ ଦିନ କେଉଁ ସେବକ ସଦସ୍ୟ ଯିବେ ତାହା ପରିଚ଼ାଳନା କମିଟି ସ୍ଥିର କରିବ । ଶ୍ରୀମନ୍ଦିର ପାଟଯୋଶୀ ମହାପାତ୍ର, ଭଣ୍ଡାର ମେକାପ, ତଢ଼ଉକରଣ, ଦେଉଳ କରଣ ଏବଂ ମନୋନୀତ ଜଣେ ବଣିଆ ସେବକ କାର୍ଯ୍ୟବାହୀ ଦଳରେ ରହିବେ । ସରକାରଙ୍କ ନିଷ୍ପତ୍ତି କ୍ରମେ ଦୁଇ ଜଣ ବଣିଆ ରହିବେ । ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଦ୍ୱାରା ସ୍ୱୀକୃତି ପାତ୍ର ବଣିଆ ନିୟୋଜିତ ହେବେ । ଏହା ସହିତ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ନିଯୁକ୍ତ ଦୁଇ ସଦସ୍ୟ ଉପସ୍ଥିତ ରହିବେ । ଯେଉଁମାନେ ମୂଲ୍ୟବାନ ପଥର ପରଖିବେ । ଆବଶ୍ୟକସ୍ଥଳେ ବୈଷୟିକ ଟିମ୍ ସଦସ୍ୟଙ୍କୁ ସାମିଲ କରାଯିବ । ସେହିପରି ଦୁଇ ଜଣ ଫଟୋଗ୍ରାଫର ରହିବେ । ସମ୍ପୂର୍ଣ୍ଣ ପ୍ରକ୍ରିୟା ଫଟୋଗ୍ରାଫି ଏବଂ ଭିଡ଼ିଓଗ୍ରାଫି କରାଯିବ । ଗୋଟିଏ ସମୟରେ କାର୍ଯ୍ୟବାହୀ ଦଳର ୧୦ ଜଣ ସଦସ୍ୟ ଭଣ୍ଡାର ଭିତରକୁ ପ୍ରବେଶ କରିପାରିବେ । ପରିଚ଼ାଳନା କମିଟିର ଅଧ୍ୟକ୍ଷ ଥିବା ଗଜପତି ମହାରାଜ କିମ୍ବା ଉପାଧ୍ୟକ୍ଷ ଯେକୌଣସି ସମୟରେ ମୁଖ୍ୟ ପ୍ରଶାସକଙ୍କ ଜ୍ଞାତରେ ଭଣ୍ଡାର ଭିତରକୁ ପ୍ରବେଶ କରିପାରିବେ । ୧୯୭୮ ମସିହାରେ ମେ ୧୩ ରୁ ଜୁଲାଇ ୨୩ ମଧ୍ୟରେ ପାଖାପାଖି ୭୨ ଦିନ ଧରି ଗଣତି କରାଯାଇଥିଲା । ଏହା ପରେ ୧୯୮୨ ଏବଂ ୧୯୮୫ ମସିହାରେ ରୁପା ଅଳଙ୍କାରର ତାଲିକା ସହିତ ନୂତନ ପ୍ରସ୍ତୁତ ତାଲିକାକୁ ମେଳକ କରାଯିବ । ସରକାରଙ୍କ ନିଷ୍ପତ୍ତି ଅନୁସାରେ କେବଳ ନାମ ତାଲିକା ସର୍ବସମ୍ମୁଖରେ ପ୍ରକାଶ କରାଯିବ କିନ୍ତୁ ରତ୍ନ ଅଳଙ୍କାର ତାଲିକା ପ୍ରକାଶ କରାଯିବ ନାହିଁ । ତିନୋଟି ବର୍ଗରେ ରତ୍ନ ଭଣ୍ଡାର ରହିଛି । ତେଣୁ ପ୍ରଥମେ ତୃତୀୟ ବର୍ଗ ବା ଚ଼ଳନ୍ତି ରତ୍ନ ଭଣ୍ଡାର, ପରେ ଦ୍ୱିତୀୟ ବର୍ଗ ବା ବାହାର ରତ୍ନ ଭଣ୍ଡାର ଅଳଙ୍କାର ଏବଂ ଶେଷରେ ପ୍ରଥମ ବର୍ଗ ବା ଭିତର ରତ୍ନ ଭଣ୍ଡାରର ଅଳଙ୍କାର ଗଣତି କରାଯିବ । ପ୍ରତ୍ୟେକ ଦିନ ଭିତର ରତ୍ନ ଭଣ୍ଡାରର ଚ଼ାବି ଖୋଲାଯିବ ଏବଂ ଗଣତି ଶେଷ ପରେ ଟ୍ରେଜେରୀରେ ଦାଖଲ କରାଯିବ । ପରବର୍ତ୍ତୀ ଦିନ ପୁଣି ଥରେ ଗଣତି ବେଳେ ଚ଼ାବି ଟ୍ରେଜେରୀରୁ ଆଣି ଭଣ୍ଡାର ଖୋଲାଯିବ । ସେହି ସମୟରେ ମାଜିଷ୍ଟ୍ରେଟ୍ ଏବଂ କ୍ୟାମେରାମ୍ୟାନଙ୍କ ଉପସ୍ଥିତିରେ ଚ଼ାବି ରଖାଯିବ । ସେହି ସ୍ଥାନକୁ ସମ୍ପୂର୍ଣ୍ଣ ସିସିଟିଭି ନଜରରେ ଗୋପନୀୟତାର ସହିତ ରଖାଯିବ । ଯେଉଁ କ୍ୟାମେରାମ୍ୟାନ୍ ନିଯୁକ୍ତ ହେବେ ସେ ସମସ୍ତ ତଥ୍ୟ ଗୋପନୀୟ ରଖିବେ ବୋଲି ଲିଖିତ ଆକାରରେ ଦେବେ ।

## ଚକୋଲେଟ ସନ୍ଦେଶ

ପ୍ରାୟ ଲୋକଙ୍କୁ ମିଠା ଖାଇବା ଭଲ ଲାଗିଥାଏ । ଏଥିପାଇଁ ସେମାନେ ବଜାରରୁ ମିଠା ଆଣି ଫ୍ରିଜରେ ରଖିଥାନ୍ତି । କିନ୍ତୁ ଏବେର ଅପମିଶ୍ରଣଯୁକ୍ତ ମିଠା ଖାଇବା ଠାରୁ ଭଲ ଘରେ ପ୍ରସ୍ତୁତ କରି ଖାଇବା। ଏଥିପାଇଁ ଆଜି ଆମେ ଆପଣଙ୍କୁ ଚକୋଲେଟ ସନ୍ଦେଶ କିପରି ପ୍ରସ୍ତୁତ କରାଯାଏ ସେ ବିଷୟରେ ଜଣାଇବୁ । ଆବଶ୍ୟକ ସାମଗ୍ରୀ: ଫ୍ରେସ ପନୀର ୧ କପ,ଚିନି ୧ ଟେବୁଲ ଚାମଚ,କୋକୋ ପାଉଡ଼ର ୧ ଟେବୁଲ ଚାମଚ,ଭାନିଲା ଏସେନ୍ସ ୧/୨ ଟେବୁଲ ଚାମଚ,ଡ୍ରାଏଫ୍ରୁଟସ ୨ ଟେବୁଲ ଚାମଚ,ଘିଅ ୧ ଚାମଚ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ପାତ୍ର ନିଅନ୍ତୁ । ସେଥିରେ କିଛି ପନୀର ଏବଂ ଚିନି ପକାଇ ଭଲ ଭାବେ ମିକ୍ସ କରନ୍ତୁ । ଏହା ପରେ ଏଥିରେ କୋକୋ ପାଉଡ଼ର ଏବଂ ଭାନିଲା ଆସେନ୍ସ ପକାଇ ନରମ ହେବା ପର୍ଯ୍ୟନ୍ତ ଫେଣ୍ଟନ୍ତୁ । ଏହା ପରେ ମିକ୍ସଚରକୁ ୮ ସମାନ ଭାଗରେ ବାଣ୍ଟି ଦିଅନ୍ତୁ ଏବଂ ହାତରେ ଅଳ୍ପ ଘିଅ ଲଗାଇ ଗୋଟେ ଗୋଟେ ଭାଗ ନେଇ ଗୋଲ ଗୋଲ କରି ଦବାନ୍ତୁ ଏବଂ ଏହା ଉପରେ କିଛି ଡ୍ରାଏ ଫ୍ରୁଟସ ରଖନ୍ତୁ । ଏହା ପରେ ଏହାକୁ ଅତି କମରେ ୩୦ ମିନିଟ ପର୍ଯ୍ୟନ୍ତ ଫ୍ରିଜରେ ସେଟ ହେବା ପାଇଁ ରଖିଦିଅନ୍ତୁ। ଏହା ପରେ ଏହାକୁ ବାହାର କରନ୍ତୁ ଏବଂ ଖାଇବାକୁ ଦିଅନ୍ତୁ ।



## ଖବର

# ୨୭ରେ ‘କାନ୍ଦ ମାଷ୍ଟ୍ରେ’



ଓଡ଼ିଶାରେ ସାଧାରଣତଃ ଝିଅମାନେ ବାପଘରୁ ବିଦାୟ ନେବା ବେଳେ ବାପା-ମା’ ଓ ବନ୍ଧୁବାନ୍ଧବଙ୍କୁ ଧରି କାନ୍ଦିଥାଆନ୍ତି। ତେବେ ଏହି ପରମ୍ପରା ଧୀରେଧୀରେ ଏକ ପ୍ରକାର ଲୋପ ପାଇବାକୁ ବସିଲାଣି। ଏବେ ଏଭଳି ଦୃଶ୍ୟ କମ୍ ଦେଖିବାକୁ ମିଳୁଛି। ଓଡ଼ିଶାର ଏହି ପରଂପରାକୁ ନେଇ ନିର୍ମିତ ହୋଇଛି ଓଡ଼ିଆ ଛବି ‘କାନ୍ଦ ମାଷ୍ଟ୍ରେ’। ବିଶ୍ୱକ୍ରି ଇତିଶ୍ରୀ ସିନେମା ବ୍ୟାନରରେ ନିର୍ମିତ ଏହି ଛବିର ପ୍ରଯୋଜନା ଓ ନିର୍ଦ୍ଦେଶନା ଭାର ଗ୍ରହଣ କରିଛନ୍ତି ବିଶ୍ୱଜିତ ପଣ୍ଡା ଏବଂ କ୍ରିଏଟିଭ ପ୍ରଡ୍ୟୁସର ଅଛନ୍ତି ଇତିଶ୍ରୀ ପାଣିଗ୍ରାହୀ। ଏହାର କାହାଣୀ ଓ ସଂଳାପ ଜଣାଶୁଣା ନାଟ୍ୟକାର ତଥା ସାମ୍ବାଦିକ ଜାକିର ଖାନ୍ ଲେଖିଥିବା ବେଳେ ଚିତ୍ରନାଟ୍ୟରେ ଅଛନ୍ତି ଜାକିର ଓ ନିର୍ଦ୍ଦେଶକ ବିଶ୍ୱଜିତ। ‘କାନ୍ଦ ମାଷ୍ଟ୍ରେ’ରେ ଲିପ୍ସା ମିଶ୍ର, ବିଭୁ ପ୍ରସାଦ, ପୃଥ୍ୱୀରାଜ ନାୟକ, ଧରିତ୍ରୀ ଖଣ୍ଡୁଆଳ ଓ ଶ୍ୱେତାଶ୍ରୀ ପାl ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଛନ୍ତି। ସ୍ୱର୍ଣ୍ଣ ପ୍ରସାଦ ସିନେମାଟୋଗ୍ରାଫି କରିଥିବା ବେଳେ ସମ୍ପାଦନା କରିଛନ୍ତି କୃତାର୍ଥ ଚିତ୍ତ□ରଞ୍ଜନ ନାଟେକର ଓ ମଣ୍ଟୁ। ବିକାଶ ଦାସ ଓ ଶାନ୍ତନୁ ନାୟକ ଏହାର ସ୍ୱର ସଂଯୋଜନା କରିଥିବା ବେଳେ ବାପୁ ଗୋସ୍ୱାମୀ ଓ ସନ୍ତୋଷ ନାୟକ ଗୀତ ରଚନା କରିଛନ୍ତି। ଚଳିତ ମାସ ୨୭ ତାରିଖରେ ଏହା ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ।

## ଈଶ୍ୱରଙ୍କ ଅନୁଭବ

ଜଣେ ଧାର୍ମିକ ବ୍ୟକ୍ତି ଥିଲେ । ଈଶ୍ୱରଙ୍କ ପ୍ରତି ତାଙ୍କର ଗଭୀର ଶ୍ରଦ୍ଧା ରହିଥିଲା । ସେ ମନରେ ପ୍ରଭୁଙ୍କର ଏକ ଚିତ୍ର ଆଙ୍କିଦେଇଥିଲେ । ଦିନେ ସେହି ବ୍ୟକ୍ତିଜଣକ ଡାକିଲେ, ହେ ଈଶ୍ୱର ମୋ ସହ କଥା ହୁଅନ୍ତୁ । ଏହି ସମୟରେ ଏକ ପକ୍ଷୀ ରାବ କଲା । କିନ୍ତୁ ସେ ଶୁଣିପାରିଲେ ନାହିଁ । ସେ ପୁଣି ଥରେ ଜୋର୍‌ରେ ଈଶ୍ୱରଙ୍କୁ ଡାକିଲେ । ଏହି ସମୟରେ ଆକାଶରେ କିଛି ବାଦଲ ଗର୍ଜିଲା । ସେ ବ୍ୟକ୍ତିଜଣଙ୍କ ଚାରି ଆଡ଼କୁ ଚାହିଁଲେ ଏବଂ କହିଲେ, ଭଗବାନ ଦୟାକରି ମୋ ସମ୍ମୁଖକୁ ଆସନ୍ତୁ । ସେ ଏତକ କହିବା କ୍ଷଣି ଆକାଶରୁ ବାଦଲ ହଟିଗଲା ଏବଂ ସୂର୍ଯ୍ୟ ଚମକିବାକୁ ଲାଗିଲେ । ଶେଷରେ ସେହି ବ୍ୟକ୍ତିଜଣକ ଖୁବ୍ ଜୋରରେ ଚିଲ୍ଲାଇ କହିଲେ ଭଗବାନ ମୋତେ କୌଣସି ଚମତ୍କାର ଦେଖାନ୍ତୁ । ଏହି ସମୟରେ ଏକ ଶିଶୁ ଜନ୍ମ ନେଲା ଏବଂ ତା’ର ପ୍ରଥମ ରୋଦନ ବ୍ୟକ୍ତିଜଣଙ୍କୁ ଶୁଣାଗଲା । କିନ୍ତୁ ସେ ସେଥିପ୍ରତି ଧ୍ୟାନ ଦେଲେ ନାହିଁ । ଏବେ ସେହି



ବ୍ୟକ୍ତିଜଣଙ୍କ କାନ୍ଦିବାକୁ ଲାଗିଲେ ଏବଂ ଭଗବାନଙ୍କୁ ପ୍ରାର୍ଥନା କରି କହିଲେ- ହେ ଭଗବାନ ମୋତେ ଥରେ ଛୁଇଁ ଦିଅନ୍ତୁ, ଯାହାଦ୍ୱାରା ମୁଁ ଜାଣିପାରିବି ଯେ ଆପଣ ମୋ ପାଖରେ ଅଛନ୍ତି ବୋଲି । ତାଙ୍କ କଥା ନସରୁଣୁ ପ୍ରଜାପତିଟିଏ ଆସି ତାଙ୍କ ହାତରେ ବସିଗଲା । କିନ୍ତୁ ବ୍ୟକ୍ତିଜଣକ ସେହି ପ୍ରଜାପତିକୁ ଉଡ଼ାଇ ଦେଲେ ଏବଂ ଉଦାସ ମନରେ ଆଗକୁ ଚାଲିଲେ । ଭଗବାନ ଏତେ ରୂପରେ ସେହି ବ୍ୟକ୍ତି ଜଣଙ୍କ ନିକଟରେ ପହଞ୍ଚିବାକୁ ଚେଷ୍ଟା କଲେ । କିନ୍ତୁ ସେ ଈଶ୍ୱରଙ୍କୁ ଚିହ୍ନି ପାରିଲେ ନାହିଁ । କାରଣ ତାଙ୍କ ମନରେ ଈଶ୍ୱରଙ୍କ ଅନୁଭବ ନଥିଲା । ଈଶ୍ୱର ପ୍ରତ୍ୟେକ ସ୍ଥାନରେ ରହିଛନ୍ତି । ସେ ଭିନ୍ନ ଭିନ୍ନ ରୂପରେ ଆମ ନିକଟକୁ ଆସିଥାନ୍ତି । ଆମେ କେବଳ ତାଙ୍କୁ ଚିହ୍ନି ପାରିବା ଆବଶ୍ୟକ

# ଉପକାରୀ ପାନମହୁରୀ

ବର୍ତ୍ତମାନ ସମୟରେ ଓଜନ ହ୍ରାସ କରିବା ଅତ୍ୟନ୍ତ କଷ୍ଟକର । କାରଣ ଅଫିସରେ ବସି କାମ କରିବା ମଧ୍ୟରେ, ଆପଣଙ୍କୁ ବ୍ୟାୟାମ ବା ଯୋଗ ପାଇଁ ସମୟ ବାହାର କରିବାକୁ ପଡ଼ିବ । ତେବେ ଚାଲିବାର ଅଭ୍ୟାସ ସଂପୂର୍ଣ୍ଣ ହ୍ରାସ ହୋଇଯାଇଛି । କାହିଁକି ନା ବସି ବସି ଜଙ୍କ ଫୁଡ ଖାଇବାର ଅଭ୍ୟାସ ଏମିତି ବଢିଗଲାଣି ଯେ ଏଭଳି ପରିସ୍ଥିତିରେ ମୋଟାପା ହ୍ରାସ କରିବା ଅତ୍ୟନ୍ତ କଷ୍ଟକର ହୋଇପଡିଛି । ଲୋକଙ୍କ ଓଜନ ଆହୁରି ବୃଦ୍ଧି ପାଇଛି । ଘରୁ କାମ କରୁଥିବା ଲୋକଙ୍କ ଶାରୀରିକ କାର୍ଯ୍ୟକଳାପ ଉପରେ ସଂପୂର୍ଣ୍ଣ ମାତ୍ରାରେ



ହ୍ରାସ ପାଇବାରେ ଲାଗିଛି । ଓଜନ ବଢିବା ସହିତ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖିବାକୁ ମିଳୁଛି । ଲୋକଙ୍କଠାରେ ହୃଦ୍‌ଘାତ, ଉଚ୍ଚ ରକ୍ତଚାପ, ମଧୁମେହ ଭଳି ରୋଗ ବୃଦ୍ଧି ପାଇବାରେ ଲାଗିଛି। ତଥାପି, ଯଦି ନିଜ ଖାଦ୍ୟର ଟିକିଏ ଯତ୍ନ ନିଆଯାଏ ତାହାଲେ, ମେଦବହୁଳତା ହ୍ରାସ କରାଯାଇ ପାରିବ । ତେବେ ଓଜନ ହ୍ରାସ କରିବା ପାଇଁ ଘରୋଇ ଉପଚାର ମଧ କରିପାରିବେ । ଆପଣଙ୍କ ରୋଷେଇ ଘରେ ଏପରି ଅନେକ ଜିନିଷ ଅଛି, ଯାହାକୁ ବ୍ୟବହାର କରି ଆପଣ ପେଟରେ ବଢୁଥିବା ଚର୍ବିକୁ ହ୍ରାସ କରିପାରିବେ । ସେଥିମଧ୍ୟରୁ ଗୋଟିଏ ହେଉଛି ଫେନେଲ, ଅର୍ଥାତ୍ ପାନମହୁରୀ ଯାହା ଆପଣଙ୍କ ଓଜନ ହ୍ରାସ ପାଇଁ ବ୍ୟବହାର କରିପାରିବେ । ପାନମହୁରୀରୁ କିପରି ଓଜନ ହ୍ରାସ ପାଇଁ ପାନୀୟ ପ୍ରସ୍ତୁତ କରିବେ ଜାଣନ୍ତୁ । ପାନମହୁରୀରୁ ପ୍ରସ୍ତୁତ କରନ୍ତୁ ଓଜନ ହ୍ରାସ ପାଇଁ ପାନୀୟ

ତେବେ ଓଜନ ହ୍ରାସ ପାଇଁ ପ୍ରଥମେ ପାନମହୁରୀକୁ ବ୍ୟବହାର କରିପାରିବେ । ଏହାକୁ ଚା ଭାବେ ତିଆରି କରି ପିଇପାରିବେ । ଏଥିପାଇଁ ଆବଶ୍ୟକ ଏକ ଛୋଟ ଚାମଚରେ ପାନମହୁରୀ ଏବଂ ପାଣି । ସର୍ବପ୍ରଥମେ, ଫୁଟାଇବା ପାଇଁ ୧ ଗ୍ଲାସ ପାଣି ରଖନ୍ତୁ । ପାଣି ଫୁଟିବା ପରେ ସେଥିରେ ଏକ ଚାମଚ ପାନମହୁରୀ ମିଶାଇ ଦିଅନ୍ତୁ । କିଛି ସମୟ ପରେ ଗ୍ୟାସ ବନ୍ଦ କରନ୍ତୁ । ବର୍ତ୍ତମାନ ସେହି ଜଳକୁ ୧ ମିନିଟ୍ ପାଇଁ ଘୋଡାଇ ରଖନ୍ତୁ । ଟିକେ ଥଣ୍ଡା ହେଲା ପରେ ଏହାକୁ ପିଅନ୍ତୁ ।

# ଅଙ୍ଗାରେଶ୍ୱର ମହାଦେବ ମନ୍ଦିର



ମଣିଷ ଜୀବନରେ ଅନେକ ସମସ୍ୟା ଲାଗି ରହିଥାଏ । ନିଜ ସମସ୍ୟା ଦୂର କରିବା ପାଇଁ ମଣିଷ ଭଗବାନଙ୍କ ଶରଣରେ ପଶିଥାଏ । ଲୋକମାନଙ୍କର ବିଭିନ୍ନ ସମସ୍ୟା ମଧ୍ୟରୁ ବିବାହ ଦୋଷ ବା ସମସ୍ୟା ଅନ୍ୟତମ । ଏହି ଦୋଷ ଲାଗିଲେ ସେ ପୁଅ ଅବା ଝିଅ ହେଉ ବିବାହରେ ବିଭିନ୍ନ ସମସ୍ୟା ଉପୁଜେ । ଏହି ଦୋଷ ଦୂର କରିବା ପାଇଁ ଲୋକମାନେ ଅନେକ ମନ୍ଦିରକୁ ଯାଆନ୍ତି । କିଛି ଲୋକଙ୍କ ସମସ୍ୟା ଦୂର ହୋଇଥାଏ ତ କିଛି ଲୋକଙ୍କ ସମସ୍ୟା ସମସ୍ୟାରେ ହିଁ ରହିଯାଏ । କାହାରି ଯଦି ଏପରି କିଛି ସମସ୍ୟା ରହିଛି ତେବେ ଏପରି ଏକ ସ୍ଥାନ ରହିଛି ଯେଉଁଠାରେ ସମସ୍ୟାର ସମାଧାନ ହୋଇଯିବ ବୋଲି ଆଶା କରାଯାଏ।

ଏଥର ଜାଣିବା ଏହି ବିଶେଷ ମନ୍ଦିରରେ ରହିଛି କଣ ଅଲୌକିକତା । ଉଜ୍ଜୟିନୀ ସହର ଯେଉଁଠାରେ ମହାଦେବ ପ୍ରତ୍ୟେକ କୋଣରେ ବାସ କରନ୍ତି ବୋଲି ବିଶ୍ୱାସ ରହିଛି। ପ୍ରତିଦିନ ଏଠାରେ କିଛି ନା କିଛି ଚମତ୍କାର ଦେଖିବାକୁ ମିଳେ । ଏହି ସହରରେ ଏକ ମନ୍ଦିର ଅଛି, ଯାହା ଅଙ୍ଗାରେଶ୍ୱର ମହାଦେବ ନାମରେ ପ୍ରସିଦ୍ଧ । ଏହି ମନ୍ଦିର ମଙ୍ଗଳନାଥ ମନ୍ଦିର ପଛରେ ଥିବା ଶିପ୍ରା କୂଳରେ ଅବସ୍ଥିତ । ଉଜ୍ଜୟିନୀ ନଗରୀରେ ୮୪ ମହାଦେବଙ୍କ ସମେତ ଅଙ୍ଗାରେଶ୍ୱର ମହାଦେବ ମନ୍ଦିର ବିଷୟରେ ସ୍କନ୍ଦ ପୁରାଣର ଅବନ୍ତିକା ବିଭାଗରେ ଉଲ୍ଲେଖ କରାଯାଇଛି । ପଣ୍ଡିତ ଯତୀନ ଶର୍ମାଙ୍କ ଅନୁଯାୟୀ ଏହି ମନ୍ଦିରର ଧାର୍ମିକ ମହତ୍ତ୍ୱ ରହିଛି । ବିଶ୍ୱାସ କରାଯାଏ ଯେ କେବଳ ଦର୍ଶନ ମାତ୍ରକେ ମଙ୍ଗଳ ଦୋଷର ପ୍ରଭାବ ଦୂର ହୋଇଯାଏ । ଏହା ବ୍ୟତୀତ ମଙ୍ଗଳବାର ପୂଜା କରିବା ଦ୍ୱାରା କୌଣସି କାର୍ଯ୍ୟରେ ବାଧା ଉପୁଜି ନଥାଏ । ଅଙ୍ଗାରେଶ୍ୱର ମନ୍ଦିରର ବିଶେଷତ୍ୱ ହେଉଛି, ଦୀପାବଳି ପରେ ପଡୁଥିବା ମଙ୍ଗଳବାର ବିଶେଷ ଭାବେ ଅନ୍ନକୁଟ ଲଗାଯାଇଥାଏ । ତେଣୁ ଦୂର ଦୂରାନ୍ତରୁ ଭକ୍ତମାନେ ମଙ୍ଗଳବାର ଦର୍ଶନ କରିବାକୁ ଆସିଥାନ୍ତି ଏବଂ ମଙ୍ଗଳ ଗ୍ରହର କୁପ୍ରଭାବରୁ ମୁକ୍ତି ପାଇଥାନ୍ତି ।

ବିବାହ ଦୋଷ ଦୂର ହୁଏ:

ଭଗବାନ ଅଙ୍ଗାରେଶ୍ୱର ମହାଦେବ ମନ୍ଦିରରେ ଭାତ ପୂଜାର ରହିଛି ବିଶେଷ ମହତ୍ତ୍ୱ । ଏଠାକାର ପଣ୍ଡିତଙ୍କ କହିବା ଅନୁସାରେ ଭାତ ପୂଜା କରିବା ଦ୍ୱାରା କଚେରି ସମସ୍ୟା ମଧ୍ୟ ସମାଧାନ ହୋଇଯାଏ । ଏହା ବ୍ୟତୀତ ସମ୍ପତ୍ତି ସମ୍ବନ୍ଧୀୟ କାର୍ଯ୍ୟରେ ମଧ୍ୟ ସଫଳତା ମିଳିଥାଏ । ନେତାମାନେ ମଧ୍ୟ ନିୟମିତ ଭାବେ ଅଙ୍ଗାରେଶ୍ୱର ମନ୍ଦିରରେ ପୂଜା କରିବାକୁ ଆସନ୍ତି । ଶୁଭ କାର୍ଯ୍ୟକଳାପରେ ବାଧାବିଘ୍ନର ସମ୍ମୁଖୀନ ହେଉଥିବା ଲୋକମାନେ ମଧ୍ୟ ପୂଜା କରିବାକୁ ଆସନ୍ତି । ବିଶ୍ୱାସ କରାଯାଏ ଯେ ଅଙ୍ଗାରେଶ୍ୱର ମହାଦେବ ମନ୍ଦିରରେ ଭାତପୂଜା କରିବା ଦ୍ୱାରା ବିବାହର ଦୋଷ ଦୂର ହୋଇଥାଏ ।

ସିନ୍ଦୂରରେ ହୋଇଥାଏ ଶୃଙ୍ଗାର:

ସିନ୍ଦୂର ଦ୍ୱାରା ଶୃଙ୍ଗାର କରାଯାଇଥିବା ଅଙ୍ଗାରେଶ୍ୱର ମହାଦେବ ମନ୍ଦିର ଶିପ୍ରା ନଦୀ କୂଳରେ ଅବସ୍ଥିତ । ପୁରାଣ ମାନ୍ୟତା ଅନୁସାରେ ମଙ୍ଗଳ ଗ୍ରହର ଜନ୍ମସ୍ଥାନ ହେଉଛି ଉଜ୍ଜୟିନୀ । ଏବଂ ଅଙ୍ଗାରେଶ୍ୱର ମହାଦେବ ହିଁ ଭୂମିପୁତ୍ର ମଙ୍ଗଳ । ଏଣୁ ଅଙ୍ଗାରେଶ୍ୱର ମହାଦେବଙ୍କୁ ମଙ୍ଗଳ ଦେବ ମଧ୍ୟ କୁହାଯାଏ । ମଙ୍ଗଳ ଗ୍ରହର ଶାନ୍ତି ପାଇଁ ଅଙ୍ଗାରେଶ୍ୱର ମହାଦେବଙ୍କ ସ୍ୱତନ୍ତ୍ର ପୂଜା କରାଯାଏ ଏବଂ ଏହା ଲାଭଦାୟକ ମଧ୍ୟ ହୋଇଥାଏ ।

# ନିୟମିତ ଖାଆନ୍ତୁ ଶୁଣ୍ଠି, ଏହି ସବୁ ରୋଗରୁ ମିଳିବ ମୁକ୍ତି

ଅଧିକାଂଶ ଘରେ ଖାଦ୍ୟ ପ୍ରସ୍ତୁତି ପାଇଁ ଅଦାର ବ୍ୟବହାର କରାଯାଇଥାଏ ।ଅଦାକୁ ବିଭିନ୍ନ ରୂପରେ ବ୍ୟବହାର କରାଯାଏ । ଶୁଖିଲା ଅଦାକୁ ଶୁଣ୍ଠି କୁହାଯାଏ । ଶୁଣ୍ଠି ଖାଇବା ଦ୍ୱାରା ଥଣ୍ଡାକାଶ ଓ ଗଳା ଦରଜ କମିବା



ସହ ପାଚନ ତନ୍ତ୍ର ସମସ୍ୟା ଦୂର ହୋଇଥାଏ । ଏହାବ୍ୟତୀତ ମୋଟାପଣ ମଧ କମ୍ ହୋଇଥାଏ । ଶୁଣ୍ଠି ଆଇରନ୍, ଫାଇବର, ସୋଡିୟମ୍, ଫେଲେଟ୍ ଏସିଡ୍, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍, ଭିଟାମିନ୍- ଏ, ଜିଙ୍କ୍ ଓ ଫ୍ୟାଟି ଏସିଡ୍ରେ ଭରପୂର ।ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ । ଯେଉଁମାନଙ୍କର ଆର୍ଥ୍ରାଇଟିସ୍ ସମସ୍ୟା ରହିଛି, ସେମାନେ ନିୟମିତ ଶୁଣ୍ଠି ଖାଇବା ଦ୍ୱାରା ଯନ୍ତ୍ରଣାରୁ ମୁକ୍ତି ପାଇପାରିବେ।

ଋତୁ ପରିବର୍ତ୍ତନରୁ ହେଉଥିବା ଥଣ୍ଡା-କାଶରୁ ରକ୍ଷା ପାଇବା ପାଇଁ ଶୁଣ୍ଠି ଗୁଣ୍ଡକୁ ହାଲ୍କା ଗରମ ପାଣି ସହ ପିଇପାରିବେ।

ଯେଉଁ ପରିବାକୁ ହଜମ କରିବା କଷ୍ଟ ହୋଇଥାଏ। ସେଥିରେ ହାଲ୍କା ଶୁଣ୍ଠିଗୁଣ୍ଡର ପ୍ରୟୋଗ କରିବା ଦ୍ୱାରା ତାହା ସହଜରେ ହଜମ ହୋଇଥାଏ।

ଶୁଣ୍ଠି ମେଟାବଲିଜିମ୍ ବଢାଇ ଓଜନ ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରିଥାଏ ।ଶୁଣ୍ଠିକୁ ଦୁଗ୍ଧରେ ମିଶାଇ ମିଶ୍ରଣକୁ ତ୍ୱଚାରେ ଲଗାଇ ୧୦ରୁ ୨୦ ମିନିଟ୍ ଯାଇ ଛାଡି ଦିଅନ୍ତୁ । ଶୁଖିବା ପରେ ଥଣ୍ଡା ପାଣିରେ ମୁହଁକୁ ଧୋଇ ନିଅନ୍ତୁ । ତ୍ୱଚାରେ ଚମକ ଆସିଥାଏ ।

# ମହିଳାଙ୍କୁ ଉଦ୍ୟୋଗୀ ଭାବେ ଗଢ଼ି ତୋଳିବାକୁ ପ୍ରାଥମିକତା

**ଭୁବନେଶ୍ୱର,୨୪।୨ (ମହାଭାରତ):** ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନଠାରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ମିଶନ ଶକ୍ତି ବିଭାଗ ଏବଂ ଓଡ଼ିଶା ଜୀବିକା ମିଶନର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଭାଗର ସମସ୍ତ ଶାଖାର କାର୍ଯ୍ୟକଳାପ ଓ ଜିଲ୍ଲାଭିତ୍ତିକ ପ୍ରଗତି ଉପରେ ସମୀକ୍ଷା କରାଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ଜିଲ୍ଲାର କାର୍ଯ୍ୟକଳାପ ଉପରେ ସମୀକ୍ଷା କରିଛନ୍ତି। ଚଳିତ ଆର୍ଥିକ ବର୍ଷର ସଫଳତା, ବିଭିନ୍ନ ଯୋଜନାର ପ୍ରଗତି, ବ୍ୟାଙ୍କ ଋଣ, ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସୁଧ ଫେରସ୍ତ, ମହିଳାମାନଙ୍କୁ ଉଦ୍ୟୋଗପତି ଭାବେ ଗଢି ସେମାନଙ୍କ ଆୟବୃଦ୍ଧି କରିବା ସମ୍ପର୍କିତ ପଦକ୍ଷେପଗୁଡ଼ିକୁ ସେ ପର୍ଯ୍ୟବେକ୍ଷଣ କରିଛନ୍ତି।



ଜିଲ୍ଲା ସ୍ତରୀୟ କର୍ମକର୍ତ୍ତା ମାନଙ୍କୁ ସମ୍ବୋଧିତ କରି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ମିଶନ ଶକ୍ତି ବିଭାଗ ମାଧ୍ୟମରେ ଓଡ଼ିଶାର ଲକ୍ଷାଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ଯୋଡ଼ି ଆର୍ଥିକ, ସାମାଜିକ ଓ ଡିଜିଟାଲ ଭାବେ ସଶକ୍ତ ହୋଇପାରିଛନ୍ତି । ଏହି ବିଭାଗ ମହିଳାମାନଙ୍କୁ କେବଳ ଆତ୍ମନିର୍ଭର କରିବାରେ ସୀମିତ ରହିନାହିଁ, ସେମାନଙ୍କୁ ସଫଳ ଉଦ୍ୟୋଗୀ ଓ ସମାଜର ଅଗ୍ରଗାମୀ ନେତୃତ୍ୱ ଭାବେ ଗଢ଼ି ତୋଳିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଅଛି । ମିଶନ ଶକ୍ତି ଆଜି ମହିଳା ସଶକ୍ତିକରଣର ଏକ ଶକ୍ତିଶାଳୀ ଆନ୍ଦୋଳନରେ ପରିଣତ ହୋଇଛି, ଯାହା ମହିଳାମାନଙ୍କ ଜୀବନମାନ ଉନ୍ନତି ସହିତ ରାଜ୍ୟର ଆର୍ଥିକ ଉନ୍ନତିରେ ମଧ୍ୟ ମୂଲ୍ୟବାନ ଅବଦାନ ରଖୁଛି। ମହିଳାମାନଙ୍କୁ ଉଦ୍ୟୋଗୀ ଭାବେ ଗଢି ଅଧିକରୁ ଅଧିକ 'ଲକ୍ଷପତି ଦିଦି' ଏବଂ 'ମହାଲକ୍ଷପତି ଦିଦି' ପରିଣତ କରିବା ସରକାରଙ୍କ ପ୍ରାଥମିକ ଲକ୍ଷ୍ୟ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ମତ ରଖିଛନ୍ତି। ଏଥି ପାଇଁ ଆସନ୍ତା ଆର୍ଥିକ ବର୍ଷରେ ବଜାର ସଂଯୋଗ, ଦକ୍ଷତା ବୃଦ୍ଧି, ପ୍ରଶିକ୍ଷଣ, ଆର୍ଥିକ ସହାୟତା ଓ ଡିଜିଟାଲ ସଶକ୍ତିକରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ । ଏହି ପଦକ୍ଷେପଗୁଡ଼ିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କୁ ସ୍ଥାୟୀ ଜୀବିକା ଓ ସୁଦୃଢ଼ ଆର୍ଥିକ ସ୍ଥିତି ପ୍ରଦାନ କରିବ। ବୈଠକରେ ଚଳିତ ଆର୍ଥିକ ବର୍ଷର ଲକ୍ଷ୍ୟ ପୂରଣ ସହ ଆସନ୍ତା ଆର୍ଥିକ ବର୍ଷ ପାଇଁ ନିର୍ଦ୍ଧାରିତ ପ୍ରଥମିକତା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା, ଯାହା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଆର୍ଥିକ ଭାବେ ଆହୁରି ସଶକ୍ତ କରିବା ସହିତ ଉଦ୍ୟୋଗି ଭାବେ ପ୍ରତିଷ୍ଠିତ କରିବ। ଏହି ସମୀକ୍ଷା ବୈଠକରେ ମିଶନ ଶକ୍ତି ବିଭାଗର କମିଶନର-ତଥା-ସଚିବ ସୁଶ୍ରୀ ମାନସୀ ନିମ୍ଭାଲ, ନିର୍ଦ୍ଦେଶିକା ଡ଼. ମୋନିକା ପ୍ରିୟଦର୍ଶିନୀଙ୍କ ସମେତ ମିଶନ ଶକ୍ତି ବିଭାଗ ଏବଂ ଓଡ଼ିଶା ଜୀବିକା ମିଶନର ବରିଷ୍ଠ ଅଧିକାରୀ ଏବଂ ସମସ୍ତ ଜିଲ୍ଲାର ଅଧିକାରୀମାନେ ଉପସ୍ଥିତ ଥିଲେ। ମହିଳା ସଶକ୍ତିକରଣ, ମହିଳା ନେତୃତ୍ୱାଧୀନ ବିକାଶ ଏବଂ ମହିଳାମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବା ଦିଗରେ ମିଶନ ଶକ୍ତି ବିଭାଗର ଏହି ସମୀକ୍ଷା ବୈଠକ ଏକ ଦୃଢ଼ ପଦକ୍ଷେପ ବୋଲି ଆଶା କରାଯାଇଛି ।

# ମାତୃଭାଷା ହିଁ ଆମ ଅସ୍ତିତ୍ୱ ଓ ଆମ ଅସ୍ମିତା

**ଭୁବନେଶ୍ୱର,୨୪।୨ (ମହାଭାରତ):** ବିଶ୍ୱ ଓଡ଼ିଆ ପରିବାର' ପକ୍ଷରୁ ଶନିବାର ଭୁବନେଶ୍ୱରଠାରେ 'ବିଶ୍ୱ ମାତୃଭାଷା



ଦିବସ' ପାଳିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠାନର ଅଧ୍ୟକ୍ଷ ସଜ୍ଜନ ଶର୍ମାଙ୍କ ଅଧ୍ୟକ୍ଷତାରେ ଏକ 'ଭାବ ବିନିମୟ ସଭା' ଅନୁଷ୍ଠିତ ହୋଇଥିଲା। ଏହି ସଭାରେ 'ଆମ ଅସ୍ମିତା ଆମ ଅସ୍ତିତ୍ୱ, ଆମ ଭାଷା ଆମ ଦାୟିତ୍ୱ' ଶୀର୍ଷକ ଆଲୋଚନା ଚକ୍ରରେ ବିଶିଷ୍ଟ ବକ୍ତାମାନେ ମାତୃଭାଷା କିଭଳି ଆମ ଅସ୍ତିତ୍ୱ ଆମ ଅସ୍ମିତାର ପ୍ରତୀକ, ତାହା ଉପରେ ଆଲୋକପାତ କରିଥିଲେ। ଏଭଳି ପରିସ୍ଥିତିରେ ଆମ ଭାଷାକୁ ରକ୍ଷା କରିବା ଆମର ସର୍ବପ୍ରଧାନ କର୍ତ୍ତବ୍ୟ ଅଟେ। ବିଶେଷ କରି ଓଡ଼ିଶା ସରକାର ଓଡ଼ିଆ ଭାଷା ସାହିତ୍ୟ ପ୍ରତି ଯେଉଁ ସବୁ ପଦକ୍ଷେପ ନେଉଛନ୍ତି, ତାହା ବିଶ୍ୱ ଓଡ଼ିଆ ପରିବାର ସାକାର କରିବା ଦିଗରେ ନିଜର ଅଙ୍ଗୀକାରବଦ୍ଧତା ପ୍ରକାଶ କରିଥିଲା। 'ବିଶ୍ୱ ଓଡ଼ିଆ ପରିବାର' ନୟାପଲ୍ଲୀସ୍ଥିତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ସଭାରେ ସର୍ବଶ୍ରୀ ଡାକ୍ତର ପ୍ରତାପ ପାଣି, ଶ୍ରମିକ ନେତା କୃଷ୍ଣଚନ୍ଦ୍ର ମିଶ୍ର, ସାହିତ୍ୟିକ ମନୋରଂଜନ ଷଡଙ୍ଗୀ, ଶଶୀଭୂଷଣ ରଥ, କଳିଙ୍ଗ ଟିଭିର ସୃଜନାତ୍ମକ ନିର୍ଦ୍ଦେଶକ ରକ୍ଷକ ନାୟକ, ସୌମେନ୍ଦ୍ର ଜେନା, ସାହିତ୍ୟିକ ସାଧୁଚରଣ ବେହେରା ଅଂଶଗ୍ରହଣ କରିଥିଲେ।

# ଭୁବନେଶ୍ୱରରୁ ଜାପାନ ଯାତ୍ରାରେ ଗଲେ 'ଭାରତ ନେତ୍ର' କାର୍ଯ୍ୟକ୍ରମର ପ୍ରଥମ ବ୍ୟାଚ୍ ଛାତ୍ରଛାତ୍ରୀ

**ଭୁବନେଶ୍ୱର,୨୪।୨ (ମହାଭାରତ):** ଓଡ଼ିଶା ସରକାର ଓ ସିଙ୍ଗାପୁରର ଜିଏଫଟିଏନ ର ମିଳିତ ଉଦ୍ୟମରେ ଆୟୋଜିତ ବ୍ଲାକ ସ୍ୱାନ ସମ୍ମିଳନୀ ପରେ 'ଭାରତ ନେତ୍ର' କାର୍ଯ୍ୟକ୍ରମରେ ଚୟନିତ ପ୍ରଥମ ବ୍ୟାଚ୍‌ର ୭ ଜଣ ଛାତ୍ରଛାତ୍ରୀ ପ୍ରଶିକ୍ଷଣ ନିମନ୍ତେ ଆଜି ଭୁବନେଶ୍ୱରରୁ ଜାପାନର ଟୋକିଓ ସହରକୁ ଯାତ୍ରା କରିଛନ୍ତି। ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏକ ସୋସିଆଲ ମିଡିଆ ପୋଷ୍ଟ ଜରିଆରେ ଏହି ସୂଚନା ଦେଇଛନ୍ତି। ଜିଏଫଟିଏନ ସିଙ୍ଗାପୁରର ସିଇଓ ସ୍ୱପ୍ନେନ୍ଦୁ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି ଛାତ୍ରଛାତ୍ରୀମାନେ ଟୋକିଓରେ ଆୟୋଜିତ 'ଏମୟୁଏଫଜି ୟଙ୍ଗ ଇନୋଭେଟର୍ସ ' ଯାତ୍ରା କାର୍ଯ୍ୟକ୍ରମରେ ଯୋଗଦେବେ। ଜାପାନର ସର୍ବବୃହତ ବ୍ୟାଙ୍କ ଏମୟୁଏଫଜି ଦ୍ୱାରା ପ୍ରାୟୋଜିତ ଏହି ୧୫ ଦିନିଆ କାର୍ଯ୍ୟକ୍ରମରେ ସେମାନେ ଜିଏଫଟିଏନ ଜାପାନ ଫୋରମ ଅନୁସନ୍ଧାନ କରିବା ସହ ଜାପାନର ଫିନ୍‌ଟେକ୍ ଓ ଇନ୍ସୁରୋଟେକ୍ ପରିବେଶ ବିଷୟରେ ଅଧ୍ୟୟନ କରିବେ। ସେଥିପାଇଁ ଟୋକିଓସ୍ଥିତ ଭାରତୀୟ ଦୂତାବାସରେ ନିଜମାନଙ୍କର ବିଜୟୀ 'କ୍ୟାପଷ୍ଟନ ପ୍ରଜେକ୍ଟରେ ' ପ୍ରଦର୍ଶନ କରିବେ। ଏହି ପ୍ରୟାସ ଅଧୀନରେ ଆଗାମୀ ଦିନରେ ୭



ହଜାରରୁ ଅଧିକ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେବା ଲକ୍ଷ୍ୟ ରହିଛି, ଯାହା ମାଧ୍ୟମରେ ସେମାନେ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ଅବଦାନ ରଖିପାରିବେ। ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ଏହି ପ୍ରୟାସ ପାଇଁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନକୁ କୃତଜ୍ଞତା ଜଣାଇଥିବା ସହ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଓ ରାଜ୍ୟର ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ମଧ୍ୟ ଧନ୍ୟବାଦ୍ ଜଣାଇଛନ୍ତି। ଜାପାନ ଯାତ୍ରାରେ ଯାଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ସେ ଅଭିନନ୍ଦନ ଜଣାଇ ସେମାନଙ୍କର ସୁରକ୍ଷିତ ଓ ସଫଳ ଯାତ୍ରା ପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

# ଅପରେସନ ସାଇବର କବଚରେ ୧୪୬ଜଣ ଗିରଫ

**ଭୁବନେଶ୍ୱର,୨୪।୨ (ମହାଭାରତ):** ସାଇବର ଅପରାଧ ଉପରେ ଲଗାମ ଲଗାଇବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ଆରମ୍ଭ ହୋଇଥିବା 'ଅପରେସନ ସାଇବର କବଚ' ଜୋରଦାର ଭାବେ ଜାରି ରହିଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଏହି ବିଶେଷ ଅଭିଯାନକୁ ରାଜ୍ୟ ସାରା ତ୍ୱରାନ୍ୱିତ କରାଯାଇଛି। ଜିଲ୍ଲା ଏସ୍.ପି. ଓ ଡି.ସି.ପି.ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ସାଇବର କ୍ରାଇମ୍ ୟୁନିଟ୍‌ମାନଙ୍କ ଦ୍ୱାରା ଏହି ଅଭିଯାନ ପରିଚାଳିତ ହେଉଛି। ସମଗ୍ର କାର୍ଯ୍ୟକ୍ରମକୁ ସାଇବର କ୍ରାଇମ୍ ୟୁନିଟ୍, ସିଆଇଡି କ୍ରାଇମ୍ ବ୍ରାଂଚ ସମନ୍ୱୟ କରୁଛି। ସାଇବର ଅପରାଧୀଙ୍କ ଆର୍ଥିକ ଢାଂଚାକୁ ସମୂଳେ ଧ୍ୱଂସ କରିବା ହେଉଛି 'ଅପରେସନ ସାଇବର କବଚ'ର ମୁଖ୍ୟ ଲକ୍ଷ୍ୟ।

ଏପର୍ଯ୍ୟନ୍ତ 'ଅପରେସନ ସାଇବର କବଚ' ଅଧୀନରେ ସମଗ୍ର ରାଜ୍ୟରେ ମୋଟ ୨,୦୬୭ଟି ମ୍ୟୁଲ୍ (ବେନାମୀ) ବ୍ୟାଙ୍କ ଆକାଉଂଟ ଯାଂଚ କରାଯାଇଛି। ଏହା ସହ ମ୍ୟୁଲ୍ ବ୍ୟାଙ୍କ ଆକାଉଂଟ ସମ୍ପର୍କିତ ୧୬୬ଟି ସାଇବର ମାମଲା, ଚେକ୍ ଉଠାଣ ସମ୍ପର୍କିତ ୭ଟି ମାମଲା ଏବଂ ନକଲି ସିମ୍ ପିଓଏସ୍ ସମ୍ପର୍କିତ ୭ଟି ମାମଲା ରୁଜୁ କରାଯାଇଛି। ଏହି ସମସ୍ତ ମାମଲାରେ ମୋଟ ୧୪୬ଜଣ ଅଭିଯୁକ୍ତ ଗିରଫ ହୋଇଥିବା ସହ ୬୦୯ଜଣ ସନ୍ଦିଗ୍ଧ ସହାୟକ ଓ ଆକାଉଂଟଧାରୀଙ୍କୁ (ନୂତନ ମାମଲା ଓ ୬୯ଟି ପୁରୁଣା ଏଫ୍.ଆଇ.ଆର ସମ୍ପର୍କିତ) ଆଇନଗତ ନୋଟିସ୍ ଜାରି କରାଯାଇଛି।

ଏହି ଅଭିଯାନରେ ଜଗତସିଂହପୁର ଜିଲ୍ଲା ପୋଲିସ ୨ଟି ବେନାମୀ ଆକାଉଂଟ ଯାଂଚ କରି ୧ଟି ସାଇବର ମାମଲା ରୁଜୁ କରିଛି। ଯାଜପୁର ଜିଲ୍ଲା ପୋଲିସ ୪୭ଟି ଆକାଉଣ୍ଟ ଯାଞ୍ଚ କରି ୧ଟି ମାମଲା ରୁଜୁ କରି ୧ଜଣଙ୍କୁ ନୋଟିସ୍ ଜାରି କରିଛି। କେନ୍ଦ୍ରାପଡ଼ା ଜିଲ୍ଲା ପୋଲିସ ୭୧ଟି ଆକାଉଂଟ ଯାଂଚ କରି ୯ଟି ମାମଲା ରୁଜୁ କରି ୪୯ଜଣଙ୍କୁ ନୋଟିସ୍ ଜାରି କରିଛି। ଖୋର୍ଦ୍ଧା ଜିଲ୍ଲା ପୋଲିସ ୩୫ଟି ଆକାଉଂଟ ଯାଂଚ କରି ୩ଟି ମାମଲା ରୁଜୁ କରି ୨ଜଣଙ୍କୁ ନୋଟିସ୍ ଜାରି କରିଛି। ନୟାଗଡ଼ ଜିଲ୍ଲା ପୋଲିସ ୫ଟି ଆକାଉଂଟ ଯାଂଚ କରି ପୁରୁଣା ମାମଲାରେ ୫ଜଣଙ୍କୁ ନୋଟିସ୍ ଜାରି କରିଛି।

ସେହିପରି ଝାରସୁଗୁଡ଼ା ଜିଲ୍ଲା ପୋଲିସ ୩ଟି ଆକାଉଂଟ ଯାଂଚ କରି ୧ଟି ମାମଲା ରୁଜୁ କରି ୩ଜଣଙ୍କୁ ନୋଟିସ୍ ଜାରି କରିଛି। ସମ୍ବଲପୁର ଜିଲ୍ଲା ପୋଲିସ ୫୧ଟି ଆକାଉଂଟ ଯାଂଚ କରି ୧୪ଟି ମାମଲା ରୁଜୁ କରି ୧୯ଜଣ ଅଭିଯୁକ୍ତ ଗିରଫ କରିଥିବା ସହ ୩୮ଜଣଙ୍କୁ ନୋଟିସ୍ ଜାରି କରିଛି। କେନ୍ଦୁଝର ଜିଲ୍ଲା ପୋଲିସ ୧୦ଟି ଆକାଉଂଟ ଯାଂଚ କରି ୭ଟି ମାମଲା ରୁଜୁ କରି ୮ଜଣ ଅଭିଯୁକ୍ତ ଗିରଫ କରି ୬ଜଣଙ୍କୁ ନୋଟିସ୍ ଜାରି କରିଛି। ରାଉରକେଲା ଜିଲ୍ଲା ପୋଲିସ ୬୨ଟି ଆକାଉଂଟ ଯାଂଚ କରି ୪ଟି ମାମଲା ରୁଜୁ କରି ୨ଜଣଙ୍କୁ ନୋଟିସ୍ ଜାରି କରିଛି। ସୁନ୍ଦରଗଡ଼ ଜିଲ୍ଲା ପୋଲିସ ୪୪ଟି ଆକାଉଂଟ ଯାଂଚ କରି ୨ଟି ମାମଲା ରୁଜୁ କରି ୩ଜଣଙ୍କୁ ନୋଟିସ୍ ଜାରି କରିଛି। ବାଲେଶ୍ୱର ଜିଲ୍ଲା ପୋଲିସ ୧୦ଟି ଆକାଉଂଟ ଯାଂଚ କରି ୩ଟି ମାମଲା ରୁଜୁ କରି ୧୦ଜଣଙ୍କୁ ନୋଟିସ୍ ଜାରି କରିଛି। ଭଦ୍ରକ ଜିଲ୍ଲା ପୋଲିସ ୧୪ଟି ଆକାଉଂଟ ଯାଞ୍ଚ କରି ୧ଟି ମାମଲା ରୁଜୁ କରି ୧ଜଣଙ୍କୁ ନୋଟିସ୍ ଜାରି କରିଛି। ମୟୂରଭଞ୍ଜ ଜିଲ୍ଲା ପୋଲିସ ୪୩ଟି ଆକାଉଂଟ ଯାଂଚ କରି ୯ଟି ମାମଲା ରୁଜୁ କରି ୪୩ଜଣଙ୍କୁ ନୋଟିସ୍ ଜାରି କରିଛି। ଏହା ସହ ଗଜପତି ଜିଲ୍ଲା ପୋଲିସ ୩ଟି ଆକାଉଂଟ ଯାଂଚ କରି ୧ଟି ମାମଲା ରୁଜୁ କରିଛି। ଗଞ୍ଜାମ ଜିଲ୍ଲା ପୋଲିସ ୨୫ଟି ଆକାଉଂଟ ଯାଂଚ କରି ୫ଟି ମାମଲା ରୁଜୁ କରି ନୂତନ ଓ ପୁରୁଣା ମାମଲାରେ ୧୦ଜଣଙ୍କୁ ନୋଟିସ୍ ଜାରି କରିଛି। କଳାହାଣ୍ଡି ଜିଲ୍ଲା ପୋଲିସ ୨୯ଟି ଆକାଉଂଟ ଯାଂଚ କରି ମ୍ୟୁଲ୍ ଆକାଉଂଟ ସମ୍ପର୍କିତ ୩ଟି ଓ ଚେକ୍ ଉଠାଣ ସମ୍ପର୍କିତ ୧ଟି ମାମଲା ରୁଜୁ କରି ୧ଜଣ ଅଭିଯୁକ୍ତ ଗିରଫ କରିଛି ଏବଂ ୧୮ଜଣଙ୍କୁ ନୋଟିସ୍ ଜାରି କରିଛି।

# ବିଏମ୍‌ସିର ସ୍ୱଚ୍ଛ ସର୍ବେକ୍ଷଣରେ ସାମିଲ ୧୫୦ ଶିକ୍ଷାନୁଷ୍ଠାନ

**ଭୁବନେଶ୍ୱର,୨୪।୨ (ମହାଭାରତ):** ସ୍ୱଚ୍ଛ ସର୍ବେକ୍ଷଣ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି)ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ଭୁବନେଶ୍ୱରରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ପରିମଳ ବ୍ୟବସ୍ଥା ଯେପରି ସୁଚାରୁରୂପେ ପରିଚାଳନା ହୋଇପାରିବ, ସେ ନେଇ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ଉପାୟରେ ସଚେତନ କରାଯାଉଛି । ବର୍ଷତମାମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ୱଚ୍ଛତା ସଂପର୍କିତ ବିଭିନ୍ନ କ୍ୱିଜ୍, ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ, ବର୍ଜ୍ୟରୁ କଳାକୃତି ବା ୱେଷ୍ଟ ଟୁ ଆର୍ଟ, ନୃତ୍ୟ,ଏକକ ଅଭିନୟ, ଆଦି ପ୍ରତିଯୋଗିତା ବିଦ୍ୟାଳୟ ସ୍ତରରୁ ଆରମ୍ଭ କରି ମହାନଗରସ୍ତର ପର୍ଯ୍ୟନ୍ତ ସଂଗଠିତ କରାଯାଉଛି । ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗୀ ମନୋଭାବ ସୃଷ୍ଟି କରିବା ପାଇଁ ବର୍ଜ୍ୟରୁ କଳାକୃତି ପ୍ରଦର୍ଶନୀ ବିଦ୍ୟାଳୟ, କ୍ଲଷ୍ଟର, ଜୋନ୍ ଓ ବିଏମ୍ ସିସ୍ତର ମଧ୍ୟରେ ଆୟୋଜନ କରାଯାଉଛି । ଏହି ପ୍ରଦର୍ଶନୀରେ ଶ୍ରେଷ୍ଠ କଳାକୃତି ପାଇଁ ଛାତ୍ରଛାତ୍ରୀ, ବିଦ୍ୟାଳୟକୁ



ମଧ୍ୟ ପୁରସ୍କୃତ କରାଯାଉଛି ।

ସଂପ୍ରତି ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଆଇଇସି କାର୍ଯ୍ୟକ୍ରମ ଜାରି ରହିଛି । ଭୁବନେଶ୍ୱରେ ୧୫୦ରୁ ଅଧିକ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଚାଲୁ ରହିଛି । ସ୍ୱେଚ୍ଛାସେବୀ ସଂଗଠନ ଫିଡ୍ ବ୍ୟାକ୍, ବେସିକ୍ସ ମ୍ୟୁନିସପାଲ ୱେଷ୍ଟ ଭେନ୍ଚର ଏବଂ ବିକାଶ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସେମାନଙ୍କର ସ୍ୱଚ୍ଛତା କାର୍ଯ୍ୟକ୍ରମ ଜାରି ରଖିଛନ୍ତି । ମୁଖ୍ୟତଃ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସଚେତନ କରାଇବା ସହ ସେମାନଙ୍କ ମଧ୍ୟରେ ପ୍ରତିଯୋଗୀ ମନୋଭାବ ସୃଷ୍ଟି କରିବା ପାଇଁ କାର୍ଯ୍ୟକ୍ରମ ଜାରି ରହିଛି । ବର୍ତ୍ତମାନ ସୁଦ୍ଧା ଫିଡ୍ ବ୍ୟାକ୍ ୩୫ଟି ବିଦ୍ୟାଳୟରେ, ବେସିକ୍ସ ମ୍ୟୁନିସପାଲ ୱେଷ୍ଟ ଭେନ୍ଚର ୩୯ଟି ଏବଂ ବିକାଶ ୩୭ ଟି, ଏପରି ମୋଟ ୧୧୧ଟି ବିଦ୍ୟାଳୟରେ ସ୍ୱଚ୍ଛ ସଚେତନତା, ବିଭିନ୍ନ ପ୍ରତିଯୋଗିତା, ଡଷ୍ଟବିନ୍ ରଖିବା, ବର୍ଜ୍ୟ ପରିଚାଳନା ଆଦି କାର୍ଯ୍ୟ କାର୍ଯ୍ୟକ୍ରମ ସଂପର୍କରେ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସଚେତନ କରାଇଛନ୍ତି । ପ୍ରତି ସ୍କୁଲରେ ଜଣେ ଜଣେ ଛାତ୍ର କିମ୍ବା ଛାତ୍ରୀଙ୍କୁ ବିଦ୍ୟାଳୟର ଆମ୍ବାସଡର କରାଯାଇଛି । ଆଗାମୀ ଦିନରେ ଆହୁରି ପ୍ରାୟ ୫୦ଟି ବିଦ୍ୟାଳୟରେ ଆଇଇସି କାର୍ଯ୍ୟକ୍ରମ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ମୋଟ ପାଖାପାଖି ୨୦ ହଜାର ଛାତ୍ରଛାତ୍ରୀଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହା ଦ୍ୱାରା ଛାତ୍ରଛାତ୍ରୀଙ୍କ ସହ ସେମାନଙ୍କର ପରିବାର ସଦସ୍ୟ ମଧ୍ୟ ସ୍ୱଚ୍ଛ ସର୍ବେକ୍ଷଣ କାର୍ଯ୍ୟରେ ସାମିଲ ହୋଇପାରିବେ ବୋଲି କହିଛନ୍ତି ମାନନୀୟା ମେୟର ଶ୍ରୀମତୀ ସୁଲୋଚନା ଦାସ ଓ କମିଶନର ଶ୍ରୀ ଚଂଚଳ ରାଣା । ତେଣୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଛି ।

# କଠିନ ପରିଶ୍ରମ ଓ ନୂତନ ଚିନ୍ତାଧାରା ପ୍ରକୃତ ସଫଳତାର ଚାବିକାଠି

**ଭୁବନେଶ୍ୱର,୨୪।୨ (ମହାଭାରତ):** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ୧୩୧ତମ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ରତନପୁରର ଯୁବ ଚାଷୀ ହୀରୋଦ ପଟେଲଙ୍କ ନିଆରା ଓ ଅଭିନବ କୃଷି ପ୍ରଣାଳୀକୁ ପ୍ରଶଂସା କରି ଓଡ଼ିଶାକୁ ଗର୍ବିତ କରିଛନ୍ତି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ ସେ କହିଛନ୍ତି ଯେ, କଠିନ ପରିଶ୍ରମ ଓ ନୂତନ ଚିନ୍ତାଧାରା ହିଁ ପ୍ରକୃତ ସଫଳତାର ଚାବିକାଠି । ହୀରୋଦ ନିଜ ପିତା ଶିବ ଶଙ୍କର ପଟେଲଙ୍କ ସହ ମିଶି ପାରମ୍ପରିକ ଧାନ ଚାଷ ସହ ଆଧୁନିକ ଜ୍ଞାନକୌଶଳକୁ ଆପଣାଇ ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି । ପୋଖରୀରେ ମତ୍ସ୍ୟ ଚାଷ କରିବା ସହ ତା' ଉପରେ ଭାଡ଼ି କରି ଲାଉ ଓ ବିଭିନ୍ନ ପ୍ରକାରର ପନିପରିବା ଚାଷ କରି ସେ ନିଜେ ସ୍ୱାବଲମ୍ବୀ ହୋଇପାରିଛନ୍ତି । ଅନ୍ୟମାନଙ୍କୁ ରୋଜଗାର ଦେଇ ସେ ଯୁବ ସମାଜ ପାଇଁ ଏକ ଆଦର୍ଶ ସାଜିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଏହି ବାର୍ତ୍ତା କୃଷିକୁ ବୃତ୍ତି ଭାବେ ଗ୍ରହଣ କରିବାକୁ ଚାହୁଁଥିବା ଯୁବପିଢିଙ୍କୁ ନିଶ୍ଚିତ ଭାବେ ପ୍ରେରିତ କରିବ ।

ଶ୍ରୀ ପ୍ରଧାନ ଆହୁରି ମଧ୍ୟ କହିଛନ୍ତି ଯେ, ସମ୍ପ୍ରତି ଅନୁଷ୍ଠିତ 'ଏଆଇ ଇମ୍ପାକ୍ଟ ସମିଟ'ରେ ଭାରତର ନବସୃଜନ କ୍ଷମତା ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ଅମୂଲ ବୁଥରେ ଏଆଇ ଆଧାରିତ ସମାଧାନ ଜରିଆରେ କିପରି ୨୪ ଘଂଟିଆ ସହାୟତା ମିଳୁଛି ଏବଂ ଚାଷୀମାନେ ଡାଏରୀ ପରିଚାଳନା ଓ ପଶୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ସଶକ୍ତ ହେଉଛନ୍ତି, ତାହା ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତାରେ ପ୍ରତିଫଳିତ ହୋଇଛି । ଏଥିସହ ଏଆଇ ମାଧ୍ୟମରେ ଆମର ପ୍ରାଚୀନ ଗ୍ରନ୍ଥ, ଜ୍ଞାନ ପରମ୍ପରା ଏବଂ ପାଣ୍ଡୁଲିପିର ସଂରକ୍ଷଣ ଭାରତର ସାଂସ୍କୃତିକ-ବୈଷୟିକ ଶକ୍ତିର ପରିଚୟ ଦେଉଛି ।

ଶେଷରେ, ପରୀକ୍ଷା ଦେବାକୁ ଯାଉଥିବା ବିଦ୍ୟାର୍ଥୀମାନଙ୍କୁ ଶ୍ରୀ ପ୍ରଧାନ 'ପରୀକ୍ଷା ଯୋଦ୍ଧା' ଭାବେ ସମ୍ବୋଧିତ କରିଛନ୍ତି । ସେ କହିଛନ୍ତି ଯେ ପରୀକ୍ଷା ସମୟରେ ମନରେ ଆଶଙ୍କା ଓ ଦ୍ୱନ୍ଦ ଆସିବା ସ୍ୱାଭାବିକ, କିନ୍ତୁ ସଫଳତାର ମାପକାଠି କେବଳ ମାର୍କ ନୁହେଁ । ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ଅନୁଯାୟୀ, ବିଦ୍ୟାର୍ଥୀମାନେ ଧୈର୍ଯ୍ୟ ଏବଂ ନିରନ୍ତର ଶିଖିବାର ମନୋଭାବ ଉପରେ ଗୁରୁତ୍ୱ ଦେବା ଉଚିତ । ଶାନ୍ତ ମନରେ ନିଜ ପ୍ରସ୍ତୁତି ଉପରେ ଭରସା ରଖିବା ଏବଂ ପରିବାର ଓ ଶିକ୍ଷକଙ୍କ ମାର୍ଗଦର୍ଶନକୁ ଶକ୍ତି ଭାବେ ଗ୍ରହଣ କରିବା ହିଁ ବିଦ୍ୟାର୍ଥୀଙ୍କୁ ଜୀବନର ପ୍ରତିଟି ପରୀକ୍ଷାରେ ସଶକ୍ତ କରିବ ବୋଲି ସେ ମତ ପ୍ରକାଶ କରିଛନ୍ତି।

# ରକ୍ତଦାତାଙ୍କୁ ସମ୍ମାନିତ କଲେ ସ୍ୱାସ୍ଥ୍ୟ ମନ୍ତ୍ରୀ



**ଭୁବନେଶ୍ୱର,୨୪।୨ (ମହାଭାରତ):** ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ସଦାଶିବ ପରିସରରେ 'ସମର୍ପଣ' ସଂଗଠନ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ରକ୍ତଦାତା ସମାବେଶରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶାର ବିଭିନ୍ନ ଅଂଚଳରୁ ଆସିଥିବା ସେବାମୂଳକ ରକ୍ତଦାତା ଓ ରକ୍ତଦାତା ସଂଗଠନମାନଙ୍କୁ ସମ୍ମାନିତ କରାଯାଇଥିଲା। ମନ୍ତ୍ରୀ ରକ୍ତଦାନକୁ ମାନବ ସେବାର ସର୍ବୋତ୍ତମ ଉଦାହରଣ ବୋଲି କହି ସମାଜରେ ସ୍ୱେଚ୍ଛା ରକ୍ତଦାନ ଆନ୍ଦୋଳନକୁ ଆହୁରି ମଜବୁତ କରିବାକୁ ଆହ୍ୱାନ କରିଥିଲେ।

# ସରକାର ମିଛ ସଫଳତା ବଖାଣି ଆତ୍ମ ପ୍ରଚାରରେ ବିଭୋର : ବିଜେଡ଼ି

**ଭୁବନେଶ୍ୱର,୨୪।୨ (ମହାଭାରତ):** ରାଜ୍ୟରେ ଡବଲ ଇଞ୍ଜିନ ସରକାର କ୍ଷମତାକୁ ଆସିବା ପରେ, ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିଯିବା ସହିତ ମହିଳା ସୁରକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡିଛି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି । ପରିସ୍ଥିତିରେ ସୁଧାର ଆସିବା ପରିବର୍ତ୍ତେ ଦିନକୁ ଦିନ ଅଧିକ ବିଗୁଡୁଛି ବୋଲି ବିଜେଡି କହିଛି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ପିଏସି ସଦସ୍ୟ ତଥା ପୂର୍ବତନ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ, ପୂର୍ବତନ ମହିଳା କମିସନର ଶ୍ରୀମତୀ ମିନତୀ ବେହେରା, ଶ୍ରୀମତୀ ଜ୍ୟୋସ୍ନାମୟୀ ପରିଡା ଓ ରୀତାଞ୍ଜଳି ପରିଡା ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଓ ମହିଳା ସୁରକ୍ଷା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ।

ଶ୍ରୀମତୀ ଟୁକୁନି ସାହୁ କହିଥିଲେ, କେନ୍ଦ୍ରାପଡା ଜିଲ୍ଲାର ରାଜକନିକା ବ୍ଲକର ଏକ ଘରୋଇ ବିଦ୍ୟାଳୟରେ ଗୋଟିଏ ସପ୍ତମ ଶ୍ରେଣୀର ଛାତ୍ରୀକୁ ପାଂଚ ଜଣ ଶିକ୍ଷକଙ୍କ ଦ୍ୱାରା ଗଣଦୁଷ୍କର୍ମ ଘଟଣା ଲୋକଲୋଚନକୁ ଆସିଛି, ଯାହା ପ୍ରତ୍ୟେକ ରାଜ୍ୟବାସୀଙ୍କୁ ମନକୁ ଗଭୀର ଆଘାତ ଦେଇଛି । ଦୁଃଖ ଓ ପରିତାପର ବିଷୟ, ବିଜେପି ରାଜ୍ୟରେ କ୍ଷମତାସୀନ ହେବା ପରଠାରୁ ବିଦ୍ୟାଳୟ ଏପରିକି ସରକାରୀ ଆବାସିକ ହଷ୍ଟେଲ ଗୁଡିକରେ ରହୁଥିବା ନାବାଳିକା ଛାତ୍ରୀମାନେ ଦୁଷ୍କର୍ମ, ନିର୍ଯ୍ୟାତନା ଓ ଗର୍ଭବତୀ ହେଉଥିବା ଖବର ଗଣମାଧ୍ୟମରେ ଶିରୋନାମା ପାଲଟୁଛି । ବିରୋଧୀ ଦଳ ବିଶେଷକରି ବିଜୁ ଜନତା ଦଳ ତରଫରୁ ମହିଳା ମାନଙ୍କୁ ଉପଯୁକ୍ତ ସୁରକ୍ଷା ପ୍ରଦାନ ପ୍ରସଙ୍ଗରେ ସ୍ୱର ଉତ୍ତୋଳନ କରି ଆସୁଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ନିଦ୍ରାଭଙ୍ଗ ହେଉନାହିଁ । ସରକାର ମିଛ ସଫଳତା



ବଖାଣି ନିଜ ପ୍ରଚାରରେ ବ୍ୟସ୍ତ ଅଛନ୍ତି । ସରକାରଙ୍କ ଉଦାସୀନତା କାରଣରୁ, ମହିଳା ନିର୍ଯାତନା ଥମିବାର ନାଁ ନେଉନାହିଁ । ରାଜକନିକା ଘଟଣାରେ, ବିଜେଡି ସଭାପତିଙ୍କ ନିଦ୍ରେଦଶକ୍ରମେ, ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ ପୀଡ଼ିତାଙ୍କ ପରିବାର ବର୍ଗଙ୍କୁ ଭେଟି ସ୍ୱାନ୍ତ୍ୱନା ଜଣାଇବା ସହିତ ପୋଲିସ ଅଧିକାରୀଙ୍କୁ ଭେଟି ପୀଡ଼ିତାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ଦାବି ରଖିଛନ୍ତି।

ଶ୍ରୀମତୀ ମିନତୀ ବେହେରା କହିଥିଲେ, ଯଦିଓ ବିଜେଡି ପ୍ରତିନିଧି ମଣ୍ଡଳୀର ଗସ୍ତ ପରେ ଅଭିଯୁକ୍ତ ମାନଙ୍କୁ ପୋଲିସ ଦ୍ୱାରା ଗିରଫ କରା ଯାଇଛି, ଏହି ନାବାଳିକା ଗଣ ଦୁଷ୍କର୍ମ ଘଟଣାର ସବିଶେଷ ତଦନ୍ତ ହେବା ସହିତ ଏହାକୁ ଫାଷ୍ଟ ଟ୍ରାକ କୋର୍ଟରେ ଶୁଣାଣି କରାଯାଉ ବୋଲି ବିଜେଡି ଦାବି କରୁଛି । ଶ୍ରୀମତୀ ବେହେରା କହିଥିଲେ, ଗତ ୧୯ମାସର ବିଜେପି ଶାସନରେ ୪୦,୦୦୦ରୁ ଉର୍ଦ୍ଧ୍ୱ ମହିଳା ନିର୍ଯାତନାର ଶିକାର ହେଲେଣି । ପ୍ରାୟ ୪୦୦୦ ରୁ ଉର୍ଦ୍ଧ୍ୱ ମହିଳା ଦୁଷ୍କର୍ମ ଓ ଗଣ ଦୁଷ୍କର୍ମର ଶିକାର ହେଲେଣି ଓ ପ୍ରାୟ ୨୦୦ ରୁ ଉର୍ଦ୍ଧ୍ୱ ନାବାଳିକା ଦୁଷ୍କର୍ମର ଶିକାର ହେଲେଣି। ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମର ସଦସ୍ୟ ଶ୍ରୀମତୀ ଜ୍ୟୋସ୍ନାମୟୀ ପରିଡା କହିଥିଲେ, ପୀଡିତାଙ୍କ ପରିବାର ସଦସ୍ୟ ଓ ତାଙ୍କର ଗ୍ରାମବାସୀ ମାନେ ଏହି ଘଟଣାରେ ସମ୍ପୂର୍ଣ୍ଣ ମର୍ମାହତ । ଯୋଜନାବୋଧ ଭାବେ ବିଦ୍ୟାଳୟ ପରିସରରେ ନାବାଳିକା ଜଣକୁ ଦୁଷ୍କର୍ମ କରାଯାଉଥିଲା । ଏହି ଘଟଣା ସମୟରେ ସ୍କୁଲର ସିସି କ୍ୟାମେରାକୁ ବନ୍ଦ କରି ଦିଆ ଯାଉଥିଲା । ଏପରିକି, ଅଭିଯୁକ୍ତ ମାନଙ୍କ ଦ୍ୱାରା ପୀଡିତାଙ୍କୁ ବାରମ୍ବାର ଘଟଣା ବିଷୟରେ କାହାକୁ ନଜଣାଇବା ପାଇଁ କୁହାଯାଉଥିଲା ଓ ସେ ଯଦି କୁହନ୍ତି, ତାହେଲେ ସେହି ସ୍କୁଲରେ ଦୁଇ କ୍ଲାସରେ ପଢୁଥିବା ପୀଡ଼ିତାଙ୍କ ସାନଭାଇକୁ ହତ୍ୟା କରି ଦିଆଯିବ ବୋଲି ଭୟଭୀତ କରାଯାଉଥିଲା । ତେଣୁ, ଏହି ଘଟଣାର ସବିଶେଷ ତଦନ୍ତ କରି ସମସ୍ତ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦେବା ପାଇଁ ବିଜେଡି ଦାବି କରିଛି ।

# ଭୋଟ କିଣିବାରେ ଅଭ୍ୟସ୍ତ

ଆମ ଲୋକଙ୍କ ମାନସିକତା ବି ତଦ୍ରୂପ। ସେମାନେ ଚାହାଁନ୍ତି ତତ୍କାଳ ଲାଭ। ଯିଏ ସେମାନଙ୍କୁ ନିର୍ବାଚନ ବେଳେ ଟଙ୍କା, ଚାଉଳ, ଭୋଜିଭାତରେ ଆପ୍ୟାୟିତ କଲା, ତାଙ୍କୁ ଲୋକେ ଭୋଟ ଦେଲେ। ଲୋକଙ୍କ ଏଭଳି ମାନସିକତାକୁ ଦେଖି ରାଜନୈତିକ ଦଳମାନେ ବିଭିନ୍ନ ସମୟରେ ଲୋକଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଇ ଭୋଟ କିଣିବାରେ ଅଭ୍ୟସ୍ତ ହୋଇଗଲେଣି। ଏକ ଜନକଲ୍ୟାଣକାରୀ ରାଷ୍ଟ୍ରରେ ଲୋକଙ୍କୁ ମାଗଣା ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଦେବାର ଦାୟିତ୍ୱ ସରକାରଙ୍କର। ଏହା ସେମାନଙ୍କର ମୌଳିକ ଅଧିକାର। କିନ୍ତୁ ମାଗଣା ଜୋତ, ମାଗଣା ସାଇକେଲ ଲାପଟପ, ସୁନା ଚେନ, ଲୋକଙ୍କ ଆକାଉ□କୁ ସିଧାସଳଖ ଟଙ୍କା ପଠାଯିବ ଜନକଲ୍ୟାଣ ନୁହେଁ, ଏହା ଏକ ପ୍ରକାର ଲାଞ୍ଚ କାରବାର ବୋଲି କୁହାଯାଇପାରିବ। ଏଥିରେ ସବୁ ଦଳ ସମ୍ପୃକ୍ତ। ଯିଏ ଯେତେବେଳେ ଯେଉଁଠି ଶାସନ କ୍ଷମତା ଦଖଲ କଲା, ସେଠାରେ ସେ ଏଭଳି ମାଗଣା ଯୋଜନା କାର୍ଯ୍ୟକାରୀ କଲା। ନିର୍ବାଚନ ପୂର୍ବରୁ ରାଜନୈତିକ ଦଳମାନେ ନିଜ ନିଜ ଭିତରେ ପ୍ରତିଯୋଗିତା କରି ଲୋଭନୀୟ ପ୍ରତିଶ୍ରୁତି ଦେଉଛନ୍ତି। ଭୋଟରମାନେ ନିର୍ବାଚନ ଇସ୍ତାହାରକୁ ଦେଖି ଖୋଜୁଛନ୍ତି କେଉଁ ଦଳ କ'ଣ ଦେବେ। ଏହାକୁ ଆଧାର କରି ସାଧାରଣ ଲୋକେ ଭୋଟ ଦେଉଛନ୍ତି। ଲୋକେ ଭୋଟ ଦେବା ବେଳେ ବ୍ୟକ୍ତିଗତ ଲାଭକୁ ଦେଖୁଛନ୍ତି। ଦେଶର ବିକାଶ ଏବଂ ସୁଶାସନକୁ ସେମାନେ ଗୁରୁତ୍ୱ ଦେଉ ନାହାଁନ୍ତି। ଏଥିପାଇଁ ଲୋକଙ୍କୁ ଦୋଷ ଦେଇ ଲାଭ ନାହିଁ। ଆମ ଦେଶର ନେତା, ରାଜନୈତିକ ଦଳମାନେ ଲୋକଙ୍କୁ ଏଭଳି ମାନସିକତା ଗ୍ରହଣ କରିବାକୁ ବାଧ୍ୟ କରିଛନ୍ତି। ସେମାନେ ନିଜ ଫାଇଦା ପାଇଁ ଲୋକଙ୍କୁ ଏପରି ନୀତି ଗ୍ରହଣ କରିବାକୁ ପରିସ୍ଥିତି ସୃଷ୍ଟି କରିଛନ୍ତି। ଦିଲ୍ଲୀରେ ୨୦୦ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି ଦେଇ ଅରବିନ୍ଦ କେଜରିୱାଲ ନିର୍ବାଚନ ଜିତିଲେ। ଏହାକୁ ଦେଖି ଅନ୍ୟ ଦଳମାନେ ମଧ୍ୟ ଭିନ୍ନ ମିନ୍ନ ରାଜ୍ୟରେ ଏଭଳି ପ୍ରତିଶ୍ରୁତି ଦେବାକୁ ଚାହିଁଲେ। ଲୋକେ ମଧ୍ୟ କହୁଛନ୍ତି, ଯଦି ଦିଲ୍ଲୀରେ ମାଗଣା ବିଜୁଳି ଦିଆଯାଉଛି, ଓଡ଼ିଶାରେ କାହିଁକି ଏହା ସମ୍ଭବ ନୁହେ? କିନ୍ତୁ ବିଜୁଳି ଉତ୍ପାଦନ ଲାଗି ବିପୁଳ ଅର୍ଥ ବ୍ୟୟ ହେଉଛି। ଏହାକୁ କିଏ ଭରଣା କରିବ? ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବା ଭଳି ଏହା ଲୋକଙ୍କ ମୌଳିକ ଅଧିକାର ପରିସରଭୁକ୍ତ ନୁହେଁ। ଏହା ଏକ ସେବା ଯାହାର ଗୁଣାତ୍ମକ ମାନ ବଜାୟ ରହିବା ଉଚିତ। ଏଥିପାଇଁ ସର୍ବନିମ୍ନ ଅର୍ଥ ପ୍ରଦାନ ଜରୁରୀ। ସମ୍ପୂର୍ଣ୍ଣ ମାଗଣା ବିଜୁଳି ସବୁଦିନ ସମ୍ଭବ ନୁହେଁ। ସେହିପରି ମହିଳାଙ୍କ ଖାତାକୁ ସମର ବୋନାଞ୍ଜା ନାମରେ ୨ ହଜାର ଟଙ୍କା ଲେଖାଏଁ ପଠାଇବା ଜନକଲ୍ୟାଣ ନୁହେଁ। କୋଭିଡ ସମୟରୁ କେନ୍ଦ୍ର ସରକାର ଦେଶର ୮୦ କୋଟି ଗରିବଙ୍କୁ ପ୍ରତି ମାସରେ ମୁଣ୍ଡପିଛା ୫ କେଜି ରାସନ ଦେଉଛନ୍ତି। କୋଭିଡ ମହାମାରୀ ଚାଲିଯିବା ପରେ ମଧ୍ୟ ଏହା ଜାରି ରହିଛି। ଏହା ହେଉଛି ସମସ୍ୟା। ଥରେ ଲୋକଙ୍କୁ ମାଗଣା ମିଳିଲେ ସେମାନେ ସବୁ ବେଳେ ଏହା ପାଇବାକୁ ଚାହିଁବ। ଏହାକୁ ଯିଏ ପ୍ରତ୍ୟାହାର କରିବ ସେ କ୍ଷମତାଚ୍ୟୁତ ହେବ। କିନ୍ତୁ ମାଗଣା ବ□ନ ଦ୍ୱାରା ଦେଶରେ ଏକ ପରଜୀବୀ ଶ୍ରେଣୀ ସୃଷ୍ଟି ହେଉଛନ୍ତି। ନିକଟରେ ସୁପ୍ରିମକୋର୍ଟ ଏ ସମ୍ପର୍କିତ ଏକ ମାମଲାର ଶୁଣାଣୀ ବେଳେ ଏଭଳି ମନ୍ତବ୍ୟ ଦେଇଛନ୍ତି। ମାଗଣା ବ□ନ ଦ୍ୱାରା ରାଜକୋଷ ଶୂନ୍ୟ ହୋଇଯାଉଛି। ବିକାଶ ମୂଳକ କାମ ପାଇଁ ଟଙ୍କା ନାହିଁ। ସରକାରଙ୍କୁ ବାଧ୍ୟ ହୋଇ ଲୋକଙ୍କ ଉପରେ ଟିକସ ବଢ଼ାଇବାକୁ ପଡୁଛି। ଏହା ବନ୍ଦ ହେବା ଉଚିତ। ପ୍ରତି ରାଜ୍ୟ ସରକାର ନିଜ ରାଜସ୍ୱର ଅତି କମରେ ୨୫ ପ୍ରତିଶତ ବିକାଶ ପାଇଁ ଖର୍ଚ୍ଚ କରିବାକୁ ସୁପ୍ରିମକୋର୍ଟ ପରାମର୍ଶ ଦେଇଛନ୍ତି। ଏକ ବିକାଶମୁଖୀ ରାଷ୍ଟ୍ରରେ ଏଭଳି ମାଗଣା ଯୋଜନା କଦାପି ଗ୍ରହଣୀୟ ନୁହେଁ।

# ଜୀବସତ୍ତା ଓ ପାବନା ଆଶ୍ରମର କାହାଣୀ

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

କିଛି ବର୍ଷ ତଳର କଥା ପାବନା ଆଶ୍ରମର ପଦ୍ମାତୀରର ବାଲିଚରରେ ଗୋଟିଏ ଘଟଣା ଘଟେ। ସେତେବେଳେ ଅଳ୍ପ ଅଳ୍ପ ଶୀତ ଅଛି। ପଦ୍ମାନଦୀର ପାଣି କମିଯାଇଛି। ସମ୍ମୁଖରେ ବିସ୍ତୀର୍ଣ୍ଣ ଚର ପଡ଼ିଛି। ଦୁଇଟି ଚକୁଆ-ଚକୋଇ ପଦ୍ମାର ଚର ଉପର ଦେଇ ଉଡିଯାଉଥିଲେ। ଅତର୍କିତ ଭାବରେ ଗୋଟିଏ ଶିକାରୀ ପକ୍ଷୀ ଦୁଇଟିକୁ ଲକ୍ଷ୍ୟ କରି ଗୁଳି ଛାଡ଼ିଲା। ଗୁଳି ଡେଣାରେ ବାଜିଲେ ମଧ ପକ୍ଷୀ ଦୁଇଟି ଉଡିଯାଇ ଚରର ଗୋଟିଏ ଜାଗାରେ ବସିଲେ। ସେତେବେଳେ ଶ୍ରୀ ଶ୍ରୀ ଠାକୁର ଆଶ୍ରମ ପ୍ରାଙ୍ଗଣର କୁଟୀର ବାରଣ୍ଡାରେ ଥିଲେ। ଗୁଳି ଶବ୍ଦ ଶୁଣି ସେ କହି ଉଠିଲେ, ହାୟ! ପକ୍ଷୀ ଦୁଇଟିକୁ ମାରିଲା ବୋଧହୁଏ। ମୁଁ ଏପରି ଅସହାୟ! ମୁଁ କ'ଣ କରିପାରିବି? - ଏୟ କହି କୁଟୀରରୁ ତଳକୁ ଓହ୍ଲେଇ ଆସି ବନ୍ଧ କଡ଼େ କଡ଼େ ଆଗେଇ ଆସିଲେ ଏବଂ ଚର ଆଡ଼କୁ ଚାହିଁ ବ୍ୟାକୁଳ ଭାବେ ଦଉଡାଦଉଡି କରିବାକୁ ଲାଗିଲେ। ଏହା ମଧରେ ପକ୍ଷୀ ଦୁଇଟି ପ୍ରତି ସେଇ ଶିକାରୀ ଦ୍ୱିତୀୟବାର ଗୁଳି ଛାଡ଼ିଲା। ଏଥିରେ ଶ୍ରୀ ଶ୍ରୀ ଠାକୁର ଅତ୍ୟନ୍ତ ଶୋକାର୍ତ୍ତ ହୋଇ 'ହାୟ, ହାୟ ପକ୍ଷୀ ଦୁଇଟି ମଲେ।' କହି ଆର୍ତ୍ତନାଦ କରି ଉଠିଲେ। ତାଙ୍କ ନିଜ ବକ୍ଷରେ ଯେପରି ଗୁଳିବିଦ୍ଧ ହୋଇଛି ଏହିପରି ଅନୁଭବ କରି ତୀବ୍ର ଯନ୍ତ୍ରଣାରେ ଛଟପଟ ହୋଇ ମାଟିରେ ପଡ଼ି ଆହା ଉହୁ କରିବାକୁ ଲାଗିଲେ। ତାଙ୍କର ଏଇ ଯନ୍ତ୍ରଣା ଦେଖି ଉପସ୍ଥିତ କେହି ହେଲେ ଅଶ୍ରୁ ସମ୍ବରଣ କରିପାରିଲେ ନାହିଁ। ସର୍ବଜୀବ ସହିତ ଏକାତ୍ମତା ଶ୍ରୀ ଶ୍ରୀ ଠାକୁରଙ୍କ ଧାରଣାରେ ଏପରି ସୁପ୍ରତିଷ୍ଠିତ ଯେ ତାଙ୍କ ସମ୍ମୁଖରେ କୌଣସି ପ୍ରାଣୀକୁ ଆଘାତ କଲେ ସେଇ ଆଘାତର ଚିହ୍ନ ତାଙ୍କ ଶରୀରରେ ପରିସ୍ଫୁଟ ହୋଇ ଦେଖାଯାଇଛି। ଏଇ ଘଟଣାଟି ଘଟିଥିଲା ମୁଁ ଶ୍ରୀ ଶ୍ରୀ ଠାକୁରଙ୍କ ସଂସ୍ପର୍ଶରେ ଆସିବାର ଅବ୍ୟବହିତ ପୂର୍ବେ। ଦିନେ ସେ ଘୋଡ଼ା ଗାଡ଼ିରେ ବସି କୁଷ୍ଟିୟାକୁ ବାରାଦି ଗାଁକୁ ଡାକ୍ତର ଗୋପେନ୍ଦ୍ରଚନ୍ଦ୍ର ସାହାଙ୍କ ଘରକୁ ଯାଉଥିଲେ। ଘୋଡ଼ାଗାଡ଼ିରେ ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ଚାରିଜଣ ଆରୋହୀ ଥିଲେ। ସେମାନଙ୍କ ମଧରେ ଥିଲେ ଡାକ୍ତର ସତୀଶଚନ୍ଦ୍ର ଜୋୟାରଦାର, ବୀରେନ୍ଦ୍ରନାଥ ରାୟ (ମୁକ୍ତାର) ଓ ଡାକ୍ତର ଗୋକୁଳଚନ୍ଦ୍ର ମଣ୍ଡଳ। ଘୋଡ଼ାଟି ଥିଲା ଅପେକ୍ଷାକୃତ ଦୁର୍ବଳ। ତେଣୁ ଶୀଘ୍ର ଚାଲି ନପାରିବାରୁ କୋଚମ୍ୟାନ ପାଏଁ ପାଏଁ ତିନି ପାହାର ଚାବୁକା ମାରେ ଘୋଡ଼ା ପିଠିରେ। ଚାବୁକ ମାରିବା ମାତ୍ରେ ହିଁ ଶ୍ରୀ ଶ୍ରୀ ଠାକୁର ଗାଡ଼ିରୁ ଓହ୍ଲେଇ ପଡ଼ିଲେ ଏବଂ ଘୋଡ଼ାର ଖୁବ୍ କଷ୍ଟ ହେଉଛି - ଆସନ୍ତୁ ଆମେ ଚାଲି ଚାଲି ଯିବା। ଏହା କହି ସମସ୍ତଙ୍କୁ ଗାଡ଼ିରୁ ଓହ୍ଲେଇ ପଡ଼ିବାକୁ କହିଲେ। ତାପରେ ଘୋଡ଼ାଗାଡ଼ିଟିକୁ ବିଦାୟ ଦେଇ ସେମାନେ ଚାଲି ଚାଲି ବାରାଦି ଗାଁରେ ପହଞ୍ଚିଲେ। ସେଠାରେ ଯାଇ କିଛି ସମୟ ବିଶ୍ରାମ ନେଇ ଶ୍ରୀ ଶ୍ରୀ ଠାକୁର ହାତମୁହଁ ଧୋଇ ଦେହରୁ ଜାମା ଓ ଚାଦର ଖୋଲି ଶଯ୍ୟାରେ ବିଶ୍ରାମ କରିବାକୁ ଲାଗିଲେ। ତାଙ୍କର ଜଣେ ସଙ୍ଗୀ ତାଙ୍କର ପଦସେବା କରୁ କରୁ ତାଙ୍କ ପିଠିରେ ଚାବୁକ ପାହାରର ତିନୋଟି ଆଘାତର ଚିହ୍ନ ଦେଖି ଚମକିତ ହୋଇ କହିଉଠିଲେ - ଇଏ କ'ଣ! ଆପଣଙ୍କ ପିଠିରେ ତିନୋଟି ଚାବୁକ ମାଡ଼ର ଦାଗ ଆସିଲା କିପରି?

ଶ୍ରୀ ଶ୍ରୀ ଠାକୁର ପ୍ରଥମେ ନୀରବ ରହିଲେ। ଯେତେବେଳେ ସେଇ ସଙ୍ଗୀଟି ବାରମ୍ବାର ଏ ବିଷୟରେ ପ୍ରଶ୍ନ କରିବାକୁ ଲାଗିଲେ ସେତେବେଳେ ସେ ଧୀର ଭାବରେ କହିଲେ - ଯେତେବେଳେ ଗାଡ଼ିରେ ବସି ଆସୁଥିଲି, ସେତେବେଳେ କୋଚମ୍ୟାନ ଘୋଡାଟାକୁ ପାଏଁ ପାଏଁ କରି ତିନିଟା ଚାବୁକ ମାରିଥିଲା। ତାହା ମୋତେ ବଡ଼ କଷ୍ଟ ଦେଇଥିଲା। ତେଣୁ ସେମିତି ଦାଗ ହୋଇଥିବ ବୋଧହୁଏ। ସଙ୍ଗୀଟି ସେତେବେଳେ ଆଶ୍ଚର୍ଯ୍ୟାନ୍ୱିତ ହୋଇ ପ୍ରଶ୍ନ କରିଥିଲେ - ଘୋଡ଼ାକୁ ଚାବୁକ ମାରିଲେ ଘୋଡ଼ା ପିଠିରେ ଦାଗ ବସିଯାଇପାରେ, ସେ କଥା ବୁଝିପାରୁଛି। କିନ୍ତୁ ସେଇ ଦାଗ ଆପଣଙ୍କ ଦେହରେ କିପରି ସୃଷ୍ଟି ହେଲା, ତାହା ତ ବୁଝିପାରୁନାହିଁ। ସେତେବେଳେ ସେ କହିଲେ - ଘୋଡ଼ାର କଷ୍ଟଟା ଠିକ୍ ନିଜର କଷ୍ଟ ବୋଲି ଅନୁଭବ କରିଥିଲି ବୋଲି ସମ୍ଭବତଃ ନିଜ ଦେହରେ ସେଇପରି ଚିହ୍ନ ବସିଯାଇଥିବ। ଏହି କଥାଟି ଯେତେବେଳେ ସେଇ ସଙ୍ଗୀଟିର ନିଜ ମୁହଁରୁ ଶୁଣିଥିଲି ସେତେବେଳେ ମୁଁ ନିଜେ ବି ବିଶ୍ୱାସ ସ୍ଥାପନ କରିପାରିନି। କାରଣ, ଏପରି ଘଟଣାର ବାସ୍ତବ ଅଭିଜ୍ଞତା ମୋର ନଥିଲା। ସେତେବେଳେ ଶ୍ରୀ ଶ୍ରୀ ଠାକୁରଙ୍କର ଆଉ ଦୁଇଜଣ ସହଯାତ୍ରୀଙ୍କୁ ଏବଂ ବାରାଦିର ଡାକ୍ତର ଗୋପେନ୍‌ବାବୁ - ଯାହାଙ୍କ ଘରକୁ ଏମାନେ ଯାଇଥିଲେ - ସେମାନଙ୍କୁ ଅଲଗା ଅଲଗା ଭାବେ ଏହି ବିଷୟରେ ପଚାରିଲି। ସେ ତିନିଜଣ ଯାକ ସମସ୍ତେ କହିଲେ ଯେ ଶ୍ରୀ ଶ୍ରୀ ଠାକୁରଙ୍କ ପିଠିରେ ତିନିଟି ଚାବୁକ୍‌ର ଦାଗ ସେମାନେ ଦେଖିଛନ୍ତି - ଏ କଥା ଧ୍ରୁବ ସତ୍ୟ। କିନ୍ତୁ ଘୋଡ଼ାକୁ ମାରିବା ଚାବୁକର ଦାଗ ଶ୍ରୀ ଶ୍ରୀ ଠାକୁରଙ୍କ ପିଠିରେ ପ୍ରକଟ ହେଲା କିପରି - ଏକଥା ସେମାନଙ୍କ ବୁଦ୍ଧିର ଅଗମ୍ୟ ବା ଏଭଳି ଘଟଣାର ନଜିର କେଉଁଠି ହେଲେ ଅଛି କି ନା ତାହା ସେମାନେ କହିବାକୁ ଅକ୍ଷମ। ମୁଁ ସେତେବେଳେ ସେମାନଙ୍କୁ କହିଥିଲି ଯେ ଏପରି ଘଟଣା ନିଜେ ନ ଦେଖିଲେ ମଧ ପୃଥିବୀ ଇତିହାସରେ ଏପରି ନଜିର ଅଛି। କଥିତ ଅଛି ଯେ ଭଗବାନ ରାମକୃଷ୍ଣ ଦେବ ଯେତେବେଳେ ସ୍ତ୍ରୀଭାବେ ସାଧନା କରୁଥିଲେ ସେତେବେଳେ ତାଙ୍କର ପୁରୁଷ ଦେହରେ ସ୍ତ୍ରୀଅଙ୍ଗର ସମସ୍ତ ଲକ୍ଷଣ ପ୍ରକାଶିତ ହୋଇଥିଲା। ପରେ ପାଶ୍ଚାତ୍ୟ ଜଗତର ଖ୍ରୀଷ୍ଟଧର୍ମର ଇତିହାସ ଆଲୋଚନା ବେଳେ ଜାଣିଛି ଯେ କ୍ରୁଶବିଦ୍ଧ ଭଗବାନ ଯୀଶୁଙ୍କ ସମ୍ବନ୍ଧରେ ଗଭୀର ଭାବେ ଚିନ୍ତା କରିବା ଫଳରେ କୌଣସି ଖ୍ରୀଷ୍ଟଭକ୍ତଙ୍କ ଦେହରେ ଅନୁରୂପ କ୍ଷତଚିହ୍ନ ଓ ରକ୍ତ କ୍ଷରଣ ପରିଲକ୍ଷିତ ହୋଇଥିଲା। ଏଇ ବିଂଶ ଶତାବ୍ଦୀରେ ହିଁ ୧୯୬୨ ମସିହାରେ ଜର୍ମାନୀର ଅନ୍ତର୍ଗତ ବ୍ୟାଭେରିୟାର କୋନାର - ସେରିଭୟ ଗ୍ରାମରେ ଥେରେସା ନିଉମ୍ୟାନ ନାମରେ ଜଣେ କ୍ୟାଥଲିକ୍ ମହିଳାର ମଥା, ଛାତି ଓ ପାଦରେ କ୍ରୁଶବିଦ୍ଧ ଭଗବାନ ଯୀଶୁଙ୍କର ଚିନ୍ତା କରୁ କରୁ ଅନୁରୂପ କ୍ଷତର ସୃଷ୍ଟି ହୁଏ ଏବଂ କ୍ଷତସ୍ଥାନରୁ ଏତେ ପରିମାଣରେ ରକ୍ତପାତ ହୁଏ ଯେ ତାଙ୍କ ଶରୀରର ଓଜନ ଦଶ ପାଉଣ୍ଡ କମିଯାଏ। ଡାକ୍ତର ଫ୍ରିଜ ଜାରଲିକ୍ ନାମରେ ଗୋଟିଏ ଜର୍ମାନ ପତ୍ରିକାର ସମ୍ପାଦକ ଏହା ଏକ ବିରାଟ ଧପ୍ପାବାଜି ବୋଲି ମନେକରି ସେଇ ମହିଳାଙ୍କୁ ପରୀକ୍ଷା କରିବାକୁ ଯାନ୍ତି। ସେ ସବୁ ଦେଖିଶୁଣି ଓ ପରୀକ୍ଷା କରି ସନ୍ଦେହମୁକ୍ତ ହୋଇ ଉକ୍ତ ମହିଳାର ଜଣେ ଭକ୍ତ ହୋଇଉଠନ୍ତି ଏବଂ ସ୍ୱୟଂ ସେଇ ମହିଳାର ଜୀବନୀ ଲେଖନ୍ତି। ବାରାଦି ଗ୍ରାମର ଉକ୍ତ ଘଟଣା ସଂଘଟିତ ହେବା ପୂର୍ବରୁ ଅନୁରୂପ ଆଉ ଗୋଟିଏ ଘଟଣା ଘଟେ ହିମାଇତପୁରେ। ଶ୍ରୀ ଶ୍ରୀ ଠାକୁର କିଶୋରୀମୋହନ ଦାସଙ୍କ ହିମାଇତପୁର ଶ୍ମଶାନର କଡ଼ ଦେଇ ଯାଉଥିଲେ। ଗୋଟାଏ ଗୋରୁ ସେଠାରେ ଦଉଡିରେ ବନ୍ଧା ହୋଇଥିଲା। ଗୋରୁଟା ଚରୁ ଚରୁ ବେକରେ ଦଉଡି ଲାଗିଥିବା ଅବସ୍ଥାରେ ପଦ୍ମାନଦୀର ପଠାରୁ ତଳକୁ ପଡ଼ିଯାଏ ଏବଂ ଦଉଡିରେ ନଟକି ରହିଥାଏ ଆଉ ପ୍ରାଣପଣେ ଡାକ ଛାଡୁଥାଏ। ତାର ଏଇ ଆର୍ତ୍ତନାଦ ଶୁଣି କିଶୋରୀଦା ଓ ଶ୍ରୀ ଶ୍ରୀ ଠାକୁର ଦୌଡ଼ିଯାଇ ଗୋରୁଟାକୁ ଏଇ ଅବସ୍ଥାରେ ଦେଖନ୍ତି। ଶ୍ରୀ ଶ୍ରୀ ଠାକୁରଙ୍କ ଇଙ୍ଗିତରେ କିଶୋରୀଦା ତଡ଼ିତ ବେଗରେ ଲମ୍ଫଦେଇ ତଳେ ପଡ଼ିଲେ ଓ ଗୋରୁଟାର ପଛରୁ ଧରି ଖୁବ୍ ଜୋରରେ ଉପରକୁ ଠେଲୁଥାନ୍ତି ଆଉ ଶ୍ରୀ ଶ୍ରୀ ଠାକୁର ଉପରୁ ସେଇ ଦଉଡି ଧରି ଟାଣୁଥାନ୍ତି। ଏହିପରି କରି ଅତି କଷ୍ଟରେ ଗୋରୁଟାକୁ ଉପରକୁ ଟେକାହୁଏ। ଖୁବ୍ ଜୋରରେ ଦଉଡି ଭିଡ଼ି ହୋଇଯାଇଥିବାରୁ ଗୋରୁଟିର ବେକରେ ଦଉଡିର ଦାଗର ଚିହ୍ନ ସ୍ପଷ୍ଟ ଦେଖାଯାଏ। ଗୋରୁଟାକୁ ଏହିପରି ଭାବେ ମରଣ ହାତରୁ ରକ୍ଷା କରିବା ପରେ କିଶୋରୀଦାଙ୍କର ଅଲକ୍ଷ୍ୟରେ ଶ୍ରୀ ଶ୍ରୀ ଠାକୁର ଲୁଗାର ଖୋସାଣି ଖୋଲି ସଙ୍ଗେ ସଙ୍ଗେ ନିଜ ବେକରେ ଗୁଡ଼ାଇଲେ ଏବଂ ଦୁହେଁ ଆଶ୍ରମକୁ ଫେରିଆସିଲେ। ଆଶ୍ରମକୁ ଫେରିଆସି ଶ୍ରୀ ଶ୍ରୀ ଠାକୁର ବେକରେ ଗୁଡ଼ାଇଥିବା ଲୁଗା ଖୋଲିବା ମାତ୍ରେ କିଶୋରୀଦା ଦେଖିପାରିଲେ - ବେକରେ ଦଉଡି ଦେଇ ଜୋର କରି ବାନ୍ଧିଲେ ଯେପରି ଚିହ୍ନ ପଡ଼ିଯାଏ ଶ୍ରୀ ଶ୍ରୀ ଠାକୁରଙ୍କ ବେକରେ ଅନୁରୂପ ଚିହ୍ନ ପ୍ରକାଶ ପାଉଛି। ସେ ସେତେବେଳେ ଶ୍ରୀ ଶ୍ରୀ ଠାକୁରଙ୍କୁ ପଚାରିଲେ ଆପଣଙ୍କ ବେକରେ ଏପରି ଦାଗ ଆଗରୁ ତ କେବେ ଦେଖିନି। ଏ ଦାଗ ଆସିଲା କେଉଁଠୁ? ଶ୍ରୀ ଶ୍ରୀ ଠାକୁର - ଗୋରୁଟାର ବେକରେ ଖୁବ୍ ଜୋରରେ ଦଉଡି ଟଣାର ଦାଗ ପଡ଼ିଯାଇଥିଲା। ତେଣୁ ମୋ ବେକରେ ବି ସେହିପରି ଦାଗ ହୋଇଛି। କିଶୋରୀଦା ଶ୍ରୀ ଶ୍ରୀ ଠାକୁରଙ୍କ ପାଖରୁ ଏଇ କଥା ଶୁଣି ହତଭମ୍ବ ହୋଇଗଲେ। ଭାବିବାକୁ ଲାଗିଲେ - ଏହା କିପରି ସମ୍ଭବ? ତା ହେଲେ କ'ଣ କହିବାକୁ ହେବ ଯେ ସେ ପ୍ରତ୍ୟେକ ଜୀବର ସତ୍ତା ସହ ଓତପ୍ରୋତ ଭାବେ ଜଡ଼ିତ? ସେମାନଙ୍କର ସୁଖଦୁଃଖ କଣ ନିଜର ସୁଖଦୁଃଖ ବୋଲି ଅନୁଭବ କରନ୍ତି? ଉପରୋକ୍ତ ଘଟଣାଟି ଶ୍ରଦ୍ଧେୟ କିଶୋରୀଦାଙ୍କ ପାଖରୁ ଅବଗତ ହେବାପରେ ଶ୍ରୀ ଶ୍ରୀ ଠାକୁରଙ୍କୁ ମୁଁ ନିଜେ ପଚାରି ଏ ବିଷୟରେ ସମ୍ପୂର୍ଣ୍ଣ ନିଃସନ୍ଦେହ ହୋଇଛି।

ସହ-ପ୍ରତିରତ୍ୱିକ ଓ ପୂର୍ବତନ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

ଶ୍ରୀ ଶ୍ରୀ ଠାକୁର ପ୍ରଥମେ ନୀରବ ରହିଲେ। ଯେତେବେଳେ ସେଇ ସଙ୍ଗୀଟି ବାରମ୍ବାର ଏ ବିଷୟରେ ପ୍ରଶ୍ନ କରିବାକୁ ଲାଗିଲେ ସେତେବେଳେ ସେ ଧୀର ଭାବରେ କହିଲେ - ଯେତେବେଳେ ଗାଡ଼ିରେ ବସି ଆସୁଥିଲି, ସେତେବେଳେ କୋଚମ୍ୟାନ ଘୋଡାଟାକୁ ପାଏଁ ପାଏଁ କରି ତିନିଟା ଚାବୁକ ମାରିଥିଲା। ତାହା ମୋତେ ବଡ଼ କଷ୍ଟ ଦେଇଥିଲା। ତେଣୁ ସେମିତି ଦାଗ ହୋଇଥିବ ବୋଧହୁଏ। ସଙ୍ଗୀଟି ସେତେବେଳେ ଆଶ୍ଚର୍ଯ୍ୟାନ୍ୱିତ ହୋଇ ପ୍ରଶ୍ନ କରିଥିଲେ - ଘୋଡ଼ାକୁ ଚାବୁକ ମାରିଲେ ଘୋଡ଼ା ପିଠିରେ ଦାଗ ବସିଯାଇପାରେ, ସେ କଥା ବୁଝିପାରୁଛି।

# ବାସ୍ତବ ସତ୍ୟର ଅନୁସନ୍ଧାନ

॥ ପଙ୍କଜ କୁମାର ପାଣିଗ୍ରାହୀ ॥

ନମସ୍କାର। ବାସ୍ତବ ସତ୍ୟର ଅନୁସନ୍ଧାନ- ଅଷ୍ଟମ ଅଧ୍ୟାୟରେ ଆଜି ଆଲୋଚନା କରିବା ଯେ ମଣିଷର ସୃଜନଶୀଳତା ସୃଷ୍ଟି ହେବ କେମିତି ଏବଂ ତଦ୍ୱାରା ମଣିଷ ସତ୍ୟର ଅନୁସନ୍ଧାନ କରି ମନର ଭୟ ଦୂର କରିବ କିପରି ? ସୃଜନଶୀଳ ମଣିଷ ଯେ ନିର୍ଭିକ ହୋଇଥାନ୍ତି ତାହା କେବଳ ପ୍ରତ୍ୟେକ ବିଷୟର ସତ୍ୟ ଅସତ୍ୟକୁ ବୁଝିବାରେ ସେମାନଙ୍କ ସକ୍ଷମତା କାରଣରୁ । ତା' ଛଡା ସେମାନେ ଜୀବନ ପଥର ପ୍ରତ୍ୟେକ ମୁହୂର୍ତ୍ତକୁ ନିଜସ୍ୱ ଚେତନାରେ ତଉଲି ଏକ ସ୍ୱଚ୍ଛ ମାନବବାଦୀ ମଣିଷର ପରିଚୟ ପ୍ରଦାନ କରିବାରେ ସମର୍ଥ ହୋଇଥାନ୍ତି। ବର୍ତ୍ତମାନ ବିଚାର କରିବା ଯେ ସୃଜନଶୀଳତା କ'ଣ ଏବଂ ତାହା ମଣିଷ ମସ୍ତିଷ୍କରେ କେମିତି ସୃଷ୍ଟି ସଂଚାର ହୋଇ ପାରିବ। ସୃଜନଶୀଳ ଅର୍ଥ ନିଜର ସଚେତନ ସମୀକ୍ଷା ଜ୍ଞାନ ସହିତ ନୂତନ ଚେତନାର ଅନୁସନ୍ଧାନ ଓ ଅଭିବୃଦ୍ଧି । ସଚେତନ ଅର୍ଥାତ ଜୀବନର ପ୍ରତ୍ୟେକ ମୁହୂର୍ତ୍ତର ସବୁ ବିଷୟ ଗୁଡିକୁ ସମୀକ୍ଷା କରି ସତ୍ୟକୁ ଜାଣି ଅବାସ୍ତବକୁ ପ୍ରତ୍ୟାଖ୍ୟାନ କରିବା । ଇଂରାଜୀରେ ତାକୁ କୁହାଯାଏ କ୍ରିଏଟିଭିଟି, ଅର୍ଥ ନିଜେ ନୂତନତ୍ୱ ସୃଷ୍ଟି କରିବା । ନିଜର ଜ୍ଞାନ ବିକାଶ ତଥା କୌଣସି ବିଷୟ ହେଉ କିମ୍ବା ବସ୍ତୁ ଗୁଡିକ ଉପରେ ଯଥେଷ୍ଟ ସ୍ୱଜ୍ଞାନ ଅର୍ଜନ କରିବା ଏବଂ ନୂତନ ଜ୍ଞାନର ସନ୍ଧାନ ସଂଚାର କରିବା ହେଉଛି କ୍ରିଏଟିଭିଟି ବା ସୃଜନଶୀଳତା ।

ନିଜସ୍ୱ ବିଶ୍ଳେଷଣାତ୍ମକ ଭାବନା ଶକ୍ତି ବଳରେ ମଣିଷ କୌଣସି ବିଷୟର ସମୀକ୍ଷା କରିବାକୁ ଚେଷ୍ଟା କରିବା ଦ୍ୱାରା ପ୍ରତି ମୁହୂର୍ତ୍ତରେ ସବୁ କଥାର ସତ୍ୟତାର ସନ୍ଧାନ ବାରିବା ସମ୍ଭବ ହୋଇଥାଏ। ମିଥ୍ୟାଭରା ସମାଜରେ ପ୍ରେତ୍ୟେକ ସମୟରେ ଜଣେ ଆଉ ଜଣକୁ ମିଛ କହି ଅଯୌକ୍ତିକ ଅଲୌକିକ ସମୃଦ୍ଧିର ସମ୍ଭାର ଦେଖାଇ ନିଜର ସ୍ୱାର୍ଥ ହାସଲ କରିବାକୁ ଚେଷ୍ଟା କରୁଥିବା ବୁଝିଛନ୍ତି ଆଜି କେତେଜଣ ?! କିନ୍ତୁ ଗୋଟିଏ ଉଦାହରଣ ନେଇ ଆମେ ପ୍ରଥମେ ଦେଖିବା ଯେ ଆମେ ଯେଉଁ ସମାଜରେ ବଂଚୁଛେ ସେ ସମାଜର ଦ୍ୱିତୀୟ ବ୍ୟକ୍ତିଟି କିଏ ଏବଂ ତା ପରବର୍ତ୍ତୀ ଅନ୍ୟାନ୍ୟ ସମସ୍ତେ ଆମ ପ୍ରତି କ'ଣ ଉଦ୍ଦେଶ୍ୟ ରଖି ସମ୍ପର୍କ ସ୍ଥାପନ କରି ଗଢ଼ି ଉଠିଛି ଆମ ମଣିଷ ସମାଜ। ଜନ୍ମଦାତ୍ରୀ ମା' ଏବଂ ତା'ପରେ ବାପା ବ୍ୟତୀତ ଗୋଟିଏ ସ୍ଥାନରୁ ଉତ୍ପତ୍ତି ଭାଇ ଭଉଣୀ ସମୂହ ହେଉଛନ୍ତି ଆମ ଜୀବନର ପ୍ରତ୍ୟକ୍ଷ ଆଙ୍ଗିକ ଅଂଶ ବିଶେଷର ସମ୍ପର୍କିତ ଚେହେରା। ତାପରେ ଆହୁରି ଅନେକ ଅନ୍ୟାନ୍ୟ ସମ୍ପର୍କିତ ଚେହେରା ରହିଥାନ୍ତି ଯେଉଁମାନେ ପରୋକ୍ଷ ଆଙ୍ଗିକ ସମ୍ପର୍କିତ ମଣିଷ ଗୁଡିଏ ଯାହାଙ୍କୁ ଆମେ ଆମ ପରିବାର ବନ୍ଧୁବର୍ଗ ବୋଲି ଜାଣିଥାଉ। ତା' ପରେ ଆହୁରି ଅନେକ ପ୍ରକାର ସମ୍ପର୍କ। ବର୍ତ୍ତମାନ ଦେଖିବା ଯେ ଆମେ ଯାହାଙ୍କୁ ନେଇ ନିଜର ପରିବାର କିମ୍ବା ଅନ୍ୟାନ୍ୟ ଯେ କୌଣସି ସମ୍ପର୍କିତ ମଣିଷ ବୋଲି ଗର୍ବିତ ସେମାନଙ୍କ ଆମ ପ୍ରତି ଆ'ରିକ ଭାବ କେତେ ? ସେମାନେ ନିଜ ନିଜ ସ୍ୱାର୍ଥ ପାଇଁ ଅନେକ ସମୟରେ ଆମକୁ ମିଛ କହନ୍ତି କି ନାହିଁ ?

ନିଶ୍ଚିତ ଭାବେ ଆମ ସମସ୍ତଙ୍କ ଅଳ୍ପ ବହୁତେ କିଛି ଅଭିଜ୍ଞତା ରହିଛି ଯେ ମା', ବାପାଙ୍କ ବ୍ୟତୀତ ଦୁନିଆର ଆଉ ଯେତେ ସବୁ ସମ୍ପର୍କ ରହିଛି ହୁଏତ ସେମାନେ ନିଜର ସ୍ୱାର୍ଥ ପାଇଁ ଆମକୁ ଅନେକ ସମୟରେ ମିଛ କହିଥାନ୍ତି ତ ଆଉ କେତେବେଳେ ଅହେତୁକ ହିଂସାତ୍ମକ ଆକ୍ରୋଶ ଭାବ ମଧ ପ୍ରଦର୍ଶନ କରିଥାନ୍ତି। ଆଉ ଯାହାକୁ ଆମେ ନିକଟରୁ ଜାଣିନାହେଁ ସେମାନେ ଯେ ଆମକୁ ସବୁବେଳେ ସତ୍ୟ ବଚନ କହିବେ କିମ୍ବା ଆମ ଭଲ କାମନା କରିବେ ବୋଲି ଭାବିବା ଆମର ସଂକୀର୍ଣ୍ଣ ମାନସିକତା ଜନିତ ଏକ ଦୁର୍ବଳତା ଛଡା ଆଉ କିଛି ନୁହେଁ । ପ୍ରେତ୍ୟେକ ମଣିଷ ତାଙ୍କ ଜୀବନରେ ଏସବୁ ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି ଆଜି ସମୟରେ । ଆମ ପାଇଁ ଜୀବନର ପ୍ରଥମ ମଣିଷ ମା' ଏବଂ ଦ୍ୱିତୀୟ ବ୍ୟକ୍ତି ବାପାଙ୍କ ବ୍ୟତୀତ ତୃତୀୟ ମଣିଷଟି ଆମର ଭାଇ କିମ୍ବା ଭଉଣୀ ଠାରୁ ମଧ ଅନେକ ସମୟରେ ଅହେତୁକ ଭାବେ ଆଶାତୀତ ମିଥ୍ୟା ବଚନ ଶୁଣିବାକୁ ମିଳିଥାଏ ଯେତେବେଳେ ବିଷୟ ରହିଥାଏ ବ୍ୟକ୍ତିଗତ ସ୍ୱାର୍ଥରେ । ଆଉ ତା ପରେ ଯେ ଚତୁର୍ଥ ସମ୍ପର୍କ ଗୁଡିକ ଠାରୁ ଆରମ୍ଭ କରି ଅଜ୍ଞାତ ମଣିଷ ପର୍ଯ୍ୟନ୍ତ ମିଥ୍ୟାବାଦୀତାର ସୀମା ନାହିଁ ଅହରହ ଲୁଣ୍ଠନ କରିବା ପାଇଁ ! ଏ କଥା ହୁଏତ ସମସ୍ତେ ସଠିକ୍ ଭାବେ ଆକଳନ କରି ପାରୁ ନଥିବେ ! କିନ୍ତୁ ଶାନ୍ତ ସରଳ ଚିତ୍ତରେ ତାହାର ସମୀକ୍ଷା କରି ଦେଖନ୍ତୁ ଜାଣିପାରିବେ ଯେ ଆମ ଜୀବନର ଜଟିଳତା କେବଳ ସୀମିତି ସେହି ଅମଣିଷଙ୍କ ମିଥ୍ୟାଭରା ପ୍ରରୋଚନା ପାଇଁ ଯାହାର କୌଣସି ପ୍ରାକୃତିକ ସଂଯୋଜନା ନାହିଁ ଯିଏ ଆମକୁ ଜନ୍ମ ଦେଇଛି ଏହି ପ୍ରକୃତି କୋଳରେ। ଅତଏବ ସଂସାରର ସମସ୍ତ ମନୁଷ୍ୟକୃତ କୁହେଳିକା, ପ୍ରହେଳିକା, ବିଷୟ ଏବଂ ବସ୍ତୁ ଗୁଡିକୁ ସନ୍ତୁଳିତ ଢଙ୍ଗରେ ପରଖି ସେଗୁଡିକର ମିଥ୍ୟା ଓ ସତ୍ୟତାର ସନ୍ଧାନ କରିବା ଏବଂ ପ୍ରାକୃତିକ ସତ୍ୟକୁ ଜାଣିବା ପାଇଁ ପ୍ରୟାସ କରିବା ହେଉଛି ସୃଜନଶୀଳତା। ସେଗୁଡିକର ଉପଯୁକ୍ତ ଜ୍ଞାନ ଆହରଣ କରି ଯଥାସାଧ ତାହାର ସଦୁପଯୋଗ କରୁଥିବା ମଣିଷକୁ ସୃଜନଶୀଳ ମଣିଷ ବୋଲି କୁହାଯାଏ । ଜଣେ ସୃଜନଶୀଳ ମଣିଷ ଚେତନାର ଚରମ ଶୀର୍ଷରେ ପହଂଚିବା ପରେ ମନୁଷ୍ୟକୃତ ଭୟ ଗୁଡିକର କୌଣସି ପ୍ରକୋପ, ପ୍ରଭାବ ଏବଂ ବାସ୍ତବତା ନଥିବା ଜାଣିପାରନ୍ତି । ତେଣୁ ସେମାନେ ସମାଜରେ ପ୍ରଚଳିତ କୁହେଳିକା, ପ୍ରହେଳିକା ଗୁଡିକୁ ଭ୍ରୂକ୍ଷେପ ନକରି ନିର୍ଭିକ ଜୀବନ ଯାପନ କରିବାରେ ସମର୍ଥ ହୋଇଥାନ୍ତି । ପ୍ରାକୃତିକ ବିପର୍ଯ୍ୟୟ ଗୁଡିକୁ କିନ୍ତୁ ସେମାନେ ଯଥେଷ୍ଟ ସଜାଗ ଢଙ୍ଗରେ ନେଇଥାନ୍ତି କାରଣ ତାହାର ପ୍ରଭାବ, ପ୍ରକୋପ ଓ ଭୟାବହତା ଉପରେ ଯଥେଷ୍ଟ ଜ୍ଞାନ ରହିଥାଏ ସେମାନଙ୍କର। ଅଜ୍ଞାନ ନିର୍ବୋଧ ମଣିଷ କିନ୍ତ' ସଚେତନ ସୃଜନଙ୍କ ବିପରୀତରେ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିବ ଅନୁଧ୍ୟାନ କଲେ। ଅସଚେତନ ନିର୍ବୋଧ ମଣିଷ ସବୁବେଳେ ସାମାଜିକ ମିଥ୍ୟା କୁହେଳିକାରେ ନିଜକୁ ଭୀତତ୍ରସ୍ତ କରୁଥିବା ବେଳେ ପ୍ରାକୃତିକ ବିପର୍ଯ୍ୟୟ ଗୁଡିକ ପ୍ରତି ସେମାନଙ୍କ ସଚେତନ ଭାବ ଆଦୌ ରହିନଥାଏ । କାରଣ ସେମାନେ ବୁଝିପାରନ୍ତି ନାହିଁ ଯେ ମନୁଷ୍ୟକୃତ କୁହେଳିକା, ପ୍ରହେଳିକା ଜନିତ ଭୟାବହତାର କୌଣସି ପ୍ରତ୍ୟକ୍ଷ ପ୍ରଭାବ ଆଉ କିଛି ରହିନଥାଏ କେବଳ ଏକ ମାନସିକ ବିଚଳିତତା ବ୍ୟତୀତ । କି’’ୁ ପ୍ରାକୃତିକ ଭୟାବହତାର ଭୀଷଣତ୍ୱ ସେମାନଙ୍କୁ କୌଣସି ପ୍ରଭାବ ପକାଇ ନଥାଏ ଯାହା ସମୟ କ୍ରମରେ ଏକ ସାଙ୍ଘାତିକ ପରିସ୍ଥିତି ସୃଷ୍ଟି କରିପାରେ । ଉଦାହରଣ ସ୍ୱରୂପ ବର୍ତ୍ତମାନର ବିଶ୍ୱ ଉତ୍ତାପ ବୃଦ୍ଧି, ଭୂତଳ ଜଳସ୍ତର କ୍ଷୀଣ ହେବା, ପାତାଳ, ପାର୍ବତ୍ୟ ହିମ ତରଳିବା ଭଳି ଆହୁରି ଅନେକ ପ୍ରାକୃତିକ ବିପର୍ଯ୍ୟୟ ଯାହା ଆଗକୁ ସାଙ୍ଘାତିକ ବିପର୍ଯ୍ୟୟ ସୃଷ୍ଟି କରିବା ତଥା ମଣିଷ ସମାଜକୁ ଭୂପୃଷ୍ଠରୁ ବିଲୁପ୍ତ କରିବାକୁ ଯାଉଅଛି । ସେଗୁଡିକ ଉପରେ ସାଧାରଣରେ କାହାର ଚେତନା ସଚେତନତା କିମ୍ବା ଜାଗ୍ରତ ଭାବ ଦେଖିବାକୁ ମିଳୁନାହିଁ । କି’’ୁ ମନୁଷ୍ୟକୃତ ଭୟାବହତା ତଥା ନିଜର ଆର୍ଥିକ ଭବିଷ୍ୟତ, ଶାରୀରିକ ରୋଗ ଯନ୍ତ୍ରଣା ଜନିତ ମୃତ୍ୟୁ ତଥା ସାମାଜିକ ସମ୍ମାନ ଭଳି ଆହୁରି ଅନେକ ଅପ୍ରାକୃତିକ ବିଷୟ ଉପରେ ପ୍ରାୟ ସମସ୍ତଙ୍କ ବିପରୀତମୁଖୀ ଜ୍ଞାନ ଯଥେଷ୍ଟ ବୃଦ୍ଧି ହେଉଥିବା ଅସ୍ୱୀକାର କରିହେବ ନାହିଁ। ଅତଏବ କହିବାକୁ ଗଲେ ନିଜକୁ ନିଜେ ଜଣେ ମଣିଷ ସୃଜନଶୀଳ କରିବା ପାଇଁ ଆଜିଠାରୁ ଚେଷ୍ଟା ଆରମ୍ଭ କଲେ କେତେ ଦିନ, ବର୍ଷ ଲାଗିବ ତାହା ପାଇବା ପାଇଁ, ନିର୍ଭର କରୁଛି ସମ୍ପୃକ୍ତ ମଣିଷର ଜନ୍ମଗତ ଗୁଣ, ଧର୍ମ, ମାନସିକ ସ୍ଥିତି ଉପରେ । କିନ୍ତ' ଯେତେ ବର୍ଷ ଲାଗିଲେ ମଧ ଯେ ନିଜର ମୃତ୍ୟୁ ଟି ଅତ୍ୟନ୍ତ ସୁଖ ଦାୟକ ହୋଇ ପାରିବ ସେଇଥିରେ କୌଣସି ସନ୍ଦେହ ନାହିଁ। ଆଉ ଜୀବନରେ ଜଣେ ନିର୍ଭିକ ମଣିଷ ଭଳି ଆନନ୍ଦରେ ବଂଚିବା ମଧ ସମ୍ଭବ ହୋଇପାରିବ ଯାହା ହୁଏତ ଆଜି କାହାକୁ ବୁଝା ପଡୁନାହିଁ। କିନ୍ତୁ ଏହା ସତ୍ୟ ! ଅଧିକ ଜାଣିବା ପାଇଁ ଆଗ୍ରହୀ ମଣିଷ ମାନେ ଆମ ସହିତ ଏଠାରେ କିମ୍ବା ଅନ୍ୟ ଯେକୌଣସି ଉପାୟରେ ପ୍ରଶ୍ନୋତ୍ତର କରିପାରିବେ। ନିସ୍ୱାର୍ଥପର ଭାବେ ସମସ୍ତଙ୍କୁ ସଠିକ୍ ମାର୍ଗ ଦେଖାଇ ବ୍ୟକ୍ତିଗତ ସୃଜନଶୀଳତା ସୃଷ୍ଟିକରି ସାଧାରଣ ଲୋକଙ୍କ ମଙ୍ଗଳ କାମନା କରିବା ଆମର ବିଚାର।

# ଦାନ କରନ୍ତୁ

॥ ଅଜୟ କୁମାର ବେହେରା ॥

ସଂସାର ବଡ଼ଦାନୀ କିଏ? ଏକଥା ଅନୁସନ୍ଧାନ କଲେ ଆମେ ନିଶ୍ଚେ ସୂର୍ଯ୍ୟଙ୍କୁ, ବାୟୁ ଦେବତା, ପୃଥିମାତା, ଗଙ୍ଗାମାତା ଏମିତି କେତେ ଧାଡ଼ିରେ ଦାନୀମାନେ ଆସିଯିବେ। ମନୁଷ୍ୟ ଏମାନଙ୍କ ବିନା ବଞ୍ଚିବା କେବେ ସମ୍ଭବ ନୁହେଁ। ଦାନ ନେଇ ଦାନ ଦେବା ଦ୍ୱାରା ତିନିପୁରରେ ଜିତାପଟ କରାଇଥାଏ। ମାତ୍ର ଏବେ ଦାନର ମର୍ଯ୍ୟାଦା କେହି ରଖିବାକୁ ଚାହୁଁ ନାହାନ୍ତି। ଆପଣା ପେଟପୁରା ଭୋଜନ ସୁନ୍ଦର ପୋଷାକ ପରିଚ୍ଛନ୍ନ ଅଳଙ୍କାର ଧାରଣ ଉତ୍ତମ ଘର ଜାଗା ଜମି ଯାନ ବାହାନ ଇତ୍ୟାଦି ସମସ୍ତେ ମଜଗୁଲ ଭଲ ଚାକିରୀ ପାଇଁ ଉଦ୍ୟମୀ, ଏସବୁରେ ସବୁ ବ୍ୟକ୍ତିଙ୍କର ଆଖି ଜଣେ ଜଣେ ଅନେକ ରୋଜଗାର କରି ତାଙ୍କର ସମ୍ପତ୍ତି ବଢ଼ାଇ ଚାଲିଛି ଓ ନଶ୍ୱର ଶରୀରକୁ ଚରିନ୍ତନୀ ଲୀଳାରେ ଜଡ଼ିତ କରି ଅନେକ ସ୍ୱପ୍ନ ଦେଖୁଛନ୍ତି କିନ୍ତୁ ଘଟ ଛୁଟିଲେ ତୋତେ ବୋଲି ଭୂତ ଏ ଉକ୍ତି ସେମାନେ ଭୁଲିଯାଉଛନ୍ତି। ଗୁରୁ ଗୋବିନ୍ଦ ନାମ ତୁଣ୍ଡରେ ଧରନ୍ତି ନାହିଁ। ବିଦ୍ୟାଗୁରୁ ମଧରେ ଅକ୍ଷର ଶିକ୍ଷାଦାତା କଥା କୁହାଇବା ଶିକ୍ଷା ଦାତାଙ୍କୁ ଅଣଦେଖା କରି ବିଦ୍ୟାର୍ଜନର ଶେଷକାଳ ଶିକ୍ଷକଙ୍କୁ ସମସ୍ତେ ମନେରଖନ୍ତି। ଗୋବିନ୍ଦ କିଏ? ଏକଥା ବୁଝିବାକୁ ତର ନାହିଁ।

ନାରାୟଣ ଅଛନ୍ତି, ନର ରୂପୀ ନାରାୟଣ ଭଗବାନ ବାମନ ରୂପରେ ଦାନର୍ଥି ଥିଲେ। ବାମନଙ୍କୁ ଦେଖିବେ କେଉଁଠି ରଥେରୁଢ଼ ବାମନ ଦୃଷ୍ଟା ପୁନର୍ଜନ୍ମ ନବିଦ୍ୟତେ। ଏ ବାମନ ଅବତାର ଆସିଥିଲେ ଲୋକେ ଯେତେବେଳେ କାମ ନକରି ରାଜଧନକୁ କେବଳ ଆଶ୍ରା କରୁଥିଲେ ସେତିକିବେଳେ ବାମନ ଆସିଥିଲେ ସେ ତିନିପାଦ ଭୂମି ମାଗିଥିଲେ। ପାଦର ଚୌଡ଼ା ଲମ୍ବା ଅଛି ଏମିତିବା ଭୂମି ଖଣ୍ଡିଏ କଣ ହେବ? ଏପରି ଭାବନା ମନରେ ଆସିବା ସ୍ୱାଭାବିକ ହେଲେ ଅସଲ ରହସ୍ୟ ନାନୋପଦ୍ଧତି ସବୁଠାରୁ ଦରକାରୀ ଆବଶ୍ୟକକୁ ଛୋଟେଇ ଆକାଂକ୍ଷା କଲେ ଯାଇଁ ଜଗତରେ ତିଷ୍ଠି ହେବ। ଏଇଟା ବାମନଙ୍କ ଶିକ୍ଷାଦାନ। ଅନେକ ଆଶ୍ରମରେ ଭଣ୍ଡାରା ହେଉଛି, ମୋଫତ ଖାଦ୍ୟ ଦିଆ ଯାଉଛି, କିନ୍ତୁ ଆଶ୍ରମରେ ଅର୍ଥ ଅର୍ଜନ ଭିକ୍ଷା ମାଧୁକରୀରେ ହିଁ ହୁଏ। ଭିକ୍ଷା କରି ସେମାନେ ଅନ୍ୟକୁ ଖୁଆନ୍ତି ଏହା ନାରାୟଣ ପୂଜା ଅନ୍ନ ଅଛି ଅନ୍ନପୂର୍ଣ୍ଣାଙ୍କ ହାତରେ ଅନ୍ନପୂର୍ଣ୍ଣା କାଶିରେ ପାର୍ବତିମାଙ୍କ ନାମ ଭଗବାନ ଶଙ୍କର ଝୋଲି ପାତି ଅନ୍ନପୂର୍ଣ୍ଣାଙ୍କ ଠାରୁ ଅନ୍ନଭିକ୍ଷା କରିବା ଛବି କାଶୀରେ ବଜାରରେ ବିକ୍ରୀ ହୁଏ। ଆମ ଓଡ଼ିଶାରେ ଖୋଜ କଲେ ମିଳେ। ଶଙ୍କରଙ୍କ ଅବତାର ଗୁରୁ ଗୋରଖନାଥ ତାଙ୍କର ଗୁରୁ ମଣ୍ଛିନ୍ଦ୍ରନାଥ ଓ ତାଙ୍କର ଗୁରୁ ଏଇ ଶଙ୍କରଙ୍କ ରୂପ ଆଦିନାଥ, ତାଙ୍କର ପ୍ରବର୍ତ୍ତିତ ମାର୍ଗ ନାଥଧର୍ମ। ନାଥମାନେ ଭିକ୍ଷାଥାଳ ଧରି ଘରେ ଘରେ ଭିକ୍ଷାକରି ତାଙ୍କର ଭୋଜନ ସଂଗ୍ରହ କରନ୍ତି। ଆମ ରାଜ୍ୟରେ ମହିମା ଧର୍ମର ଉପାସକମାନେ କାହାରି ଘରେ ଅନ୍ନଭିକ୍ଷା କଲେ ଗୃହସ୍ଥର ଆଭ୍ୟନ୍ତର ଗୃହକୁ ନଯାଇ ପଦାରେ ବାହାରେ ଭୋଜନ ମାତ୍ର ଏକଥର କରନ୍ତି। କେତେବେଳେ ଦ୍ୱିତୀୟ ଥର କେବେ ଭୋଜନକୁ ରହନ୍ତି ନାହିଁ। ବୌଦ୍ଧ ଧର୍ମର ଭିକ୍ଷୁମାନେ ଗୃହସ୍ଥ ଦ୍ୱାରକୁ ଗଲେ ଭିକ୍ଷା ମାଗିବା ସହିତ ଦାକୁ ଭିକ୍ଷାଦାନ କାଳରେ ତାଙ୍କ ଆଖିକୁ ଆସିଥିବା ତତ୍କାଳ ପରିସ୍ଥିତିରେ କିଛି ବ୍ୟତିକ୍ରମ ଉପରେ ଉପଦେଶ ଦିଅନ୍ତି। ଧର୍ମମାସରେ ଆସେ ବୈଶାଖ, କାର୍ତ୍ତିକ, ମାଘ ଓ ଆଷାଢ଼ ମାସ। ଏ ମାସ ଗୁଡ଼ିକ ସଂକ୍ଷିପ୍ତରେ ଆକାମାବୈ, କ୍ରମରେ ରହିଛି। ଆଷାଢ଼ ମାସରେ ବର୍ଷା, ଝଡ଼ତୋଫାନ ଏଥିରେ ପାଦରେ ଚାଲି ଚାଲି ଘର ବୁଲିବା ଏକ ପ୍ରକାର କଷ୍ଟ କାମ। ଏହାବାଦ ଅନ୍ୟ ତିନି ମାସରେ ପୁରୀ ଜିଲ୍ଲା କିଛି ବ୍ରାହ୍ମଣ ଶାସନରୁ କିଛି ଉପଦେଶ ଦେବା ବ୍ରାହ୍ମଣ ତାଙ୍କୁ ଚକ୍ରକୁ ଚକ ଭଳି ବୁଲିବା ପଣ୍ଡା (ପଣ୍ଡିତ)ମାନେ ଚକୁଳିଆ ପଣ୍ଡା ଭାବରେ ପରିଚିତ ସେମାନେ ଗୃହସ୍ଥଙ୍କ ଘର ସଂଲଗ୍ନ ରାସ୍ତା ରାସ୍ତାରେ କିଛି ଧର୍ମକଥା ଶୁଣାଇ ଶୁଣାଇ ଉପଦେଶ ଦେଇ ଦେଇ ସିଦ୍ଧା ଅନ୍ନ ପରିବା ଭିକ୍ଷା ରୂପେ ଗ୍ରହଣ କରନ୍ତି। ଏସବୁରେ ଗୃହସ୍ଥ ଦାନ ସହିତ ଅମୂଲ୍ୟ ଉପଦେଶମାନ ପାଆଁନ୍ତି। ଆମ ରାଜ୍ୟରେ ଯେକୌଣସି ମନ୍ଦିରକୁ ଦର୍ଶନ ପାଇଁ ଗଲେ ମନ୍ଦିର ପାଖ ସମ୍ମୁଖ ରାସ୍ତା ଭାଗରେ କିଛି ଭିକ୍ଷାର୍ଥୀ ବସିଥାନ୍ତି। ଏମାନେ ମନ୍ଦିର ପ୍ରବେଶ ବେଳକୁ କିଛି ମାଗନ୍ତି ନାହିଁ ମାତ୍ର ଦର୍ଶନ ସାରି ଫେରିବା ବେଳକୁ କିଛି ଦାନ ସଂଗ୍ରହ ପାଇଁ ମାଗୁଣି କରନ୍ତି। ପ୍ରକୃତରେ ଏମାନେ ପ୍ରାପ୍ତ ଦାନ ନେବାକୁ ଏ ପ୍ରକାର ବେଶରେ ଏଠାରେ ବସିଛନ୍ତି। ଯେଉଁମାନେ ରୋଜଗାରକୁ ଅକ୍ଷମ, ବିକଳାଙ୍ଗ ବା ଉପାୟ ଶୂନ୍ୟ। ମାତ୍ର ଏ ମଧରେ ଦଳେ ମାୟାବୀ ଠକ ବି ସାମିଲ ଏବେ ହେଲେଣି। ପ୍ରକୃତରେ ଏପରି ଆମାର ଦେବଭକ୍ତଙ୍କର ଏକ ଧର୍ବ ବିଶ୍ୱାସ ଯେ ଏମାନଙ୍କୁ ନିଜର ଅର୍ଜିତ ଆୟ ଦାନ କଲେ ପୂଣ୍ୟ ହୁଏ। ଏହା ଅନେକାଂଶରେ ଠିକ। ସେମାନଙ୍କୁ ବଞ୍ଚିବା ପାଇଁ ସହାୟକ ହେଲେ ଦାନ କରି ମଙ୍ଗଳ ହିଁ ହୁଏ। ମାତ୍ର ଠକଙ୍କୁ ନୁହେଁ, ଠକ ମାନେ ଦାନ ଅର୍ଥ ଅସଦ ବିନିଯୋଗ, ନିଶାପାଣିରେ ବୃଥା ମଜଲିସ କରିଥାନ୍ତି। ଡାକ୍ତରଖାନାରେ ଅନେକ ସାଂଘାତିକ ରୋଗୀଙ୍କର ଔଷଧ ବା ଚିକିତ୍ସା ପାଇଁ ଅର୍ଥ ନଥାଏ। ଏଠାରେ ରୋଗୀର ଲୋକ ବିକଳ ହୋଇ ଔଷଧ ଚିଠା ଦେଖାଇ ଭିକ୍ଷା ମାଗନ୍ତି। ଚିଠାରେ ଔଷଧ ନାମ ଡାକ୍ତରଙ୍କ ନାମ ଥାଏ ମାତ୍ର କେତେ ସ୍ଥଳରେ କିଛି ଠକ ଏମାନଙ୍କୁ ଆଗରେ ରଖି ଲୋକଙ୍କ ସହାନୁଭୂତିରେ ପ୍ରାପ୍ତ ଅର୍ଥକୁ ନିଜେ ଚଳୁକରନ୍ତି। ଏ ପାଇଁ ଭଲ କରି ଅନୁଧାନ କରି ଏମାନଙ୍କୁ ଅର୍ଥ ସହାୟକ ଆବଶ୍ୟକ। କ୍ୟାନସର ରୋଗୀ, ଥାଲାସେମିଆ ରୋଗୀ ଜାରୁରୀ ରକ୍ତ ଆବଶ୍ୟକ ପାଇଁ ବିକଳ, ମୁତ୍ରଯନ୍ତର ଜଟିଳ ରୋଗୀ ଇତ୍ୟାଦିଙ୍କୁ ସହାୟ ନିହାତି ବିବେକୀ ଦାନ ଦେବା ଉଚିତ।



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ସଫେଇ ଆଳରେ ଅଳଙ୍କାର ଧରି ଚମ୍ପଟ୍

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ଦୁର୍ଗା ବଜାର କଲୋନୀ ପରିସରରେ ସୋମବାର ଦିନ ସଫେଇ କରିବା ଆଳଦେଖାଇ ଦୁଇ ଜଣ ମହିଳାଙ୍କ ଠାରୁ ଅଳଙ୍କାର ଲୁଟି ଦୁଇ ଦୁର୍ବୃତ୍ତ ଚମ୍ପଟ୍ ମାରିଛନ୍ତି । ସୂଚନା ଅନୁସାରେ ଦିନ ପ୍ରାୟ ୧୧ ସମୟରେ ଦୁଇଜଣ ମହିଳା ନିଜ ଘର ସମ୍ମୁଖରେ ବସିଥିବା ସମୟରେ ଦୁଇ ଜଣ ବାଇକ୍ ରେ ଆସିଥିଲେ। ଜଣେ କିଛି ଦୂରରେ ବାଇକ୍ ରେ ବସି ରହିଥିଲା ବେଳେ ଅନ୍ୟଜଣେ ମହିଳାଙ୍କ ପାଖକୁ ଆସି ଚୁଡ଼ି ସଫା କରିବାକୁ କହିଥିଲେ। ମହିଳା ମାନେ ପ୍ରଥମେ ନାରାଜ ହୋଇଥିଲେହେଁ ପରେ ବିଭିନ୍ନ ପ୍ରକାର ଚତୁର କଥା କହି ହାତରେ ରଙ୍ଗ ବୋଲି ସଫା ହେଉଥିବାର ଦେଖାଇ ଥିଲେ। ଏହା ଦେଖି ମହିଳା ଦୁଇଜଣ ହାତରୁ ଚୁଡ଼ି ବାହାର କରିଥିଲେ। ଗରମ ପାଣି ଆଣିବାକୁ କହିବା ସମୟରେ ଜଣେ ଦୁର୍ବୃତ୍ତ ଚୁଡ଼ି ଧରି ଦୌଡ଼ିଥିଲା। ନିକଟରେ ଥିବା ଅନ୍ୟ ସହଯୋଗୀଙ୍କ ସହ ବାଇକରେ ବସି ଘଟଣା ସ୍ଥଳରୁ ଚମ୍ପଟ୍ ମାରିଥିଲେ। କଲୋନୀର ରଜନୀ ପୃଷ୍ଟିଙ୍କର ଦୁଇ ଗୋଟି ଓ ଜ୍ୟୋସ୍ନାରାଣୀ ସାହୁଙ୍କର ଦୁଇ ଗୋଟି ଚୁଡ଼ି ଲୁଟ୍ ହୋଇଥିବା ଜଣାପଡିଛି। ଘଟଣା ବେଶ୍ ଆଲୋଡନ ସୃଷ୍ଟି କରିବା ସହିତ ଭୟର ବାତାବରଣ ସୃଷ୍ଟି କରିଛି। ଖବର ପାଇଁ ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଜାରି ରଖିଥିବା ଜଣାପଡିଛି। ସେହିଭଳି ରବିବାର ଦିନ ଦଶପଲ୍ଲା ନାରଣଗଞ୍ଜ ହାଟରୁ ତେନ୍ତୁଳିପାଟଣାର ବ୍ୟବସାୟୀ ଅଶୋକ ସେନାପତିଙ୍କର ଅଳଙ୍କାର ଲୁଟ୍ ମଧ୍ୟ ହୋଇଥିଲା। ଏସବୁ ଘଟଣା ପରେ ଦଶପଲ୍ଲାରେ ଲୁଟେରାଙ୍କ ରାକେଟ୍ ସକ୍ରିୟ ହୋଇ ଉଠିଥିବା ସନ୍ଦେହ ଘନୀଭୂତ ହେବାରେ ଲାଗିଛି।

## ହିନ୍ଦୋଳରେ ହାତୀ ଆକ୍ରମଣରେ ପୁଣି ଜଣେ ମୃତ

ହିନ୍ଦୋଳ, (ମହାଭାରତ) : ହିନ୍ଦୋଳ ଉପଖଣ୍ଡ ନୂଆଗାଁ ପଞ୍ଚାୟତ ଅନ୍ତର୍ଗତ ରଘୁନାଥପୁର ଗ୍ରାମରେ ହାତୀ ଆକ୍ରମଣରେ ସୋମବାର ରାତିରେ ଜଣେ ମୃତ୍ୟୁବରଣ କରିଛନ୍ତି । ପ୍ରକାଶ ଥାଏକି ସୋମବାର ଦିନ ସକାଳ ସମୟରେ ଘନ କୁହୁଡି ଆସିଥିବା ସମୟରେ ଗ୍ରାମର ନିତ୍ୟାନନ୍ଦ ପାତ୍ରଙ୍କ ପତ୍ନୀ ଗ୍ରାମ ପୋଖରୀକୁ ଗାଧୋଇବାକୁ ଯାଇଥିଲେ ମାତ୍ର ହାତୀ ଆସିଥିବା ଖବର ପାଇ ନିଜ ପତ୍ନୀଙ୍କୁ ଘରକୁ ଆସିବାକୁ ଡାକିଯାଇ ଉଭୟ ଫେରୁଥିବା ସମୟରେ ହଠାତ୍ ଏକ ଦନ୍ତା ହାତୀ ସହ ମୁହାଁମୁହିଁ ହୋଇଯାଇଥିଲେ । ଦନ୍ତା ହାତୀଟି ଉଭୟଙ୍କୁ ଆକ୍ରମଣ କରି ନିତ୍ୟାନନ୍ଦ ପାତ୍ର (୬୫ )- ଙ୍କୁ ଶୁଣ୍ଢରେ ଟେକି ଫୋପାଡି ଦେଇ ଘୋର ଗର୍ଜନ କରି ପଳାଇଥିଲା । ଗ୍ରାମବାସୀ ଙ୍କ ନିକଟରୁ ବନ ବିଭାଗ କର୍ମଚାରୀ ଉକ୍ତ ଖବର ପାଇ ଗୁରୁତର ଆହାତ ନିତ୍ୟାନନ୍ଦ ଓ ତାଙ୍କ ପତ୍ନୀଙ୍କୁ ଘଟଣା ସ୍ଥଳରୁ ଉଦ୍ଧାର କରି ଅନୁଗୁଳ ସରକାରୀ ଡାକ୍ତର ଖାନାରେ ଚିକିତ୍ସା କରାଉଥିଲେ ମାତ୍ର ସୋମବାର ବିଳମ୍ବିତ ରାତ୍ରିରେ ଚିକିତ୍ସାଧିନ ଅବସ୍ଥାରେ ନିତ୍ୟାନନ୍ଦଙ୍କ ମୃତ୍ୟୁ ହୋଇଥିଲା । ଉକ୍ତ ଖବର ପାଇ ଢେଙ୍କାନାଳ ଲୋକସଭା ସାଂସଦ ରୁଦ୍ରନାରାୟଣ ପାଣି ଦିଲ୍ଲୀ ଯିବା ବାଟରେ ଆରସିସିଏଫ ସଞ୍ଜୟ ସ୍ୱାଇଁ, ଡିଏଫଓ ସୁମିତ କରଙ୍କ ସହ ଫୋନ ଯୋଗେ ବିଶେଷ ଆଲୋଚନା କରି କ୍ଷତିଗ୍ରସ୍ତ ପରିବାର ବର୍ଗକୁ ତୁରନ୍ତ ସମସ୍ତ ପ୍ରକାର ସରକାରୀ ସାହାଯ୍ୟ ସହଯୋଗ ଯୋଗାଇଦେବାକୁ ପରାମର୍ଶ ପ୍ରଦାନ କରିଥିବା ଜଣାପଡିଛି। ଅନୁଗୁଳରେ ଶବ ବ୍ୟବଚ୍ଛେଦ ପରେ ଗ୍ରାମକୁ ଅଣାଯିବା ପରେ ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତେଷ୍ଟି କ୍ରିୟା ସମ୍ପର୍ଣ୍ଣ ହୋଇଛି ଏକମାତ୍ର ପୁତ୍ର ରଣଜିତ୍ ପାତ୍ର ମୁଖାଗ୍ନି ଦେଇଛନ୍ତି । ସ୍ଥାନିୟ ସରପଞ୍ଚ ହରପ୍ରିୟା ସେନାପତି ମୃତକଙ୍କ ପରିବାର କୁ ପଞ୍ଚାୟତ ତରଫରୁ ହରିଶ୍ଚନ୍ଦ୍ର ସହାୟତା ରାଶି ଯୋଗାଇ ଦେଇଥିବା ସମୟରେ ଏଭଳି ଏକ ଦୁଃଖଦ ଘଟଣାରେ ସ୍ଥାନିୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ମଦ୍ୟପ ପୁତ୍ରର ଅତ୍ୟାଚାରରେ ଘର ଛାଡି ବୁଲୁଥିବା ବୃଦ୍ଧାଙ୍କୁ ଉଦ୍ଧାର କଲେ ସମାଜସେବୀ ସ୍ନେହମୟୀ



ପାରାଦୀପ, (ମହାଭାରତ) : ଆଜିର ସମାଜରେ ବାପା ମା ଙ୍କୁ ହତାଦର କରୁଥିବାର ଅନେକ ନଜିର ରହିଛି । ପିଲାଟିକୁ ମଣିଷ କରିବାକୁ ଦୁଃଖକଷ୍ଟ କରି ନିଜ ସନ୍ତାନ କୁ ମଣିଷ କରୁଥିବା ପିଲାମାନେ ବାପା, ମା'ଙ୍କ ବୃଦ୍ଧାବସ୍ଥାରେ ହତାଦର କରିବା କାରଣରୁ ସେମାନଙ୍କ ଶେଷଆଶ୍ରା ଜରାଶ୍ରମ ପାଲଟିଥାଏ । ଏହିଭଳି ଏକ ଘଟଣା ଦେଖିବାକୁ ମିଳିଛି ପାରାଦୀପ ଗଡ଼ ଅଞ୍ଚଳରେ। ପାରାଦୀପ ଗଡ଼ ଗ୍ରାମରେ ରହୁଥିବା ସତୁରି ବର୍ଷରୁ ଉର୍ଦ୍ଧ ବୃଦ୍ଧା ମାଧବୀ ଦାସଙ୍କୁ ଉଦ୍ଧାର କରି ବୃଦ୍ଧାଶ୍ରମରେ ଛାଡିଛନ୍ତି ବ୍ୟାସ ଫାଉଣ୍ଡେସନର ଅଧକ୍ଷା ତଥା ଚର୍ଚ୍ଚିତ ସମାଜସେବୀ ସ୍ନେହମୟୀ ଆଚାର୍ଯ୍ୟ। ପାରାଦୀପ ଗଡ଼ ଗ୍ରାମରେ ରହୁଥିବା ସ୍ୱର୍ଗତଃ ଫକୀର ଦାସଙ୍କ ସତୁରି ବର୍ଷୀୟା ପତ୍ନୀ ମାଧବୀ ଦାସ ଝିଅ ବିବାହ ପରେ ପୁଅବୋହୁଙ୍କ ପାଖରେ ରହି ଆସୁଥିଲେ । ହେଲେ ପୁଅ ଦୈନନ୍ଦିନ ମଦ୍ୟପାନ କରି ନିଶାଶକ୍ତ ଅବସ୍ଥାରେ ଘରକୁ ଆସି ଦୈନଦିନ ସ୍ତ୍ରୀ ପିଲା ମାନଙ୍କୁ ଗାଳିଗୁଲଜ କରିବା ସହିତ ବୃଦ୍ଧା ମା କୁ ମଧ ଛାଡୁ ନଥିଲେ । ଯାହା ଫଳରେ ପୁଅ ର ଅତ୍ୟାଚାର ସହି ନପାରି ମାଧବୀ ଘର ଛାଡି ଦୀର୍ଘଦିନ ହେବ ଏଣେତେଣେ ବୁଲୁଥିଲେ । ବୟସର ଅପରାହ୍ନରେ ଏଭଳି ଅସହାୟ ଅବସ୍ଥାରେ ବୁଲୁଥିବା ବୃଦ୍ଧା ମହିଳାଙ୍କ ଅସହାୟତା ବିଷୟରେ ଯୁବ ସମାଜ ସେବୀ ଶିଶିର କୁମାର କର ବ୍ୟାସ ଫାଉଣ୍ଡେସନ ର ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟଙ୍କୁ ଜଣାଇଥିଲେ । ଆଜି ସ୍ନେହମୟୀ ନିଜର ସାଥିଙ୍କୁ ଧରି ପାରାଦୀପ ଗଡ଼ ରେ ରହିଥିବା ବିଜୁ ପଟ୍ଟନାୟକ ମାର୍କେଟ କମ୍ପ୍ଲେକ୍ସରେ ପୁଅ, ବୋହୁ ଓ ଝିଅଙ୍କ ଉପସ୍ଥିତରେ ମାଧବୀଙ୍କୁ ଉଦ୍ଧାର କରି ସ୍ଥାନୀୟ ବୃଦ୍ଧାଶ୍ରମରେ ଛାଡିଥିବା ନେଇ କହିଛନ୍ତି ସ୍ନେହମୟୀ ଆଚାର୍ଯ୍ୟ । କିଛି ସମୟ ପାଇଁ ପୁଅ ବୋହୁ ସମାଜ ର ଲଜ୍ଜାକୁ ନେଇ ବୃଦ୍ଧା ମାଧବୀଙ୍କୁ ପାଖରେ ରଖିବାକୁ କହୁଥିଲେ ମଧ ମାଧବୀ ସିଧାସଳଖ ମନା କରିଦେଇଥିଲେ । କହିଲେ ମୁଁ ଆଶ୍ରମ ଯିବି, ଯଦି ମୋତେ କେହି ଅଟକାଇବ ତା ହେଲେ ସନ୍ଧ୍ୟା ବେଳକୁ ମୋର ମଲାମୁହଁ ଦେଖିବ ବୋଲି ସିଧାସିଧା ଶୁଣାଇଦେଇଥିଲେ । ଯାହାକୁ ନେଇ ପୁଅ,ବୋହୁ ଓ ଝିଅ ଙ୍କ ଉପସ୍ଥିତରେ ମାଧବୀ ଙ୍କୁ ସାଥିରେ ଆଣି ସ୍ଥାନୀୟ ସାଇରାମ ଜରାଶ୍ରମ ରେ କିଛିଦିନ ପାଇଁ ରଖିବା ସହିତ ଯଦି ବୃଦ୍ଧା ମାଧବୀ ନିଜର ମନସ୍ଥିର କରନ୍ତି ଏବେ ତାଙ୍କ ପିଲାମାନେ ତାଙ୍କୁ ପାଖକୁ ନେବାକୁ ଚାହାଁନ୍ତି ତେବେ ସେଥିରେ ମୋର କିଛି ଆପତ୍ତି ନାହିଁ ବୋଲି କହିଛନ୍ତି ସ୍ନେହମୟୀ ଆଚାର୍ଯ୍ୟ । ଜଗତସିଂହପୁର ଜିଲ୍ଲାରେ ସେବାକ୍ଷେତ୍ରରେ ମଦର ଟେରେସା ଭଳି ସାଧାରଣ ଲୋକଙ୍କ ପାଇଁ ଅଣ୍ଟା ଭିଡୁଥିବା ବ୍ୟାସ ଫାଉଣ୍ଡେସନ ର ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟଙ୍କ ଏଭଳି ମହତ କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳବାସୀ ଭୁୟସୀ ପ୍ରଶଂସା କରିଛନ୍ତି ।

## ୨୮ ରେ ହେବ ଖଣି ନିଲାମ କମ୍ପାନୀ ଦେଖାଉଛନ୍ତି ଆଗ୍ରହ, ୫ ଓଡ଼ିଆ ନିଲାମ ଦୌଡ଼ରେ ସାମିଲ

ଯୋଡା, (ମହାଭାରତ): କେନ୍ଦୁଝର ଜିଲ୍ଲା ସ୍ଥିତ ଓ ଡ଼ିଶାରେ କିଛି ବୃହତ୍ ଖଣି ର ନିଲାମ ଆଗାମୀ ୨୮ ତାରିଖରେ ହେବା କୁ ଅଛି ।ସମୁଦାୟ ୧୧ ଟି ଖଣି ନିଲାମ ହେବ ।ମିଳିଥିବା ସୂଚନା ଅନୁଯାୟୀ, ଗାର। ମୁର। ଲାଇମ ଷ୍ଟନ ଖଣି କୁ କୌଣସି ନିଲାମ ଧାରି ଆଗ୍ରହ ଦେଖାଇ ନ ଥିବା ବେଳେ ପଶ୍ଚିମ ତରହ।ପାଣି ବକ୍ସାଇଟ ବ୍ଲକ୍ କୁ ସବୁଠାରୁ କମ୍ କମ୍ପାନୀ ନିଲାମ ପ୍ରକ୍ରିୟାରେ ସାମିଲ ଅଛନ୍ତି । ସେହିପରି ଯୋଡା ଖଣି ମଣ୍ଡଳ ର ଜଜାଙ୍ଗ (କ) ଆଇରନ ଓ ମାଙ୍ଗାନିଜ ଖଣି କୁ ହାତେଇବା ପାଇଁ ବହୁ କମ୍ପାନୀ ଆଗ୍ରହ ଦେଖାଇ ଛନ୍ତି । ଓଡ଼ିଆ ଖଣି କମ୍ପାନୀ ମାନଙ୍କ ମଧ୍ୟରେ କାଶଭି ଇଣ୍ଟରନେସନାଲ, ଡି ଆର୍ ପଟ୍ଟନାୟକ, ଜିତେନ୍ଦ୍ର ନାଥ ପଟ୍ଟନାୟକ, ଇନ୍ଦ୍ରାଣୀ ପଟ୍ଟନାୟକ ଓ ଟି .ପି ମହାନ୍ତି ଅଂଶ ଗ୍ରହଣ କରୁଥିବା ବେଳେ ବାକି ଜାତୀୟ ଏଂ ଆନ୍ତର୍ଜାତୀୟ ସ୍ତରର ବ୍ୟବସାୟୀ ମାନେ ଅଂଶ ଗ୍ରହଣ କରୁଛନ୍ତି ।ଯୋଡା ଖଣି ମଣ୍ଡଳ ର ଠାକୁରାଣୀ ଓ,ଜଜାଙ୍ଗ ଖଣି ଭଳି ଉନ୍ନତ ମାନର ଖଣିଜ ଥିବା ଖଣି ଉପରେ ବଡ ବଡ ଖଣି କମ୍ପାନୀ ମାନଙ୍କ ର ନଜର ରହିଛି । ଏଣୁ ନିଲାମ ପ୍ରକ୍ରିୟା ଉପରେ ସମସ୍ତ ଙ୍କର ନଜର ଆସନ୍ତା ୨୮ ତାରିଖ ଦିନ ରହିବ ।ଏହି ଖଣି ଗୁଡ଼ିକ ଉପରେ ଯୋଡା ଅଞ୍ଚଳ ର ପରିବହନ ବ୍ୟବସାୟୀ ଙ୍କ ଠାରୁ ଆରମ୍ଭ କରି ଟ୍ରକ୍ ମାଲିକ, ଅଞ୍ଚଳରେ ବେକାର ଥିବା ଶିକ୍ଷିତ ଯୁବତୀ ଯୁବକଙ୍କ ନଜର ରହିଛି। ବିଭିନ୍ନ ଶ୍ରମିକ ସଂଗଠନ ର ନଜର ମଧ୍ୟ ରହିଛି । ତେବେ ପୂର୍ବରୁ ନଜିର ରହିଛି ଯେ,ନିଲାମ ରେ ହାତେଇବା ପରେ ମଧ୍ୟ କିଛି ଅପାରଗ ଖଣି କମ୍ପାନୀ ମାନେ ଖଣି କାର୍ଯ୍ୟ ରୁ ନିଜକୁ ଓହରି ଇ ନେଉଛନ୍ତି ।କିମ୍ବା ଖଣି କୁ ପୁନଃ ସରକାରଙ୍କୁ ହସ୍ତାନ୍ତର କରିବା ପାଇଁ ଅନୁରୋଧ କରୁଛନ୍ତି ।ଅନ୍ୟ ପକ୍ଷରେ ଏପରି ମଧ୍ୟ ନଜିର ରହିଛି ଯେ,ଆର୍ଥିକ ବୋଝ ବା ନିଲାମ ରେ ଡାକି ଥିବା ଅତ୍ୟଧିକ ପ୍ରିମିୟମ ଟଙ୍କା ଆମଦାନୀ ଠାରୁ ଖର୍ଚ୍ଚ ହେଉଥିବା ହେତୁ ଦେଇ ପାରୁ ନ ଥିବା କିଛି ଲିଜ ଧାରୀ ଅସାଧୁ ଉପାୟ ରେ ଗ୍ରେଡ ହେରଫେର କରି ନିଲାମ ପ୍ରିମିୟମ କୁ କମ୍ ଦେଉଛନ୍ତି ଓ ମୁନାଫା କମାଉ ଛନ୍ତି ।ସେହିପରି ଯୋଡା ଖଣି ମଣ୍ଡଳ ରେ ମଧ୍ୟ ଦୁଇ ଗୋଟି ଖଣି ଦୀର୍ଘ ଦିନରୁ ବନ୍ଦ ରହିଛି ।ଏହାଦ୍ୱାରା ରାଜ୍ୟ ସରକାର ନିଲାମ ପ୍ରିମିୟମ ହରାଇବା ସହିତ ରାଜସ୍ୱ ହରାଉଛନ୍ତି ଏବଂ କେନ୍ଦ୍ର ସରକ।ର ମଧ୍ୟ ଏନ୍ ଏମ ଇ ଟି(ନେସନାଲ ମିନେରାଲ ଏକ୍ସପ୍ଲୋରେଶନ ଟ୍ରଷ୍ଟ) ହରାଉ ଛନ୍ତି ।ତେବେ ଶ୍ରମିକ ସଂଗଠନ ଏ ଆଇ ଟି ୟୁ ସି ର ରାଜ୍ୟ ସମ୍ପାଦକ ମହେଶ୍ୱର ରାଉତ କହିଛନ୍ତି ଯେ,ଖଣି କୁ ହାତେଇ ପରବର୍ତ୍ତୀ ସମୟରେ ଖଣି ଚଳାଇ ପାରୁ ନ ଥିବା ଖଣି କମ୍ପାନୀ ମାନଙ୍କୁ ରାଜ୍ୟ ସରକାର କଳା ତାଲିକା ଭୁକ୍ତ କରି ନିଲାମ ପ୍ରକ୍ରିୟା ରେ ଅଂଶ ଗ୍ରହଣ ରୁ ବିରତ ରଖିବା ଉଚିତ୍ ବୋଲି କହିବା ସହିତ ପୂର୍ବରୁ ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କୁ ବାଧ୍ୟତାମୂଳକ ଭାବେ ନିଯୁକ୍ତି ଦିଆ ଯିବା ନେଇ ସରକାର ଏକ ସ୍ୱଷ୍ଟ ନୀତି ନିର୍ଧାରଣ କରିବା ଉଚିତ୍ ବୋଲି ସେ କହିଛନ୍ତି ।

## ଜିଲ୍ଲା ସ୍ତରୀୟ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ପ୍ରାଣୀ ସମ୍ପଦ ବିଭାଗର ଜିଲ୍ଲା ପ୍ରଶିକ୍ଷଣ କେନ୍ଦ୍ରରେ ଜିଲ୍ଲା ସ୍ତରୀୟ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି ।ଅତିରିକ୍ତ ଚିକିତ୍ସା ଅଧିକାରୀ ପ୍ରାଣୀ ସମ୍ପଦ ଡକ୍ଟର ଶ୍ରବଣ କୁମାର ଆଚାରି, ଉଭଠଙ୍କ ଡାକ୍ତର ତୁସାରେନ୍ଦୁ ନାୟକ, ଉପ ନିର୍ଦ୍ଦେଶକ ପ୍ରାଣୀ ଚିକିତ୍ସାଳୟ ଡାକ୍ତର ବିଧୂତ ଶେଖର ମିଶ୍ର,ଇଉଠଙ୍କ ଡାକ୍ତର ଶୁଭଙ୍କର ସେଠୀ ପ୍ରମୁଖ ମଞ୍ଚା ସିନ ଥିଲେ ।ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ।ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା ।ଏହି ପ୍ରଶିକ୍ଷଣ ତିନି ଦିନ ପ୍ରଦାନ କରାଯିବ ।ଜିଲ୍ଲାର



ବିଭିନ୍ନ ବ୍ଲକର ଗୋ ପାଳକ ମାନେ ପ୍ରଶିକ୍ଷଣ ନେଉଛନ୍ତି ।ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଉଛି ସରକାରଙ୍କ ପକ୍ଷରୁ ଗୋ ପାଳକ ମାନଙ୍କ ପାଇଁ ବିଭିନ୍ନ ଯୋଜନା ଓ ବିଭିନ୍ନ ଟୀକା କରଣ ଉପରେ ଗୋ ପାଳକ ମାନଙ୍କୁ ଅବଗତ କରାଇବା ସହିତ ଗୋପାଳନ କିପରି ଉନ୍ନତି ମାନର କରିପାରିବେ ।ଗୋ ପାଳକ ମାନଙ୍କ ଦକ୍ଷତା ବୃଦ୍ଧି ହୋଇ ପାରିବ। ଚାଷୀ ଙ୍କ ଦକ୍ଷତା ସକାଶେ କ୍ଷେତ୍ର ପରିଦର୍ଶନ କାର୍ଯ୍ୟ କର୍ମ ରହିଛି। ଚାଷୀ ଙ୍କ ସମସ୍ୟା ଗୁଡ଼ିକ ଅଧିକାରୀ ସମାଧାନ କରୁଛନ୍ତି ।ଚାଷୀ ଏହି ଦକ୍ଷତା ତାଲିମ ଦ୍ୟାର। ନିଜର ସମସ୍ୟା ସମାଧାନ ହୋଇ ପାରିଛି।

## ଜିଲ୍ଲା ସ୍ତରୀୟ ୧୭ତମ ଅବିନାଶ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦଯାପିତ



ଦଶରଥପୁର, (ମହାଭାରତ.): ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ତ ଦୁବକଣ ଜୟଚଣ୍ଡୀ ହାଇସ୍କୁଲ ସମ୍ମୁଖ ପଡିଆ ଠାରେ ନେତାଜୀ କ୍ଲବ ଆନୁକୂଲ୍ୟରେ ଶନିବାର ଠାରୁ ଆରମ୍ଭ ହୋଇଥିବା ୧୭ତମ ଜିଲ୍ଲା ସ୍ତରୀୟ ଅବିନାଶ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଆଜି ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଇଚ୍ଛାପୁର କ୍ରିକେଟ ଟିମ ଓ କରାଣ୍ଡିପୁର କ୍ରିକେଟ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଟସ ଜିଣି ଇଚ୍ଛାପୁର କ୍ରିକେଟ ଟିମ ନିର୍ଦ୍ଧାରିତ ୭ ଓଭରରେ ୨ ଉଇକେଟ ହରାଇ ୮୮ ରନ ସଂଗ୍ରହ କରିଥିଲା । ଜବାବରେ କରାଣ୍ଡିପୁର କ୍ରିକେଟ ଟିମ ୭ ଓଭର ଖେଳି ୭ ଉଇକେଟ ହରାଇ ୬୫ରନ ସଂଗ୍ରହ କରି ପରାଜିତ ହୋଇଥିଲେ । ଆରତ ରଞ୍ଜନ ନାୟକ, ଅଜିତ କୁମାର ମଲ୍ଲିକ,ସୁନୀଲ କୁମାର ନାୟକ ଓ ବିଶ୍ୱଜିତ ପଣ୍ଡା ଅମ୍ପେୟାର ଦାୟିତ୍ୱ ତୁଲାଇ ଥିବା ବେଳେ ନିର୍ମଳ କୁମାର ଯେନା, ସନ୍ତୋଷ କୁମାର ପଣ୍ଡା ଭାଷ୍ୟକାର ଏବଂ ରଞ୍ଜନ କୁମାର ଯେନା (ରନି ) ଓ ଶିବ ଶଙ୍କର ବିଶ୍ୱାଳ ସ୍କୋରବୋର୍ଡ଼ ଦାଇତ୍ୱ ତୁଲାଇଥିଲେ । ଟୁର୍ନାମେଣ୍ଟରେ ଇଚ୍ଛାପୁର କ୍ରିକେଟ ଟିମର ଚନ୍ଦନ ନାୟକ ମ୍ୟାନ ଅଫଦ ସିରିଜ, ରଜତ ରାଉତ ବେଷ୍ଟ ବୋଲର, ରାକେଶ ଦାସ ବେଷ୍ଟ ବ୍ୟାଟ୍ସ ମ୍ୟାନ, ବଣ୍ଟି ଖାନ ବେଷ୍ଟ କ୍ୟାଚେସ ଓ କରାଣ୍ଡିପୁର କ୍ରିକେଟ ଟିମର କମଲ ଖାନ ମ୍ୟାନ ଅଫଦ ମ୍ୟାଚ ଭାବେ ଯୋଗ୍ୟ ବିବେଚିତ ହୋଇଥିଲେ । ଖେଳଶେଷରେ ଏକ ପୁରସ୍କାର ବିତରଣ ସଭା ନେତାଜୀ କ୍ଲବର ସଭାପତି ଜୟପ୍ରକାଶ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବିଂଝାରପୁର ବିଧାୟିକା ତଥା ବିରୋଧୀ ଦଳର ମୁଖ୍ୟ ସଚେତିକା ପ୍ରମିଳା ମଲ୍ଲିକ ଯୋଗଦେଇ ଗ୍ରାମାଞ୍ଚଳର ଯୁବକ ମାନେ ଏଭଳି ଖେଳ ଆୟୋଜନ କରିବା ଦ୍ୱାରା ଜିଲ୍ଲା ଜିଲ୍ଲା ମଧ୍ୟରେ ଯୁବକ ମାନଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି ହେବା ସହ ଯୁବକ ମାନଙ୍କ ମଧ୍ୟରେ ସମ୍ପର୍କ ଦୃଢ଼ୀ ଭୁତ ହେଉଛି ବୋଲି ଶ୍ରୀମତୀ ମଲ୍ଲିକ କହିବା ସହ ଆୟୋଜକ ମାନଙ୍କୁ ଖୁବ ପ୍ରଶଂସା କରିଥିଲେ । ମୁଖ୍ୟ ବକ୍ତା ଭାବେ ଯାଜପୁର ବିଧାୟିକା ସୁଜାତା ସାହୁ, ସମ୍ମାନିତ ଅତିଥିଭାବେ କମାରଡ଼ିହି ପାକ୍ସ ସଭାପତି ଭାଗିରଥି ସାହୁ , କ୍ଲବର ସମ୍ପାଦକ ଆରତ ରଞ୍ଜନ ନାୟକ, ଆଲକୁଡ଼ି ପଞ୍ଚାୟତ ବିଯୁଜନତା ଦଳର ସଭାପତି ବିଜୟ ପାତ୍ର, କୟାଁ ପଞ୍ଚାୟତର ସରପଞ୍ଚ ମନ୍ଦାକିନୀ ମଲ୍ଲିକ, ସମିତି ସଭ୍ୟ ରୋଶନ ଦାସ, ଯାଜପୁର ଜିଲ୍ଲା ବିଯୁଜନତା ଦଳର ଉପସଭାପତି ବିରଜା ମଲ୍ଲିକ, କମାରଡ଼ିହି ସମିତି ସଭ୍ୟ ସଜନୀ ଯେନା,କମାରଡ଼ିହି ପଞ୍ଚାୟତର ଯୁବ ନେତା ଶଶୀଭୁଷଣ ବିଶ୍ୱାଳ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ । ଶେଷରେ ଅତିଥି ମାନଙ୍କ ଦ୍ୱାରା ବିଜୟୀ ଇଚ୍ଛାପୁର କ୍ରିକେଟ ଟିମକୁ ଟ୍ରଫି ସହ ନଗଦ ୧୦ ହଜାର ଟଙ୍କାର ଚେକ ପ୍ରଦାନ କରାଯାଇ ଥିବା ବେଳେ ରନର୍ସ ଅପ କରାଣ୍ଡିପୁର କ୍ରିକେଟ ଟିମକୁ ଟ୍ରଫି ସହ ନଗଦ ୨୯୯୯ ଟଙ୍କାର ଚେକ ପ୍ରଦାନ କରାଯାଇ ଥିଲା । ଉଇନର ଟ୍ରଫିଟି ମଙ୍ଗଳପୁର ସ୍ଥିତ କଳିଙ୍ଗ ମେଡିକାଲସର ପ୍ରୋପାଇଟର ରାକେଶ କୁମାର ଜେନା ପ୍ରଦାନ କରିଥିବା ବେଳେ ରନର୍ସ ଅପ ଟ୍ରଫିଟି ମଙ୍ଗଳପୁର ବଜାରର ପ୍ରତିଷ୍ଠିତ ପାତ୍ର ଜୁଏଲାରୀର ପ୍ରୋପାଇଟର ବିଜୟ ପାତ୍ରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିଲା । ସେହିପରି ପ୍ରତିବର୍ଷ ପରି ଏବର୍ଷ ଏହି ଟୁର୍ନାମେଣ୍ଟରେ ସମ୍ବର୍ଦ୍ଧିତ ପ୍ରତିଭା ଭାବେ ଦଶରଥପୁର ବ୍ଲକର ନିରପେକ୍ଷ ସାମ୍ବାଦିକ ଭାବେ ମନୋରଞ୍ଜନ ମଲ୍ଲିକଙ୍କୁ ବିଧାୟିକା ପ୍ରମିଳା ମଲ୍ଲିକ ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଟୁର୍ନାମେଣ୍ଟ ପରିଚାଳନାରେ କଳିଙ୍ଗ ମେଡିକାଲସର ପ୍ରୋପାଇଟର ରାକେଶ କୁମାର ଜେନା କ୍ଲବର ସଭ୍ୟ ସୁବ୍ରତ କୁମାର ଯେନା, ଲକ୍ଷ୍ମଣ ସେଠି, ସୁବାସ ମଲ୍ଲିକ, ବିଜୟ ରାଉତ, ନିରଞ୍ଜନ ବାରିକ, ରାକେଶ କୁମାର ସାହୁ, ଲିପୁ ଯେନା, ହାପି ପଣ୍ଡା, ସୁଶାନ୍ତ ଯେନା ପ୍ରମୁଖ ସହଯୋଗ କରିଥିଲେ ।

## ମା' ଦୁର୍ଗାଙ୍କ ୧୭ ତମ ପ୍ରତିଷ୍ଠା ଦିବସ ସମାରୋହରେ ପାଳିତ

ପାରାଦୀପ, (ମହାଭାରତ) : ବଡ଼ପଡ଼ିଆ ମାର୍କେଟ ସ୍ଥିତ ପାରାଦୀପ ପୋର୍ଟ ବଣିକ ସଙ୍ଘ ଦୁର୍ଗା ମଣ୍ଡପ ଠାରେ ଅଧିଷ୍ଠାତ୍ରୀ ଦେବୀ ମା ଦୁର୍ଗାଙ୍କ ୧୭ ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ଦିନ ଯଥା ରୀତିନୀତି ଅନୁଯାୟୀ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ମା ଙ୍କ ମୂର୍ତ୍ତି ଓ ମନ୍ଦିର ସମେତ ସଙ୍ଘ କାର୍ଯ୍ୟାଳୟ କୁ ଫୁଲରେ ସଜା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇ ମଧ୍ୟାହ୍ନରେ ପ୍ରସାଦ ସେବନ କରିଥିଲେ। ସଂଘର ମୁଖ୍ୟ ଉପଦେଷ୍ଟା ପ୍ରକାଶ ତ୍ରିପାଠୀଙ୍କ ମାର୍ଗ ଦର୍ଶନରେ ସଂଘର ସଭାପତି ଅମୀୟ କୁମାର ପାଣି, ଉପଦେଷ୍ଟା କ୍ଷୀରୋଦ କୁମାର ସ୍ୱାଇଁ, ସାଧାରଣ ସମ୍ପାଦକ ଗୋଲେଖ ଚନ୍ଦ୍ର ସାହୁ, କାର୍ଯ୍ୟକାରୀ ସଭାପତି ଶିଶିର କୁମାର ନାୟକ, ଉପସଭାପତି ପ୍ରୀତି ରଞ୍ଜନ ମହାପାତ୍ର, ତାପସ ରଞ୍ଜନ ପରିଜା ଓ ପ୍ରକାଶ ନାୟକ, ସହ ସମ୍ପାଦକ ଶକ୍ତିକାନ୍ତ ଦାସ, କୋଷାଧ୍ୟକ୍ଷ ସୋମନାଥ ଖୁଣ୍ଟିଆ, ସହ କୋଷାଧ୍ୟକ୍ଷ ସତ୍ୟବ୍ରତ ନାୟକ ପ୍ରମୁଖ ଏହି ଉତ୍ସବକୁ ସଫଳତାର ସହ ପରିଚାଳନା କରିଥିବା ବେଳେ ବଣିକ ସଙ୍ଘ ପୂଜା କମିଟିର ସମସ୍ତ ସଦସ୍ୟ ଏଥିରେ ସକ୍ରିୟ ସହଯୋଗ କରିଥିଲେ ।

## ଆନ୍ଧ୍ରକୁ ଗଞ୍ଜେଇ ଚାଲାଣ ବେଳେ ଦୁଇ ଯୁବକ ଗିରଫ




ଚିକିଟି, (ମହାଭାରତ) ସନ୍ତୋଷ କୁମାର ପଣ୍ଡା: ଚିକିଟି ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ଅପରାହ୍ନରେ କେ ନୂଆଗାଁ ଥାନା ଅର୍ନ୍ତଗତ କୃଷ୍ଣପୁର ଗ୍ରାମ ମୁଖ୍ୟ ରାସ୍ତାରେ ବିଶେଷ ସୂତ୍ରରୁ ଖବର ପାଇ ଏସ ଆଇ ଭୁକ୍ତା ଏବଂ ତାଙ୍କ ଟିମ୍ ଏକ ଦୁଇ ବାଇକ୍ ଚାଳକ କୁ ଚଡାଉ କରି ଗିରଫ କରିଥିବା ଜଣାପଡିଛି । ଗିରଫ ବ୍ୟକ୍ତି ଜଣକ ହେଲେ ଗଜପତି ଜିଲ୍ଲା ଅଡବା ଥାନା ଇଲାକା ଗୁମିଗୁଡ଼ା ଗ୍ରାମର ସଞ୍ଜୟ ବାଡତ୍ୟା ଓ ଗଞ୍ଜାମି ଗୋମାଙ୍ଗ । ସୂଚନା ପ୍ରକାରେ ଦୁଇ ଜଣ ଯୁବକ ଗଜପତି ଜିଲ୍ଲା ରୁ ଏକ ୟାମାହା ଫେଜର ବାଇକ୍ ଯାହାର ଗାଡ଼ି ନମ୍ବର୍ ଓଡ଼ ୦୭ କ ୬୩୪୯ ଯୋଗେ ଆନ୍ଧ୍ର କୁ ଗଞ୍ଜେଇ ଚାଲାଣ କରୁଥିବା ବେଳେ ଅବକାରୀ ବିଭାଗ ର ଏକ ଟିମ୍ କେ ନୂଆଗାଁ ଥାନା ଅର୍ନ୍ତଗତ କୃଷ୍ଣପୁର ମୁଖ୍ୟ ରାସ୍ତା ରେ ବିଶେଷ ସୂତ୍ରରୁ ଖବର ପାଇ ଚଢ଼ାଉ କରି ହାଜତ କୁ ପଠାଇଥିବା ଏସ ଆଇ ସଞ୍ଜୟ ଭୁକ୍ତା ସୂଚନା ଦେଇଛନ୍ତି । କେ ନୂଆଗାଁ ଥାନା ଇଲାକାରେ ଦିନକୁ ଦିନ ଗଞ୍ଜେଇ , ବ୍ରାଉନ ସୁଗର , ବେଆଇନ ମଦ ଓ ଚଡା ଦରରେ ମଦ ବିକ୍ରି ବୃଦ୍ଧି ପାଇବାରେ ଲାଗିଛି ,ଏହାକୁ କେବେ ଅବକାରୀ ବିଭାଗ ଅଙ୍କୁଶ ଲଗାଇବ ଦେଖିବାକୁ ବାକି ରହିଲା।।

## କାଣିକୁପା-ଗୁଣ୍ଡୁରୀ କୁସୁମ ଘାଟି ରାସ୍ତା ଅତି ଶୋଚନୀୟ ଅବସ୍ଥା

ଲାଞ୍ଜିଗଡ଼, (ମହାଭାରତ) : କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଗୁଣ୍ଡୁରୀ ଓ ଭଟାଙ୍ଗପଦର ଗ୍ରାମ ପଞ୍ଚାୟତ ଅଞ୍ଚଳବାସୀ ଏକତ୍ରିତ ହୋଇ ଆଜି କଳାହାଣ୍ଡି ଜିଲ୍ଲାପାଳ କାର୍ଯ୍ୟାଳୟକୁ ଯାଇ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।ସୂଚନା ପ୍ରକାଶ ଯେ 'ଭଟାଙ୍ଗପଦର ପଞ୍ଚାୟତର କାଣିକୁପା ମଦ ଭାଟିରୁ ଭାୟା ନାନ୍ଦକନା ଓ ସିନାଖୁଟି ଗାଁ ଦେଇ ଗୁଣ୍ଡୁରୀ ପଞ୍ଚାୟତର ଗୁଣ୍ଡୁରୀ ପର୍ଯ୍ୟନ୍ତ ପାଖାପାଖି ୫କି.ମି.ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ହୋଇଥିଲା ସତ ହେଲେ ପରିତାପର ବିଷୟଯେ' ୨ବର୍ଷରୁ ଉର୍ଦ୍ଧ୍ୱ ହେଲାଣି ଉକ୍ତ ରାସ୍ତା ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ପଡ଼ିରହିଛି ।ଏହି ରାସ୍ତାକୁ କୁସୁମ ଘାଟି ରାସ୍ତା ବୋଲି ସମସ୍ତେ ଜାଣନ୍ତି ଏବଂ ଏହି ରାସ୍ତାରେ ଉକ୍ତ ଦୁଇଗୋଟି ପଞ୍ଚାୟତର ବାସିନ୍ଦା



ସମ୍ପୂର୍ଣ୍ଣ ଭାବରେ ନିର୍ଭର କରନ୍ତି ।କେବଳ ସାଇକେଲ ଓ ଦୁଇ ଚକିଆ ଯାନବାହାନ ବହୁ କଷ୍ଟେ ଯିବା ଆସିବା କରୁଥିବା ବେଳେ ଚାରି ଚକିଆ ଯାନବାହାନା ଯାତାୟାତର ସମ୍ଭବ ହୋଇପାରୁନାହିଁ ।ଏହି କୁସୁମ ଘାଟି ରାସ୍ତାରେ ଆମ୍ବୁଲାନ୍ସ ମଧ୍ୟ ସମ୍ପୂର୍ଣ୍ଣ ଯାଇପାରୁନାହିଁ ଯାହା ଫଳରେ ଅଞ୍ଚଳର ଗର୍ଭବତୀ ମହିଳା ଓ ଗୁରୁତର ରୋଗୀମାନେ ଡାକ୍ତରଖାନା ଯିବା ପାଇଁ ନାହିଁ ନ'ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ରାସ୍ତା ଖରାପ ଯୋଗୁଁ ଜନସାଧାରଣ ଓ ଛାତ୍ରଛାତ୍ରୀମାନେ ଦୁର୍ଘଟଣାର ଶିକାର ହେଉଥିବା ମଧ୍ୟ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ।ଏନେଇ ଭଟାଙ୍ଗପଦର ପଞ୍ଚାୟତର ନାଏବ ସରପଞ୍ଚ ଅସେଅମର ତାଣ୍ଡିଙ୍କ ନେତୃତ୍ୱରେ ମୁଇଁ କଳାହାଣ୍ଡିଆ ଫର୍ କଳାହାଣ୍ଡି ସଂଗଠନର ସଂଗଠକ ଲକ୍ଷ୍ମୀନାରାୟଣ ପଣ୍ଡା ଓ ନବନିର୍ମାଣ କୃଷକ ସଂଗଠନର ସଂଯୋଜକ ଲିଙ୍ଗରାଜ ପ୍ରଧାନଙ୍କ ସହାୟତାରେ ମଙ୍ଗଳବାର ଜିଲ୍ଲାପାଳ ଅଫିସ୍ ଯାଇ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତନ୍ମୟ କୁମାର ଦରଓ୍ୱାନଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଥିଲେ। ଯଦି ୨ମାସ ଭିତରେ ଉକ୍ତ କୁସୁମ ଘାଟି ରାସ୍ତା ନିର୍ମାଣ ପାଇଁ କୌଣସି ପଦକ୍ଷେପ ନ'ନିଆ ଯାଏ ତାହାହେଲେ ଆଗାମି ଦିନରେ ସମସ୍ତ ପଞ୍ଚାୟତବାସୀ ଏକତ୍ରିତ ହୋଇ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଦାବୀ କରିଛନ୍ତି ।ଏପଟେ ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କୁ ଆଜି ହିଁ ଚିଠି କରିବୁ ବୋଲି ଶ୍ରୀ ଦରଓ୍ୱାନ ଆଶ୍ୱାସନା ଦେଇଛନ୍ତି ।ଏହି ଦାବିପତ୍ର ପ୍ରଦାନ ସମୟରେ ଶରତ ନାଗ,ରଘୁନାଥ ମାଝୀ,ପିଙ୍କୁ ନାଗ ଓ ଭାସ୍କର ନାଗ ସମେତ ଆନ୍ୟନ୍ୟ ଲୋକ ପ୍ରମୁଖ ଉପସ୍ଥିତ ରହିଥିଲେ।

## ପାରାଦୀପରେ ମହିଳାଙ୍କ ରହସ୍ୟମୟ ମୃତ୍ୟୁ, ୭ ଅଟକ

ପାରାଦୀପ, (ମହାଭାରତ) : ରବିବାର ବିଳମ୍ବିତ ରାତିରେ ପାରାଦୀପର ତାରିଣୀଗଡା ଅଞ୍ଚଳରେ ଏକ ଚାରି ମହଲା କୋଠାରୁ ପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ୍ୟୁ ଦୁର୍ଘଟଣାଜନିତ, ହତ୍ୟା ନା ଆତ୍ମହତ୍ୟା, ସେ ସମ୍ପର୍କରେ ପୋଲିସ ତଦନ୍ତ ଜାରି ରଖିଛି। ତଦନ୍ତକାରୀ ଦଳ ମହିଳାଙ୍କ ଶରୀରକୁ ବିନା ପୋଷାକରେ ମୁହଁ ମାଡ଼ି ପଡ଼ିଥିବାର ଦେଖିଥିଲେ। ତାଙ୍କ ପୋଷାକ ଘରର ପାଇପଲାଇନ ମଝିରେ ଝୁଲି ରହିଥିଲା ଏବଂ ତାଙ୍କ ଜିନିଷପତ୍ର, ଚପଲ, ମଶା କଏଲ ଏବଂ ସିଗାରେଟ୍ ସମେତ ଛାତ ଉପରେ ବିଛାଡ଼ି ପଡ଼ିଥିଲା। ପାରାଦୀପ ଆଦର୍ଶ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ପୋଷ୍ଟମର୍ଟମ ପାଇଁ ପଠାଇଛି। କୋଠାର ଉପର ମହଲାରେ ଏକ କମ୍ପାନୀର ନଅ ଜଣ ଯୁବକ ଭଡାଟିଆ ଭାବରେ ରହୁଥିଲେ। ଘର ମାଲିକ ନିଶ୍ଚିତ କରିଛନ୍ତି ଯେ ମହିଳା ଜଣକ ଏ ଘରର ବାସିନ୍ଦା ନୁହଁନ୍ତି, ଯାହା ସେଠାରେ ତାଙ୍କ ଉପସ୍ଥିତି ଉପରେ ପ୍ରଶ୍ନ ଉଠାଇଛି। ପୋଲିସ ଘଟଣାସ୍ଥଳରୁ ସିସିଟିଭି ଫୁଟେଜ୍ ଏବଂ ଏକ ହାର୍ଡଡିସ୍କ ଜବତ କରିଛି। ପୋଲିସ ପଚରାଉଚରା ପାଇଁ ସାତ ଜଣ ଭଡାଟିଆଙ୍କୁ ଅଟକ ରଖିଥିବା ନେଇ ପୋଲିସ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ମୃତି ରଞ୍ଜନ କର ସୂଚନା ଦେଇଛନ୍ତି । ମହିଳାଙ୍କ ମୃତ୍ୟୁ ପଛର ପରିସ୍ଥିତି ଉନ୍ମୋଚନ କରିବା ଏବଂ ଏଥିରେ କାହାର ସମ୍ପୃକ୍ତି ରହିଛି, ତାହା ପୋଲିସ ତଦନ୍ତ କରୁଛି । ପାରାଦୀପରେ ହୋଇଥିବା ଏହି ଅଜଣା ମହିଳାଙ୍କ ରହସ୍ୟମୟ ମୃତ୍ୟୁ ସାଧାରଣ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ତଦନ୍ତକାରୀ ପୋଲିସ ଦଳ ମହିଳାଙ୍କ ପରିଚୟ ଏବଂ ତାଙ୍କ ମୃତ୍ୟୁର କାରଣ ସମ୍ପର୍କରେ ଜୋରଦାର ଖୋଳତାଡ଼ ଆରମ୍ଭ କରିଛି ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ଓଡ଼ିଶା ଦର୍ଶନ କାର୍ଯ୍ୟକ୍ରମରେ ନିମିନା ବୃନ୍ଦାବନ ମହାବିଦ୍ୟାଳୟ ଛାତ୍ରୀ ମନୋନିତ




ଆସିକା (ମହାଭାରତ): କେନ୍ଦୁପଦର ନିମିନା ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ଏନଏସଏସ ବ୍ୟୁରୋ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନସ୍ଥ, ସ୍ୱେଚ୍ଛାସେବୀ ଏବଂ +୩ ପ୍ରଥମ ବର୍ଷ କଳା ବିଭାଗର ଛାତ୍ରୀ କୁମାରୀ ପାୟଲ ଗୌଡ଼ ରାଜ୍ୟସ୍ତରୀୟ ଓଡ଼ିଶା ଦର୍ଶନ କାର୍ଯ୍ୟକ୍ରମରେ ମନୋନୀତ ହୋଇ ସଫଳତାର ସହିତ ଅଂଶଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସେ ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ଓ ଐତିହାସିକ ସ୍ଥାନମାନଙ୍କୁ ଦର୍ଶନ କରିବା ସହିତ ଉଚ୍ଚ ଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ଅଧୀନରେ ଜାତୀୟ ସେବା ଯୋଜନାର ଜଣେ ସଦସ୍ୟା ଭାବେ ଗୌରବ ଅର୍ଜନ କରିଛନ୍ତି।ଏହି ଗୌରବମୟ ସଫଳତା ପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷ ଅମର ପ୍ରସାଦ ବିଷୋୟୀ କୁମାରୀ ପାୟଲ ଗୌଡ଼ଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆଶୀର୍ବାଦ ଓ ଶୁଭକାମନା ପ୍ରଦାନ କରିଛନ୍ତି। ଜାତୀୟ ସେବା ଯୋଜନାର ଭାରପ୍ରାପ୍ତ କାର୍ଯ୍ୟକ୍ରମ ଅଧିକାରୀ ସିଲୁ ସେଠୀଙ୍କ ସମେତ ଅନୁଷ୍ଠାନର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ମଧ୍ୟ ସ୍ୱେଚ୍ଛାସେବୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଜିଲ୍ଲା ସ୍ତରୀୟ ଓଡିଶା ଭାଷା ବିତର୍କ ଓ ପ୍ରବନ୍ଧ ପ୍ରତିଯୋଗିତାରେ ୦୨ ଛାତ୍ରୀଙ୍କ ସଫଳତା



ଆସିକା (ମହାଭାରତ): ବିଶ୍ୱ ସାମାଜିକ ନ୍ୟାୟ ଦିବସ ଉପଲକ୍ଷେ ସାମାଜିକ ସୁରକ୍ଷା ଓ ଭିନ୍ନ କ୍ଷମ ସଶକ୍ତି କରଣ ବିଭାଗ ଗଞ୍ଜାମ ଜିଲ୍ଲା ପକ୍ଷରୁ ଜିଲ୍ଲା ସ୍ତରୀୟ ଓଡିଶା ଭାଷା ର ବିତର୍କ ଓ ପ୍ରବନ୍ଧ ପ୍ରତି ଯୋଗିତା ଅନୁଷ୍ଠିତ ହୋଇଥିଲା । ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟ ଠାରେ ଆୟୋଜିତ ଏହି ପ୍ରତିଯୋଗିତା ଆସିକା ନିରଞ୍ଜନ ମହାବିଦ୍ୟାଳୟ +୩ ଛାତ୍ରୀ ୨ୟ ବର୍ଷର ଛାତ୍ରୀ ବିସ୍ମିତା ପ୍ରିୟ ଦର୍ଶନୀ ପାଣିଗ୍ରାହୀ ବିତର୍କ ପ୍ରତିଯୋଗିତା ରେ ପ୍ରଥମ ହୋଇଥିବା ବେଳେ ପ୍ରବନ୍ଧ ପ୍ରତିଯୋଗିତା ରେଯୁକ୍ତ ତିନି ର ୨ୟ ବର୍ଷ ର ଛାତ୍ରୀ ସାଗତିକା ପଣ୍ଡା ଦ୍ୱିତୀୟ ସ୍ଥାନ ଅଧିକାର କରି କଲେଜ ପାଇଁ ଗୌରବ ଆଣିଛନ୍ତି ।ଏହି ପୁରସ୍କାର ବିତରଣ ଉତ୍ସବରେ ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତି ଭାସନ, ଏଡିଏମ ପ୍ରମୋଦ ପୃଷ୍ଟି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କୃଷ୍ଣ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ଦୁଇ କୃତି ଛାତ୍ରୀ ଙ୍କୁ ଅଧକ୍ଷସରୋଜ କୁମାର ଜେନା, ଅଧ୍ୟାପିକା ଡ଼. ଲିଲା ଲିଜିୟାନ, ଡ଼. କେ ଓମ ନାରାୟଣ ରାଓ, ଡ଼.ଏସ ଟି ରେହମାନ, ଡ଼. ସୁପ୍ରିୟା ଦାସ, ଡ଼. ଜୟପ୍ରଦା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଦୁଇ ଛାତ୍ରୀକୁ ଶୁଭେଚ୍ଛା ଜଣାଇଥଲେ ।

## ଲଙ୍କାପୋଡ଼ି ଯାତ୍ରା ନିମନ୍ତେ ସ୍ଥାପନ ହେଲା ଶୁଭ ଖୁଣ୍ଟି



ଦଶପଲ୍ଲା, (ମହାଭାରତ): ବିଶ୍ ପ୍ରସିଦ୍ଧ ଶ୍ରୀ ଶ୍ରୀ ରଘୁନାଥଜୀଉଙ୍କ ଲଙ୍କାପୋଡି ଯାତ୍ରା ୨୦୨୬ ନିମନ୍ତେ ମହାବୀର ମନ୍ଦିର ପ୍ରାଙ୍ଗଣରେ ଲଙ୍କାପୋଡ଼ି ଯାତ୍ରା କମିଟି, ଦଶପଲ୍ଲା ପକ୍ଷରୁ ଆଦ୍ୟ ପର୍ବ ଶୁଭଖୁଣ୍ଟି ସ୍ଥାପନ ପାରମ୍ପରିକ ଭାବେ ରୀତି ନୀତି ଓ ପରମ୍ପରା ଅନୁଯାୟୀ ମଙ୍ଗଳବାର ଦିନ ମହାବୀର କ୍ଷେତ୍ରସ୍ଥିତି ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଇତ୍ୟବସରରେ ଲଙ୍କାପୋଡି ଯାତ୍ରା କମିଟିର ସମ୍ପାଦକ ସୂର୍ଯ୍ୟମଣି ଦାଶ ଓ ଯାତ୍ରା କମିଟିର କର୍ମକର୍ତ୍ତା ଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ୍ୟ ଏପ୍ରିଲ ମାସ ୨୭ ତାରିଖରୁ ଆରମ୍ଭ ହୋଇ ୦୮ ତାରିଖରେ ସମାପ୍ତ ହେବ୍ୟ ମୁଖ୍ୟଆକର୍ଷଣ ୦୭ ତାରିଖ ଦିନ ଲଙ୍କା ପୋଡ଼ି ଯାତ୍ରା ତଥା ରାବଣ ପୋଡ଼ି ବା ରାବଣ ବଧ ର କାର୍ଯ୍ୟକ୍ରମ ଥିବାବେଳେ ୧୩ଦିନ ଧରି ଯାତ୍ରା ଅନୁଷ୍ଠିତ ହେବ।

## ମାଲକାନଗିରିରେ ମୁଖ୍ୟମନ୍ତ୍ରୀ ବାୟୁ ସେବା

# ପ୍ରଥମ ଦିନରେ ୪୨୬ ଜଣ ରୋଗୀ ଚିକିତ୍ସିତ




ମାଲକାନଗିରି : ମାଲକାନଗିରି ଜିଲ୍ଲାରେ ପହଞ୍ଚିଛନ୍ତି 'ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା' ଟିମ୍ୟ ଆଜି ସକାଳେ ଏକ ସ୍ୱତନ୍ତ୍ର ବିମାନ ଯୋଗେ ମାଲକାନଗିରି ପହଞ୍ଚିଛନ୍ତି ବିଶେଷଜ୍ଞ ଡ଼ାକ୍ତରୀ ଦଳ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜିଲ୍ଲାରୁ ଏବଂ ଜିଲ୍ଲା ବାହାରୁ ଆସିଥିବା ରୋଗୀଙ୍କୁ ଚିକିତ୍ସା କରିଛନ୍ତି ଏହି ବିଶେଷଜ୍ଞ ଦଳ। ଆଜି ଠାରୁ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ସୁପର ସ୍ପେଶାଲିଷ୍ଟ ଡାକ୍ତର ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଯୋଜନାରେ ଜିଲ୍ଲାର ରୋଗୀଙ୍କ ଚିକିତ୍ସା କରିବେ।ଆଜି ମୋଟ ୪୨୬ ରୋଗୀଙ୍କୁ ଚିକିତ୍ସା କରାଯାଇଥିଲା। ଏହି ବିଶେଷଜ୍ଞ ଟିମରେ ସିନିୟର ସର୍ଜରି ଡ. ଜ୍ୟୋତିପ୍ରକାଶ ବିଶ୍ୱାଳ, ଇଣ୍ଡକ୍ରନଲୋଜି ଡ.ଶାମଳି ମିଶ୍ର,ନ୍ୟୁରୋଲୋଜି ଡ.ସତୀଶ ରଂଜନ ଲେଙ୍କା, ନେପ୍ରୋଲଜି ଡ.ବିସେଶ୍ୱର ରାଉତ, କାର୍ଡିଓଲୋଜି ଡ. ବିଶ୍ ବିକାଶ ମିଶ୍ର,ଗାଷ୍ଟ୍ରୋଏ□ରୋଲୋଜି ଡ. ରିତିକ କୁମାର ଦାସ ମହାପାତ୍ର,ଆନାସ୍ଥେସିଆ ଡ.ହେମନ୍ତ କୁମାର ଦାସ ପ୍ରମୁଖ ପହଞ୍ଚି ରୋଗୀଙ୍କୁ ସେବା ଯୋଗାଉଥିବା ମେଡିକାଲ ଏଡିଏମଓ ଡ.ନିହାର ରଂଜନ ପ୍ରହରାଜ କହିଛନ୍ତି।କାର୍ଡିଓଲୋଜି ବିଶେଷଜ୍ଞ ଡାକ୍ତର ୭୮ ଜଣ ରୋଗୀଙ୍କୁ ଚିକିତ୍ସା କରିଥିବା ବେଳେ,ଗେଷ୍ଟ୍ରୋଲୋଜି ଡାକ୍ତର ୮୯ ଜଣ ରୋଗୀ,ନ୍ୟୁରୋଲୋଜି ୯୧ ଜଣ,ସର୍ଜିର ଡାକ୍ତର ୩ ଜଣ ରୋଗୀଙ୍କୁ,ଇଣ୍ଡକ୍ରନଲୋଜି ଡାକ୍ତର ୭୩ ରୋଗୀଙ୍କୁ ଏବଂ ନ୍ୟୁପ୍ରୋଲଜି ମେଡିସିନ ଡାକ୍ତର ୯୫ ଜଣ ରୋଗୀଙ୍କୁ ଚିକିତ୍ସା କରିଥିବା ଜଣାପଡିଛି। ଆସନ୍ତାକାଲି ପୁଣି ୬ ଜଣ ପ୍ରଫେସର ଏବଂ ବିଶେଷଜ୍ଞ ଦଳ ବିମାନରେ ମାଲକାନଗିରି ପହଞ୍ଚିବେ ବୋଲି ଜଣାପଡିଛି। ତେବେ ସମସ୍ତ ଡାକ୍ତରଙ୍କୁ ଚିକିତ୍ସା ଏବଂ ବିଭିନ୍ନ ପରୀକ୍ଷାରେ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡ.ନିହାର ରଂଜନ ପ୍ରହରାଜ ସହଯୋଗ କରିଥିଲେ।

## ଅଙ୍ଗନୱାଡ଼ିରେ ଶିଶୁମାନଙ୍କୁ ପରମ୍ପିକ ଶିକ୍ଷା ପ୍ରଦାନ ପାଇଁ ଏକଦିବସୀୟ ଜିଲ୍ଲାସ୍ତରୀୟ କର୍ମଶାଳା



ଗଜପତି(ମହାଭାରତ): ଜିଲ୍ଲା ପ୍ରଶାସନ ଗଜପତି ପକ୍ଷରୁ ରାଜ୍ୟର ପ୍ରମୁଖ ପ୍ରାରମ୍ଭିକ ଶିକ୍ଷା ପଦକ୍ଷେପ 'ଆମେ ପଢିବୁ ଆମ ଭାଷାରେ' କାର୍ଯ୍ୟକ୍ରମକୁ ଆଜି ଜିଲ୍ଲା ସ୍ତରରେ ଶୁଭାରମ୍ଭ କରାଯାଇଛି। ଏହି ପଦକ୍ଷେପ ମାଧ୍ୟମରେ ମାତୃଭାଷା ଆଧାରିତ ଶିକ୍ଷାକୁ ଶକ୍ତିଶାଳୀ କରିବା ଓ ଜନଜାତୀୟ ଶିଶୁମାନଙ୍କ ପ୍ରାରମ୍ଭିକ ଶିକ୍ଷାରେ ସମାନ ସୁଯୋଗ ନିଶ୍ଚିତ କରିବାକୁ ଉଦ୍ଦିଷ୍ଟ। ଗଜପତି ଜିଲ୍ଲାରେ ଏହି କାର୍ଯ୍ୟକ୍ରମକୁ ପିରାମଲ ଫାଉଣ୍ଡସନ ସହଯୋଗ କରୁଛି ।ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ପ୍ରକୋଷ୍ଠରେ ଆୟୋଜିତ ଏକଦିନିଆ କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ଫାଲଗୁନୀ ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଶ୍ରୀ ଅନୁପ ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନୋରମା ଦେବୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ସୋଲମନ ରାଇକା ,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଏସ୍. ଗିରିଧର,ଉପଖଣ୍ଡ ପ୍ରୋଗ୍ରାମ ଅଧିକାରୀ ଶ୍ରୀମତୀ ସ୍ନିଗ୍ଧାରାଣୀ ଭୂୟାଁ,ପେଡାଗୋଜି କୋଡିନେଟର ଶ୍ରୀ ସନ୍ତୋଷ କୁମାର ଆଚାର୍ଯ୍ୟ ଓ , ପିରାମଲ ଫାଉଣ୍ଡେସନର ପ୍ରୋଗ୍ରାମ ମ୍ୟାନେଜର ଶ୍ରୀ ଦେବବ୍ରତ ଆଚାର୍ଯ୍ୟ ପ୍ରମୁଖ ମଞ୍ଚାସିନ ରହି ଆମେ ପଢିବୁ ଆମୋ ଭାଷାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଜିଲ୍ଲା ପ୍ରଶାସନ,ମହିଳା ଓ ଶିଶୁ ବିକାଶ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଅଙ୍ଗନୱାଡି କର୍ମୀ ଓ ପଞ୍ଚାୟତିରାଜ ବିଭାଗର ସହଯୋଗୀମାନେ ଅଂଶଗ୍ରହଣକରି କାର୍ଯ୍ୟ ଖସଡା ତିଆରି କରିଥିଲେ। ଉକ୍ତ କର୍ମଶାଳାରେ ଜିଲ୍ଲାର ଛୋଟ ପିଲାମାନଙ୍କୁ ସେମାନଙ୍କ ମାତୃଭାଷାରେ କଥୋପକଥନ, ଶିକ୍ଷାଦାନ,ସୌରା ଭାଷାର ପ୍ରାରମ୍ଭିକ ଶିକ୍ଷା ପାଠ୍ୟକ୍ରମକୁ ପିଲାଙ୍କ ସାମାଜିକ ଓ ସାଂସ୍କୃତିକ ପରିବେଶ ଅନୁଯାୟୀ ପୁନଃରୂପାୟନ,ଅଙ୍ଗନବାଡି କର୍ମୀଙ୍କ ଏହି ଶିକ୍ଷାଦାନ ଉପରେ ତାଲିମ ଦେବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ନିଜ ଭାଷାରେ ଶିଶୁମାନେ ଖେଳ,କାହାଣୀ,ଗୀତ ଓ କଥୋପକଥନ ମାଧ୍ୟମରେ ଶିକ୍ଷା ର ପ୍ରଥମ ସୋପାନ ରେ ଅନ୍ତର୍ଭୁକ୍ତ ହେବେ। ଏହି ଅବସରରେ ପାଇଲଟ୍ ପଦକ୍ଷେପ ସ୍ୱରୂପ ଗଜପତି ଜିଲ୍ଲାର ରାୟଗଡ଼ ଓ ଗୁମ୍ମା ବ୍ଲକ ୩୦ ଟି ଅଙ୍ଗନବାଡି କେନ୍ଦ୍ର ରେ ସୌରା ଭାଷାରେ ୩ ରୁ ୬ ବର୍ଷ ବୟସ ଶିଶୁମାନଙ୍କୁ ମାତୃଭାଷା ଆଧାରିତ ପ୍ରାକ ଶିକ୍ଷା ପ୍ରଦାନ କରାଯିବ। ମାତୃଭାଷା ଆଧାରିତ ଶିକ୍ଷାର ଆବଶ୍ୟକତା ଶିଶୁମାନେ ଘରେ ଯେଉଁ ଭାଷା କହନ୍ତି, ସେଇ ଭାଷାରେ ପାଠ ପଢିଲେ ସେମାନେ ସହଜରେ ପିଲାମାନେ ବିଷୟବସ୍ତୁକୁ ବୁଝିପାରନ୍ତି। ଭାଷା କେବଳ ସଂଯୋଗର ମାଧ୍ୟମ ନୁହେଁ, ଏହା ଆତ୍ମପରିଚୟ ଓ ଆତ୍ମବିଶ୍ୱାସର ଆଧାର। ମାତୃଭାଷା ଆଧାରିତ ଶିକ୍ଷା କେବଳ ଅନୁବାଦ ନୁହେଁ, ବରଂ ଶିକ୍ଷା ପ୍ରକ୍ରିୟାକୁ ଶିଶୁଙ୍କ ସଂସ୍କୃତି ଓ ଭାଷା ସହ ଅନୁକୂଳ କରିବାୟ ସ୍ଥାନୀୟ କାହାଣୀ, ଲୋକଗୀତ ଓ ଖେଳାଧାରିତ ଶିକ୍ଷାକୁ ଅନୁସୂଚିତ କରିବାରେ ଅଙ୍ଗନୱାଡି କର୍ମୀମାନଙ୍କୁ ନିରନ୍ତର ମାର୍ଗଦର୍ଶନ ଆବଶ୍ୟକ । ଉକ୍ତ କର୍ମଶାଳାରେ ସିଡିପିଓ ରାୟଗଡା ଶ୍ରୀମତୀ ବି କୋମଲାଙ୍ଗୀ ସମେତ ସମସ୍ତ ବ୍ଲୋକର ସିଡିପିଓ , ଗଙ୍ଗାବାଡ଼ ସରପ□ ଶ୍ରୀ ହରିବନ୍ଧୁ ଖାର୍ଜୀ ଉପସ୍ଥିତ ଥିବା ବେଳେ ପ୍ରୋଗ୍ରାମ ଅଫିସର ଆଇସିଡିଏସ୍ କେ.ସୁନୀତା ଧନ୍ୟବାଦ ଅର୍ପଣ କରିଥିଲେ।

## ବଡ଼ଗାଁରେ ଗ୍ରାମଦେବୀ ମା ନୀଳାଦ୍ରି ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ

ଗଜପତି(ମହାଭାରତ):ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଅଗରଖଣ୍ଡି ପଞ୍ଚାୟତ ଅନ୍ତର୍ଗତ ବଡ଼ଗାଁରେ ଗ୍ରାମଦେବୀ ଶ୍ରୀ ଶ୍ରୀ ମା ନୀଳାଦ୍ରି ଗ୍ରାମ ଠାକୁରାଣୀଙ୍କ ନବର୍ନିମାଣ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି ।ଶୁକ୍ରବାର ଠାରୁ ସୋମବାର ପର୍ଯ୍ୟନ୍ତ ମା ନୀଳାଦ୍ରି ଠାକୁରାଣୀଙ୍କ ୪ ଦିନିଆ ଯାତ୍ରା ହୋଇଯାଇଛ ।ଶୁକ୍ରବାର ଦିନ ସକାଳୁ କଳସ ଯାତ୍ରା ଓ ସଂକୀର୍ତ୍ତନ ସହ ନଗର ପରିକ୍ରମା କରାଯାଇ ଥିଲା ।ଏଥିରେ ଶହ ଶହ ମହିଳା କଳସ ଯାତ୍ରାରେ ଭାଗ ନେଇଥିଲେ ଶନିବାର ପୂଜା ମଣ୍ଡପର କାର୍ଯ୍ୟବିଧି ମାତା ନୀଳାଦ୍ରିଙ୍କ ଯଜ୍ଞକର୍ମ, ଅଙ୍କୁର ରୋପଣ, ଶୁଭମଙ୍ଗଳଂ କାର୍ଯ୍ୟକ୍ରମ ହୋଇଥିଲା ।ରବିବାର ସକାଳେ ମାଆଙ୍କ ମହାସ୍ନାନ ଓ ନଗର ପରିକ୍ରମା, ପ୍ରାଣ ପ୍ରତିଷ୍ଠା ସହ ପୂଜାର୍ଚ୍ଚନା ହୋଇଥିଲା । ପ୍ରତିଷ୍ଠା ଉତ୍ସବର ଶେଷ ଦିବସରେ ମାତା ନୀଳାଦ୍ରୀ ଦେବୀଙ୍କ ମନ୍ଦିର ପ୍ରବେଶ ପୂର୍ଣ୍ଣାହୁତି, ଶୁଭମଙ୍ଗଳଂ ଶୁଭ କାର୍ଯ୍ୟକ୍ରମ ହୋଇଥିଲା ।ଉତ୍ସବରେ ଚାରିଦିନ ଧରି



ଅଗରଖଣ୍ଡି ପଞ୍ଚାୟତ ସମେତ ଆଖପାଖ ଅଞ୍ଚଳର ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁ ଯୋଗଦେଇ ଥିଲେ । ଭକ୍ତ ତଥା ଶ୍ରଦ୍ଧାଳୁଙ୍କ ଲାଗି ପ୍ରତ୍ୟେକ ଦିନ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଏହି ଅବସରରେ ଶନିବାର ଦିନ ନାମ ସଙ୍କୀର୍ତ୍ତନ ଓ ଅଷ୍ଟ ପ୍ରହରି, ରବିବାର ଗାହାଣି ଗଣ୍ଡି, ହରିକୃଷ୍ଣ ବିଶ୍ୱାଳଙ୍କ ନିର୍ଦ୍ଦେଶନାରେ ଭାରତନୀଳା ପରିବେଷଣ ହୋଇଥିଲା । ପ୍ରକାଶ ଥାଉ କି ମାଙ୍କ ଲାଗି ସ୍ୱତନ୍ତ୍ର ମନ୍ଦିର କିଛି ନଥିବା ବେଳେ ଗ୍ରାମର ଏକ ନିମ୍ବ ବୃକ୍ଷମୂଳେ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉ ଥିଲା ।ଚଳିତ ବର୍ଷ ଗ୍ରାମବାସୀ ଏକତ୍ର ହୋଇ ମନ୍ଦିର ପ୍ରତିଷ୍ଠା ହୋଇଥିଲା।

## କୋଟିକୋଟି ଠକେଇ ଅଭିଯୋଗରେ ୬ଜଣ ସାଇବର ଠକ ଗିରଫ

ଭଦ୍ରକ: କୋଟି କୋଟି ଟଙ୍କା ଠକେଇ ଅଭିଯୋଗରେ ଓଡ଼ିଶା ପୁଲିସ ୬ ଜଣଙ୍କୁ ଗିରଫ କରିଛି। ଭଦ୍ରକରେ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସାଇବର ଠକେଇ ଘଟଣାର ପର୍ଦ୍ଦାଫାସ କରିଛି ଭଦ୍ରକ ଟାଉନ ପୁଲିସ୍ୟ ଦୁଇଟି ପୃଥକ ମାମଲାରେ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଅନେକ ଫ୍ରଡ଼ ଆକାଉଣ୍ଟକୁ ସିଜ କରିଛି। ଭଦ୍ରକ ଏଚଡ଼ିଏଫସି ବ୍ୟାଙ୍କର ଜଣେ ଗ୍ରାହକଙ୍କ ଆକାଉ□କୁ ପ୍ରାୟ ଦେଢ଼ କୋଟି ଟଙ୍କା ଆସିବା ଘଟଣାକୁ ସନ୍ଦେହ କରି ବ୍ୟାଙ୍କ ପରିଚାଳକ ଦେବାଶିଷ ପରିଡ଼ାଙ୍କ ପକ୍ଷରୁ ଭଦ୍ରକ ଟାଉନ୍ ଥାନାରେ ୨୦୨୫ ନଭେମ୍ବର ୩ ତାରିଖରେ ଅଭିଯୋଗ କରାଯାଇଥିଲା। ଏହି ଅଭିଯୋଗ ପାଇବା ପାରେ ଭଦ୍ରକ ଟାଉନ୍ ଥାନା ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ବିଭିନ୍ନ ସାଇବର ଠକେଇ ଅର୍ଥ ଏହି ଆକାଉଣ୍ଟକୁ ଆସିଥିବା ଜାଣିବାକୁ ପାଇବା ସହିତ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଛ। ଗିରଫ ଅଭିଯୁକ୍ତ ହେଲେ ବାଲେଶ୍ୱର ଜିଲ୍ଲା ଔପଦା ଅଞ୍ଚଳର ଜଗବନ୍ଧୁ କେସି। ସେହିପରି ଏକ କୋଟିରୁ ଅଧିକ ଟଙ୍କା ଠକେଇ ଅଭିଯୋଗରେ ଅନ୍ୟ ଏକ ମାମଲା ରୁଜୁ କରି ପୁଲିସ ଅନ୍ୟ ଚାରି ଜଣ ଅଭିଯୁକ୍ତ ମିର୍ଜାଫର ଖାଁ, ରଞ୍ଜିତ ପଣ୍ଡା, ଦେବାଶିଷ ନାୟକ, ସତ୍ୟରଞ୍ଜନ ଦାସଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିବା ସୂଚନା ଦେଇଛନ୍ତି ଭଦ୍ରକ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅରୂପ ଅଭିଷେକ ବେହେରା। ଆଜି ସନ୍ଧ୍ୟାରେ ଭଦ୍ରକ ଟାଉନ୍ ଥାନା ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଥିଲା ବେଳେ ସେମାନଙ୍କ ଠାରୁ ୫ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ଗିରଫ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି। ରାୟଗଡା ଜିଲ୍ଲା ଗୁଣପୁର ଥାନାରେ ଏକ ସାଇବର ଅପରାଧକୁ ନେଇ ମାମଲା ରୁଜୁ ହୋଇଛି। ପଦ୍ମପୁର ବ୍ଲକ୍ ନୂଆସାହିର ଜୈନକ ଏମବିଏ ଛାତ୍ର ଦେବକାନ୍ତ ଶତପଥୀ କିଛି ଲୋକଙ୍କ ଆଧାରକାର୍ଡକୁ ନେଇ ଆକାଉଣ୍ଟ ତିଆରି କରିବାକୁ କହିଥିଲେ। ଏହାପରେ ପଦ୍ମପୁର ବ୍ଲକ୍ ଖିଲାମୁଣ୍ଡା ଗ୍ରାମର ଏନ୍ ଏଙ୍କିଟି ମାଲିକାନାରେ ସନ୍ତୋଷ ଟ୍ରେଡର ନାମରେ ଏକ ବେନାମି କରେଣ୍ଟ ଆକାଉଣ୍ଟ କରିଥିଲେ।

# ଜାତୀୟ ଭୂତଳ ଜଳସ୍ତର ମାନଚିତ୍ରଣ ଏବଂ ପରିଚାଳନା କର୍ମଶାଳା




ଗଜପତି(ମହାଭାରତ): ଆଜି ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳ ଶ୍ରୀଯୁକ୍ତ ଅକ୍ଷୟ ସୁନିଲ କୁମାର ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ବରିଷ୍ଠ ଗବେଷକ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ, ଭୁବନେଶ୍ୱର ଶ୍ରୀ ରାଜକିଶୋର ମହାନ୍ତି ଓ ଶ୍ରୀମତୀ ଚିରାଶ୍ରୀ ମହାନ୍ତି, କନିଷ୍ଠ ଗବେଷକ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ ,ଭୁବନେଶ୍ୱର ସୁଶ୍ରୀ ଆଦିତି ଭଗତ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ପୃଥ୍ୱୀରାଜ ମଣ୍ଡଳ, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଶ୍ରୀ ଅଂଶୁମାନ ମହାପାତ୍ର ଓ ଅଧିକ୍ଷଣ ଯନ୍ତ୍ରୀ ଜଳ ସମ୍ପଦ ବିଭାଗ ଗଜପତି ଶ୍ରୀ ଶିମାଞ୍ଚଳ ଶତପଥୀ ପ୍ରମୁଖ ମଞ୍ଚାସିନ ଥିଲେ। ଏହି କର୍ମଶାଳାରେ ଜାତୀୟ ଭୂତଳ ଜଳସ୍ତର ମାନଚିତ୍ରଣ ଏଂ ପରିଚାଳନା କାର୍ଯ୍ୟକ୍ରମର ଜିଲ୍ଲାରେ ବିଭିନ୍ନ ଜଳଭଣ୍ଡାର ର ମ୍ୟାପିଂ ତଥା ଭୂତଳ ଜଳଭଣ୍ଡାର ବିଭିନ ବିଷୟ ତଥା ପଥର, ବାଲି, କିମ୍ବା କାଦୁଅର ଏକ ଭୂତଳ, ଜଳବାହକ ଭୂଗର୍ଭ ଗଠନ ଭୂତଳ ଜଳକୁ ଧରି ରଖେ ଏବଂ ପରିବହନ କରେ। ପ୍ରାକୃତିକ ସଂରକ୍ଷଣ ଜଳଭଣ୍ଡାର ଭାବରେ କାର୍ଯ୍ୟ କରି, ଏଗୁଡ଼ିକ ପାନୀୟ ଜଳ ଏବଂ କୃଷି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ପ୍ରାୟତଃ ବର୍ଷା ଦ୍ୱାରା ରିଚାର୍ଜ ହୋଇଥାଏ। ସେହିପରି ଜଳଭଣ୍ଡାରରେ ଭୂତଳ ଜଳର ପରିମାଣ, ଗୁଣବ□। ଏବଂ ସ୍ଥାୟୀତାକୁ ବର୍ଣ୍ଣିତ କରିବା ପାଇଁ ଭୂଭୌତିକ, ଜଳ ବିଜ୍ଞାନ ଏବଂ ରାସାୟନିକ କ୍ଷେତ୍ର ଏବଂ ପରୀକ୍ଷାଗାର ବିଶ୍ଳେଷଣର ମିଶ୍ରଣ ପ୍ରୟୋଗ କରାଯାଇ ଜଳକୁ ରଖାଯାଇଥାଏ। ଜଳଭଣ୍ଡାର ମ୍ୟାପିଂ ଜଳଭଣ୍ଡାରର ଭୂତା□କ ଢାଞ୍ଚା, ଜଳ ବିଜ୍ଞାନ ଗୁଣବତ୍ତା, ଜଳଭଣ୍ଡାରରେ ଜଳସ୍ତର ଏବଂ ସମୟ ସହିତ ସେଗୁଡ଼ିକ କିପରି ପରିବର୍ତ୍ତନ ହୁଏ, ଏବଂ ଭୂତଳ ଜଳର ପାନୀୟକୁ ପ୍ରଭାବିତ କରୁଥିବା ପ୍ରାକୃତିକ ଏବଂ ମାନବଜାତ ପ୍ରଦୂଷକଙ୍କ ଘଟଣା ବିଷୟରେ ଆମର ବୁଦ୍ଧିକୁ ଉନ୍ନତ କରାଯାଇପାରିବ । ସେହିପରି ଜଳଭଣ୍ଡାର ମ୍ୟାପିଂ ଆମର ମୂଲ୍ୟବାନ ଭୂତଳ ଜଳ ସମ୍ପଦର ଦୀର୍ଘକାଳୀନ ସ୍ଥାୟୀତ୍ୱ ପାଇଁ ଲକ୍ଷ୍ୟ ରଖାଯାଇଥିବା ବିଭିନ୍ନ ପରିଚାଳନା ହସ୍ତକ୍ଷେପର ପ୍ରଭାବ ପ୍ରସ୍ତୁତ, କାର୍ଯ୍ୟକାରୀ ଏବଂ ନିରୀକ୍ଷଣ କରିବା ଦିଗରେ ଆଲୋଚନା କରାଯାଇଥିଲା। ପାନୀୟ ଜଳ ସୁରକ୍ଷା, ଉନ୍ନତ ଜଳସେଚନ ସୁବିଧା ଏବଂ ଜଳ ସମ୍ପଦର ନିରନ୍ତରତା ହାସଲ କରିବାରେ ସାହାଯ୍ୟ କରିବା ସହିତ ସାମଗ୍ର ଦେଶରେ ବିକାଶ। କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡର ଚାଲୁଥିବା କାର୍ଯ୍ୟକଳାପ, ଯେପରିକି ଭୂତଳ ଜଳ ନିରୀକ୍ଷଣ, ଭୂତଳ ଜଳ ସମ୍ପଦ ମୂଲ୍ୟାଙ୍କନ, କୃତ୍ରିମ ପୁନଃଚାର୍ଜ ଏବଂ ଭୂତଳ ଜଳ ମରୁଡ଼ି, ଜଳ ଅଭାବ ଏବଂ ଦୁର୍ବଳ ଅଞ୍ଚଳରେ ଅନୁସନ୍ଧାନ ମଧ୍ୟ ଜଳଭଣ୍ଡାର ମ୍ୟାପିଂ ପ୍ରକଳ୍ପରେ ସମନ୍ୱିତ କରାଯାଇପାରିବ ବୋଲି କର୍ମଶାଳାରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଉକ୍ତ କର୍ମଶାଳାରେ ପ୍ରକଳ୍ପ ନିର୍ଦ୍ଦେଶକ ଜଳବିଭାଜିକା ଶ୍ରୀ ସୁରେଶ ପଟ୍ଟନାୟକ, ଜିଲ୍ଲା ମୁଖ୍ୟ କୃଷୀ ଅଧିକାରୀ ଶ୍ରୀ ଏମ. ପ୍ରକାଶ ରାଓ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଏଆଇ ଇମ୍ପାକ୍ଟ ସମିଟରେ ସାର୍ଟଲେସ ପ୍ରତିବାଦ ମାମଲା, ରାଷ୍ଟ୍ରୀୟ ଯୁବ କଂଗ୍ରେସ ସଭାପତି ଉଦୟ ଭାନୁ ଚିବ ଗିରଫ



ନୂଆଦିଲ୍ଲୀ : ନୂଆଦିଲ୍ଲୀରେ ଆୟୋଜିତ ହୋଇଥିବା ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟରେ ସାର୍ଟଲେସ ପ୍ରତିବାଦ ମାମଲାରେ ଦିଲ୍ଲୀ ପୋଲିସ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଦିଲ୍ଲୀ ପୋଲିସ ରାଷ୍ଟ୍ରୀୟ ଯୁବ କଂଗ୍ରେସ ସଭାପତି ଉଦୟ ଭାନୁ ଚିବଙ୍କୁ ଗିରଫ କୋର୍ଟରେ ହାଜର କରିଛି । ଆଉ ୭ ଦିନର ରିମାଣ୍ଡ ମାଗିଛି ପୋଲିସ । ଦିଲ୍ଲୀ ପୋଲିସର ସୂଚନା ଅନୁଯାୟୀ, ଏଆଇ ସମିଟରେ ପ୍ରତିବାଦ ଯୋଜନା କରିବାରେ ଯୁବ କଂଗ୍ରେସ ସଭାପତି ଉଦୟ ଭାନୁ ଚିବ ଭୂମିକା ଗ୍ରହଣ କରିଥିଲେ । ପ୍ରାୟ ୧୫ ଘଣ୍ଟା ପଚରାଉଚରା ପରେ ଉଦୟ ଭାନୁଙ୍କୁ ଗିରଫ କରାଯାଇଛି । ଆଜି ଉଦୟ ଭାନୁ ଚିବଙ୍କୁ କୋର୍ଟରେ ହାଜର କରାଯାଇଛି । ଉଦୟ ଭାନୁଙ୍କୁ ଗିରଫ ପରେ ତାଙ୍କ ବାପା ମାମଲାରେ ନିଜ ବୟାନ ଦେଇଛନ୍ତି । ସେ କହିଛନ୍ତି, ଉଦୟ କିଛି ବି ଭୁଲ୍ କରିନି, ମୋ ପୁଅ ଉପରେ ମୁଁ ଗର୍ବ କରୁଛି । ସେ ଦେଶର ଯୁବକ ଏବଂ ଚାଷୀଙ୍କ ପାଇଁ ଲଢେଇ ଜାରି ରଖିଛି । ଈଶ୍ୱରଙ୍କୁ ପ୍ରାର୍ଥନା କରୁଛି କି, ସେ ତାକୁ ଶକ୍ତି ଦିଅନ୍ତୁ । ଭାରତ ମଣ୍ଡପମରେ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀ ଚାଲିଥିବା ସମୟରେ ଯୁବ କଂଗ୍ରେସ କର୍ମୀଙ୍କ ଏକ ଗୋଷ୍ଠୀ ସାର୍ଟଲେସ୍ ପ୍ରତିବାଦ ପ୍ରଦର୍ଶନ କରିଥିଲେ । ସୁରକ୍ଷା କର୍ମୀମାନେ ସେମାନଙ୍କୁ ବାହାର କରିବା ପୂର୍ବରୁ ସେମାନେ ସରକାର ଏବଂ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ବିରୋଧରେ ସ୍ଲୋଗାନ ଲେଖାଥିବା ଟି-ସାର୍ଟ ଧରିଥିବାର ଦେଖାଯାଇଥିଲା । ଏହି ଘଟଣାରେ ୭ ଜଣ ଯୁବ କଂଗ୍ରେସ କର୍ମୀଙ୍କୁ ଗିରଫ କରାଯାଇଛି ।

## ବଦଳିଗଲା କେରଳର ନାଁ, ମୋଦି କ୍ୟାବିନେଟରେ ନାମ ପରିବର୍ତ୍ତନ ପାଇଁ ଦେଲେ ମଞ୍ଜୁରୀ

ନୂଆଦିଲ୍ଲୀ: କେନ୍ଦ୍ରୀୟ ମନ୍ତ୍ରୀମଣ୍ଡଳ କେରଳର ନାମକୁ ବଦଳାଇ 'କେରଳମ୍' କରିବାକୁ ମଞ୍ଜୁରୀ ଦେଇଛନ୍ତି । କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଯେତେବେଳେ ଭାଷା ଆଧାରରେ ରାଜ୍ୟର ନିର୍ମାଣ ହୋଇଥିଲା, ସେବେଠାରୁ କେରଳ ନାଁ କେରଳମ ହେବା ପାଇଁ ଦାବି ହୋଇଆସୁଛି । ଆଉ ଏହି ଦାବିକୁ ମୋଦି କ୍ୟାବିନେଟ ମଞ୍ଜୁରୀ ଦେଇଛନ୍ତି । ଚଳିତବର୍ଷ ହେବାକୁ ଥିବା କେରଳ ବିଧାନସଭା ନିର୍ବାଚନ ପୂର୍ବରୁ ଏଭଳି ପଦକ୍ଷେପ ନିଆଯାଇଛି । ନୂତନ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ସେବା ତୀର୍ଥକୁ ସ୍ଥାନାନ୍ତରିତ ହେବା ପରେ ଆଜି ମୋଦି କ୍ୟାବିନେଟର ପ୍ରଥମ ବୈଠକ ହୋଇଥିଲା । କେରଳ ସରକାରଙ୍କ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ଦେଇଛି । କେରଳ ମୁଖ୍ୟମନ୍ତ୍ରୀ ପିନରାଇ ବିଜୟନ ଚାହୁଁଥିଲେ କି, କେନ୍ଦ୍ର ସରକାର ସମ୍ବିଧାନର ୮ମ ଅନୁସୂଚୀରେ ସାମିଲ ଥିବା ସମସ୍ତ ଭାଷା ମଧ୍ୟ ଦକ୍ଷିଣ ରାଜ୍ୟ କେରଳର ନାମ ବଦଳାଇ କେରଳମ୍ କରିଦିଅନ୍ତୁ । ତେଣୁ କେରଳ ବିଧାନସଭା ଅଗଷ୍ଟ ୨୦୨୩ରେ ସର୍ବସମ୍ମତି ପ୍ରସ୍ତାବ ପାରିତ କରି କେନ୍ଦ୍ରକୁ ପଠାଇଥିଲେ । କେରଳ ବିଜେପି ରାଜ୍ୟ ସଭାପତି ରାଜୀବ ଚନ୍ଦ୍ରଶେଖର ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଏକ ଚିଠି ଲେଖି କେରଳର ନାମକୁ 'କେରଳମ୍' କରିବା ପାଇଁ ଦାବି କରିଥିଲେ । ଚନ୍ଦ୍ରଶେଖର ଚିଠିରେ କହିଥିଲେ ଯେ 'କେରଳମ' ନାମ ମାଲାୟଲମ ଭାଷା ଏବଂ ରାଜ୍ୟର ସାଂସ୍କୃତିକ ପରିଚୟ ସହିତ ଗଭୀର ଭାବରେ ଜଡିତ । ଜୁନ୍ ୨୦୨୪ ରେ, କେରଳ ବିଧାନସଭା ସର୍ବସମ୍ମତିକ୍ରମେ ଏକ ପ୍ରସ୍ତାବ ଗୃହୀତ କରି ସରକାରୀ ଦଲିଲରେ ରାଜ୍ୟର ନାମ "କେରଳ" ରୁ "କେରଳମ" କରିବା ପାଇଁ ଦାବି କରିଥିଲା ।

## ଇରାନରେ ସାମରିକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ, ୪ ମୃତ



ତେହେରାନ୍ : ଆମେରିକା ସହିତ ଭୀଷଣ ଉତ୍ତେଜନା ମଧ୍ୟରେ ଆଜି କେନ୍ଦ୍ରୀୟ ଇରାନରେ ଏକ ସାମରିକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି । ଏହି ଦୁର୍ଘଟଣା ଇରାନର ଏକ ଫଳ ଏବଂ ପନିପରିବା ମାର୍କେଟରେ ଘଟିଛି । ଫଳରେ ଅତି କମରେ ଏଥିରେ ୪ ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ଇରାନର ରାଜଧାନୀ ତେହେରାନରୁ ପ୍ରାୟ ୩୩୦କିଲୋମିଟର ଦକ୍ଷିଣରେ ଇସଫାହାନ ପ୍ରଦେଶର ଡୋରଚେ ସହରରେ ଏହି ଦୁର୍ଘଟଣା ଘଟିଥିବା କୌଣସି ଏକ ସୂତ୍ରରୁ ପ୍ରକାଶ ପାଇଛି । ସୂଚନାନୁଯାୟୀ, ଇରାନ ବାୟୁସେନାର ଏୟାରବେସ୍ ଇସ୍ଫାହାନ ନିକଟରେ ଅବସ୍ଥିତ । ଯାହା ଇରାନର ପ୍ରମୁଖ ପରମାଣୁ ସ୍ଥଳ । ଆମେରିକା ଜୁନ୍ ମାସରେ ଇରାନ୍-ଇସ୍ରାଏଲ ଯୁଦ୍ଧ ସମୟରେ ପରମାଣୁ ସ୍ଥଳ ଉପରେ ଆକ୍ରମଣ କରିଥିଲା । ଏହା ବ୍ୟତୀତ ଫୋର୍ଡଓ ଏବଂ ନାଟାଞ୍ଜ ପରମାଣୁ କେନ୍ଦ୍ର ଉପରେ ମଧ୍ୟ ବୋମା ମାଡ଼ କରିଥିଲା । ଏହାରି ମଧ୍ୟରେ ସାମରିକ ହେଲିକପ୍ଟରଟି ତାଲିମ ଉଡ଼ାଣ ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ବୋଲି ସରକାରୀ ଟିଭି ପକ୍ଷରୁ ସୂଚନା ମିଳିଛି । ଯେଉଁଥିରେ ପାଇଲଟଙ୍କ ସମେତ ସହ-ପାଇଲଟ୍ ମୃତ୍ୟୁବରଣ କରିଛନ୍ତି । ବଜାରରେ ତଳେ ଥିବା ଦୁଇଜଣଙ୍କ ମୃତ୍ୟୁ ହୋଇଛି । ଏହା ଏକ ସପ୍ତାହରୁ କମ୍ ସମୟ ମଧ୍ୟରେ ଇରାନରେ ଦ୍ୱିତୀୟ ଦୁର୍ଘଟଣା । ଦୁର୍ଘଟଣା ସମୟର ଧୂଆଁମୟ ଫୁଟେଜ ସାମ୍ନାକୁ ଆସିଛି । ପୂର୍ବରୁ ପଶ୍ଚିମ ଇରାନର ହମାଦାନ ସହର ନିକଟରେ ଏକ ଋ-୪ ଲଢୁଆ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ଜଣେ ପାଇଲଟଙ୍କ ମୃତ୍ୟୁ ଘଟିଛି । ଯାହା ଇରାନରେ ଭୟଙ୍କର ଦୁର୍ଘଟଣାର ଇତିହାସ ରହିଛି ।

# ଭାରତକୁ କୋଭିଡ୍ ମହାମାରୀ ଦେଇଛି ଦୃଢ଼ ଶିକ୍ଷା: ଡ଼ଃ ସଂଘମିତ୍ରା ପତି



ନୂଆଦିଲ୍ଲୀ : ପିଆଇବି ତତ୍ତ୍ୱାବଧାନରେ ମଧ୍ୟପ୍ରଦେଶରୁ ଆସିଥିବା ଏକ ଗଣମାଧ୍ୟମ ପ୍ରତିନିଧି ଦଳ ଓଡ଼ିଶା ଗସ୍ତର ଚତୁର୍ଥ ଦିନରେ ଆଜି ଭୁବନେଶ୍ୱରସ୍ଥିତ ଆଇସିଏମଆର-ଆଞ୍ଚଳିକ ଚିକିତ୍ସା ବିଜ୍ଞାନ ଗବେଷଣା କେନ୍ଦ୍ର (ଜଗଜଉ) ପରିଦର୍ଶନ କରି ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ହେଉଥିବା ଅତ୍ୟାଧୁନିକ ଗବେଷଣା ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି । ଏହି ଅବସରରେ ଆଇସିଏମଆରର ଏଡିଜି ତଥା ଆରଏମଆରସି ନିର୍ଦ୍ଦେଶିକା ଡକ୍ଟର ସଂଘମିତ୍ରା ପତି ସାମ୍ବାଦିକମାନଙ୍କୁ ସ୍ୱାଗତ କରି ଅନୁଷ୍ଠାନର ମୁଖ୍ୟ ଆଭିମୁଖ୍ୟ ଓ ସଫଳତା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ । ବିଶେଷ କରି କୋଭିଡ-୧୯ ମହାମାରୀ ଭାରତକୁ 'ନିର୍ଭରଶୀଳତାରୁ ଆତ୍ମନିର୍ଭରଶୀଳତା' ଆଡ଼କୁ ଗତି କରିବାର ଯେଉଁ ମୂଲ୍ୟବାନ ଶିକ୍ଷା ଦେଇଛି, ସେ ସମ୍ପର୍କରେ ଡକ୍ଟର ପତି ଗୁରୁତ୍ୱାରୋପ କରିଥିଲେ । ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ ରୋଗ ଚିହ୍ନଟ ପ୍ରଣାଳୀ ଓ ବୈଜ୍ଞାନିକ ନବସୃଜନ କିଭଳି ଭାବେ ଦେଶର ସ୍ୱାସ୍ଥ୍ୟ ସଙ୍କଟ ପରିଚାଳନାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା, ସେ ନେଇ ସେ ସାମ୍ବାଦିକମାନଙ୍କୁ ଅବଗତ କରାଇଥିଲେ । ପରିଦର୍ଶନ କାଳରେ ପ୍ରତିନିଧି ଦଳ ଅନୁଷ୍ଠାନର ବୈଜ୍ଞାନିକମାନଙ୍କ ସହ ମତ ବିନିମୟ କରିଥିଲେ । ସେମାନଙ୍କୁ ମ୍ୟାଲେରିଆ, ଯକ୍ଷ୍ମା, ସିକିଲ୍ ସେଲ, ଆଣ୍ଟିବାୟୋଟିକ୍ ପ୍ରତିରୋଧ ଏବଂ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ହେଉଥିବା ବହୁମୁଖୀ ଗବେଷଣା ବିଷୟରେ ଜଣାଇ ଦିଆଯାଇଥିଲା । କୋଭିଡ ସମୟରେ ଆରଏମଆରସି ପକ୍ଷରୁ କରାଯାଇଥିବା ବ୍ୟାପକ ପରୀକ୍ଷଣ, ଟିକା ପ୍ରଭାବଶାଳୀତା ଅନୁଧ୍ୟାନ ଏବଂ ସରକାରୀ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମକୁ ଯୋଗାଇ ଦିଆଯାଇଥିବା ବୈଷୟିକ ସହାୟତାକୁ ସାମ୍ବାଦିକମାନେ ଉଚ୍ଚ ପ୍ରଶଂସା କରିଥିଲେ । ଏଥିସହ ପୂର୍ବ ଓ ଉତ୍ତର-ପୂର୍ବ ଭାରତରେ ସ୍ୱାସ୍ଥ୍ୟ ଗବେଷଣା ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ନୂତନ ଗବେଷକମାନଙ୍କୁ ଦକ୍ଷ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ନିଆଯାଉଥିବା ପଦକ୍ଷେପଗୁଡ଼ିକୁ ମଧ୍ୟ ପ୍ରତିନିଧି ଦଳ ସମ୍ମାନ ଜଣାଇଥିଲେ । ଏହା ସହିତ ସାମ୍ବାଦିକମାନେ ଭୁବନେଶ୍ୱର ସ୍ଥିତ ସେଣ୍ଟ୍ରାଲ ଟୁଲ୍ ରୁମ୍ ଆଣ୍ଡ ଟ୍ରେନିଙ୍ଗ ସେଣ୍ଟର (ଉଞ୍ଜଞ୍ଜଉ) ପରିଦର୍ଶନ କରି ସେଠାକାର ଅତ୍ୟାଧୁନିକ ମାନୁଫ୍ୟାକ୍ଚରିଂ ଓ ପ୍ରଶିକ୍ଷଣ ସୁବିଧାର ପ୍ରତ୍ୟକ୍ଷ ଅନୁଭୂତି ହାସଲ କରିଥିଲେ । ସିଟିଟିସି ଅଧିକାରୀମାନେ ସାମ୍ବାଦିକମାନଙ୍କୁ ଇଣ୍ଡଷ୍ଟ୍ରି ୪.୦, ରୋବୋଟିକ୍ସ ଓ ସିଏନସି ମେସିନିଂ ଭଳି ଉଚ୍ଚକୋଟୀର ପ୍ରଯୁକ୍ତିବିଦ୍ୟା ସମ୍ପର୍କରେ ବୁଝାଇଥିଲେ । ବିଶେଷ କରି ଭାରତର ପ୍ରତିରକ୍ଷା ଓ ମହାକାଶ ଗବେଷଣା କ୍ଷେତ୍ରରେ ସିଟିଟିସିର ଅବଦାନ ସମ୍ପର୍କରେ ଜାଣିବାକୁ ସେମାନେ ବେଶ୍ ଆଗ୍ରହ ପ୍ରକାଶ କରିଥିଲେ । ଚନ୍ଦ୍ରଯାନ-୩ ପାଇଁ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରାଂଶ ନିର୍ମାଣ ଏବଂ ଗଗନଯାନ ମିଶନରେ ଅନୁଷ୍ଠାନର ସକ୍ରିୟ ସହଭାଗିତା ଦେଶର ବୈଷୟିକ ଶକ୍ତିକୁ ପ୍ରତିଫଳିତ କରୁଛି ବୋଲି ସାମ୍ବାଦିକମାନେ ମତବ୍ୟକ୍ତ କରିଥିଲେ । ପରିଶେଷରେ, ଇସ୍ରୋ, ଡିଆରଡିଓ ଓ ହାଲ୍ ଭଳି ପ୍ରତିଷ୍ଠିତ ସଂସ୍ଥା ସହ ସିଟିଟିସିର ସହଭାଗିତା ଏବଂ ବାର୍ଷିକ ହଜାର ହଜାର ଯୁବକଙ୍କୁ ବୈଷୟିକ ପ୍ରଶିକ୍ଷଣ ଦେଇ ଆତ୍ମନିର୍ଭର କରିବାର ପ୍ରୟାସକୁ ପ୍ରତିନିଧି ଦଳ ଉଚ୍ଚ ପ୍ରଶଂସା କରିଥିଲେ । ଏହି ପରିଦର୍ଶନ ଦ୍ୱାରା ବୈଜ୍ଞାନିକ ଉପଲବ୍ଧି ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ସୂଚନା ଆଦାନ ପ୍ରଦାନ ବୃଦ୍ଧି ପାଇବା ସହ ଭାରତର ବଢୁଥିବା ସ୍ୱାସ୍ଥ୍ୟ ଗବେଷଣା ଓ ବୈଷୟିକ ଦକ୍ଷତା ସମ୍ପର୍କରେ ସେମାନେ ସମ୍ୟକ ଧାରଣା ପାଇଥିଲେ ।

## ଅଯୋଧ୍ୟା ରାମ ମନ୍ଦିରରେ ଆରମ୍ଭ ହୋଇଛି ନୂଆ ବ୍ୟବସ୍ଥା, ସୁରକ୍ଷିତ ଭାବେ ଲକରରେ ଜିନିଷ ରଖିପାରିବେ ଶ୍ରଦ୍ଧାଳୁ



ଉତ୍ତରପ୍ରଦେଶ : ଅଯୋଧ୍ୟାକୁ ଆସୁଥିବା ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ପାଇଁ ବଡ଼ ଆଶ୍ୱସ୍ତି ଖବର ଆସିଛି । ତୀର୍ଥଯାତ୍ରୀଙ୍କ ସୁବିଧା ପାଇଁ ରାମ ଜନ୍ମଭୂମି ମନ୍ଦିର ପରିସରରେ ଆଧୁନିକ ଲକର ରୁମର ବ୍ୟବସ୍ଥା କରିବା ଆରମ୍ଭ ହୋଇଛି । ବଢୁଥିବା ଭକ୍ତଙ୍କ ସଂଖ୍ୟା ଏବଂ ଭିଡ଼ ପ୍ରବନ୍ଧନ ଯୋଗୁଁ ପରିସରରେ ୪ଟି ଭିନ୍ନ ଭିନ୍ନ ସ୍ଥାନରେ ଅତ୍ୟାଧୁନିକ ଲକର ରୁମ୍ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଏହି ନୂଆ ବ୍ୟବସ୍ଥାରେ ପ୍ରାୟ ଏକାସାଙ୍ଗରେ ୫୦ ହଜାର ଶ୍ରଦ୍ଧାଳୁ ନିଜେ ନିଜର ଜୋତା-ଚପଲ, ବ୍ୟାଗ୍ ଏବଂ ଅନ୍ୟ ସବୁ ସାମଗ୍ରୀ ସୁରକ୍ଷିତ ଭାବେ ଜମା କରି ରଖିପାରିବେ । ଏହା ପୂର୍ବରୁ ଶ୍ରଦ୍ଧାଳୁମାନେ ସେମାନଙ୍କ ଜିନିଷ ଦାୟିତ୍ୱରେ ରଖିବା ପାଇଁ ଖୁବ୍ ଚିନ୍ତାରେ ରହୁଥିଲେ । ରାମ ମନ୍ଦିରରେ ନୂଆ ସୁବିଧା ପାଇଁ ପ୍ରତ୍ୟେକ ଲକର ରୁମ୍ ଟୁକନ୍ ଆଧାରରେ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି । ଯାହା ଜିନିଷପତ୍ର ଜମା ଏବଂ ପୁଣି ନେବା ପାଇଁ ସୁବ୍ୟବସ୍ଥିତ ପ୍ରକ୍ରିୟା ସୁନିଶ୍ଚିତ କରେ । ସୁରକ୍ଷା ସମସ୍ୟାକୁ ରୋକିବା ପାଇଁ ସମସ୍ତ ସ୍ଥାନରେ ସୁରକ୍ଷା କର୍ମୀଙ୍କୁ ମଧ୍ୟ ନିୟୋଜିତ କରାଯାଇଛି । ଏଥିସହ ପରିସରରେ ଥିବା ଜୋତା ର୍ୟାକ୍ କାର୍ଯ୍ୟ ପ୍ରାୟ ୯୦ ପ୍ରତିଶତ ସମ୍ପୂର୍ଣ୍ଣ ହୋଇଛି । ଯାହାଦ୍ୱାରା ତୀର୍ଥଯାତ୍ରୀଙ୍କୁ ଅଧିକ ସୁବିଧା ମିଳିବ । ପ୍ରାଣ ପ୍ରତିଷ୍ଠା ପରେ ପ୍ରତିଦିନ ଅଯୋଧ୍ୟାରେ ରାମଲାଲାଙ୍କ ଦର୍ଶନ ପାଇଁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି । ଭକ୍ତଙ୍କ ସୁରକ୍ଷା ପାଇଁ ଏହି ନୂତନ ବ୍ୟବସ୍ଥାକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି । ଅନ୍ୟପଟେ ରାମ ମନ୍ଦିର ଟ୍ରଷ୍ଟର ସହଯୋଗୀ ଶରଦ ଶର୍ମା କହିଛନ୍ତି ଯେ, ଭକ୍ତମାନଙ୍କୁ ଏକ ଭଲ ଅଭିଜ୍ଞତା ପ୍ରଦାନ କରିବା ପାଇଁ ଟ୍ରଷ୍ଟ ନିରନ୍ତର ସୁବିଧାଗୁଡ଼ିକର ବ୍ୟବସ୍ଥା କରୁଛି । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଲକର ସୁବିଧା ଭକ୍ତମାନଙ୍କୁ ସେମାନଙ୍କର ଜୋତା ଏବଂ ବ୍ୟାଗକୁ ସୁରକ୍ଷିତ ଭାବରେ ରଖିବାର ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ପ୍ରଦାନ କରିବ ଏବଂ ଦର୍ଶନ ବ୍ୟବସ୍ଥାକୁ ଅଧିକ ସୁବିଧାଜନକ ଏବଂ ସୁବ୍ୟବସ୍ଥିତ କରିବ ।

## ପ୍ରିନ୍ସ ଆଣ୍ଡ୍ରୁଙ୍କ ବିରୋଧରେ ନୂଆ ଅଭିଯୋଗ: କରଦାତାଙ୍କ ଟଙ୍କାକୁ ମସାଜ୍ ଖର୍ଚ୍ଚ ପାଇଁ ଅପବ୍ୟବହାର କରୁଥିଲେ

ଲଣ୍ଡନ: ବ୍ରିଟେନର ରାଜା ଚାର୍ଲ୍ସଙ୍କ ଭାଇ ପ୍ରିନ୍ସ ଆଣ୍ଡ୍ରୁ ପୁଣି ଥରେ ବିବାଦରେ ଫସିଛନ୍ତି । ତାଙ୍କ ଉପରେ ସରକାରୀ ଗସ୍ତ ସମୟରେ ମସାଜ୍ ପାଇଁ କରଦାତାଙ୍କ ଟଙ୍କା ବ୍ୟବହାର କରିବାର ଅଭିଯୋଗ ଅଣାଯାଇଛି । ଏପଷ୍ଟାଇନ୍ ଫାଇଲ୍‌ରେ ତାଙ୍କ ନାମ ଆସିବା ପରେ ଏହି ନୂଆ ଖୁଲାସା ତାଙ୍କ ସମସ୍ୟାକୁ ଆହୁରି ବଢ଼ାଇ ଦେଇଛି । ପୂର୍ବତନ ବ୍ରିଟିଶ ସରକାରୀ ଅଧିକାରୀମାନେ ଏହି ଗୁରୁତର ଆର୍ଥିକ ଅନିୟମିତତାକୁ ନିଶ୍ଚିତ କରି ବିବୃତି ଜାରି କରିଛନ୍ତି । ଏହାଦ୍ୱାରା ରାଜପରିବାର ସଙ୍କଟ ବଢ଼ିବାରେ ଲାଗିଛି । ପ୍ରିନ୍ସ ଆଣ୍ଡ୍ରୁ ୨୦୦୧ ରୁ ୨୦୧୧ ପର୍ଯ୍ୟନ୍ତ ବ୍ରିଟେନର ସ୍ୱତନ୍ତ୍ର ବାଣିଜ୍ୟ ଦୂତ ଭାବରେ କାର୍ଯ୍ୟ କରିଥିଲେ । ଯଦିଓ ଏହି ପଦବୀ ଅବୈତନିକ ଥିଲା । ତାଙ୍କର ସମସ୍ତ ଯାତ୍ରା ଖର୍ଚ୍ଚ ସାଧାରଣ ଟିକସ ଦ୍ୱାରା ବହନ କରାଯାଉଥିଲା । ଏବେ ଏହା ପ୍ରକାଶ ପାଇଛି ଯେ, ସେ ବ୍ୟକ୍ତିଗତ ମସାଜ୍ ପାଇଁ ମଧ୍ୟ ଏହି ଟଙ୍କା ବ୍ୟବହାର କରୁଥିଲେ । ଜଣେ ଅବସରପ୍ରାପ୍ତ ବ୍ୟୁରୋକ୍ରାଟ କହିଛନ୍ତି, ଆଣ୍ଡ୍ରୁଙ୍କ ମଧ୍ୟପ୍ରାଚ୍ୟ ଯାତ୍ରା ସମୟରେ ମସାଜ୍ ଖର୍ଚ୍ଚ ଉପରେ ଆପତ୍ତି ଉଠିଥିଲା । ସେମାନେ ଯୁକ୍ତି ଦେଇଥିଲେ, ସରକାରୀ କୋଷାଗାରରୁ ଏପରି ବ୍ୟକ୍ତିଗତ ବିଳାସ ପାଇଁ ଦେୟ ଦେବା ସମ୍ପୂର୍ଣ୍ଣ ଅନୁପଯୁକ୍ତ ଓ ଭୁଲ । ତଥାପି, ବରିଷ୍ଠ ଅଧିକାରୀମାନେ ଆପତ୍ତିଗୁଡ଼ିକୁ ଅଣଦେଖା କରି ସରକାରୀ ପାଣ୍ଠିରୁ ସମ୍ପୂର୍ଣ୍ଣ ଦେୟ ଭରଣା କରିଥିଲେ । ପୂର୍ବତନ ଏପଷ୍ଟାଇନ୍ କର୍ମଚାରୀ ଜୁଆନ୍ ଆଲେସି ମଧ୍ୟ ପୂର୍ବରୁ ଦାବି କରିଥିଲେ ଯେ, ଆଣ୍ଡ୍ରୁ ପ୍ରତିଦିନ ମସାଜ୍ ଆବଶ୍ୟକ କରୁଥିଲେ । କୋର୍ଟର ବୟାନ ଅନୁଯାୟୀ, ରାଜକୁମାର ଯେତେବେଳେ ଯାତ୍ରା କରୁଥିଲେ ସେତେବେଳେ ତାଙ୍କ ପାଇଁ ମସାଜ୍ ବ୍ୟବସ୍ଥା କରାଯାଉଥିଲା । ଏହା ଏବେ ସାର୍ବଜନୀନ ଡୋମେନରେ ଇମେଲ୍ ଓ ଡକ୍ୟୁମେଣ୍ଟ ମାଧ୍ୟମରେ ଆଲୋଚନାର ବିଷୟ ପାଲଟିଛି । ୟୁକେର ପୂର୍ବତନ ବାଣିଜ୍ୟ ଓ ନିବେଶ ଅଧିକାରୀମାନେ ଆଣ୍ଡ୍ରୁଙ୍କ ଏଭଳି ଖର୍ଚ୍ଚକୁ ବାଣିଜ୍ୟ ମିଶନ ଉପରେ ଏକ ବୋଝ ବୋଲି କହିଛନ୍ତି । ଗତ ସପ୍ତାହରେ, ରାଜକୁମାର ଆଣ୍ଡ୍ରୁଙ୍କୁ ସରକାରୀ ପଦବୀର ଅପବ୍ୟବହାର ଅଭିଯୋଗରେ ଗିରଫ କରାଯାଇଥିଲା କିନ୍ତୁ ପରେ ତାଙ୍କୁ ମୁକ୍ତ କରାଯାଇଥିଲା । ଏହି ବିବାଦ ଯୋଗୁ ତାଙ୍କ ଭାଇ, ରାଜା ଚାର୍ଲ୍ସ ତୃତୀୟ, ତାଙ୍କର ରାଜକୁମାର ଅଫ୍ ୱେଲ୍ସ ପଦବୀରୁ ଛଡ଼ାଇ ନେଇସାରିଛନ୍ତି । ସଦ୍ୟତମ ଅଭିଯୋଗଗୁଡ଼ିକ ବିଶ୍ୱ ସ୍ତରରେ ୱିଣ୍ଡସର କାସଲ୍ ଓ ରାଜପରିବାରର ପ୍ରତିଷ୍ଠାକୁ କ୍ଷୁର୍ଣ୍ଣ କରିଛି । ୟୁକେର ବ୍ୟବସାୟ ଓ ବାଣିଜ୍ୟ ବିଭାଗ ବର୍ତ୍ତମାନ ଏହି ମସାଜ୍ ଖର୍ଚ୍ଚ ସମ୍ପର୍କିତ ଅଭିଯୋଗଗୁଡ଼ିକୁ ସିଧାସଳଖ ଖଣ୍ଡନ କରିବାକୁ ମନା କରିଦେଇଛି । ବିଭାଗ ଏହି ସମ୍ବେଦନଶୀଳ ବିଷୟ ଉପରେ ମନ୍ତବ୍ୟ ଦେବାରୁ ନିବୃତ୍ତ ରହିଛି । ରାଜା ଚାର୍ଲ୍ସ ଭାଇଙ୍କ ଆଚରଣ ଓ ଏପଷ୍ଟାଇନ୍ ସହ ସମ୍ପର୍କ ଯୋଗୁ ତାଙ୍କୁ ରାଜକୀୟ ବାସଭବନରୁ ବହିଷ୍କାର କରିଛନ୍ତି । ରାଜପରିବାର ଜନସାଧାରଣଙ୍କ କ୍ରୋଧକୁ ଶାନ୍ତ କରିବା ପାଇଁ ଆଇନ ନିଜ ବାଟରେ ଯିବ ବୋଲି କହିଛି । ଆଗାମୀ ଦିନରେ ଆଣ୍ଡ୍ରୁଙ୍କ ଆଇନଗତ ଏବଂ ସାମାଜିକ ସମସ୍ୟା ଆହୁରି ବଢ଼ିବ ବୋଲି ଆଶଙ୍କା କରାଯାଉଛି ।

## କ୍ଷମତା ଲୋଭିଙ୍କୁ ଆଇନା ଦେଖାଇବା ଅପରାଧ ନୁହେଁ, ଦେଶଭକ୍ତି: ରାହୁଲ ଗାନ୍ଧୀ

ନୂଆଦିଲ୍ଲୀ: ଶାନ୍ତିପୂର୍ଣ୍ଣ ବିରୋଧ ପ୍ରଦର୍ଶନ କରିବା ସବୁ ଭାରତୀୟଙ୍କ ଲୋକତାନ୍ତ୍ରୀକ ଅଧିକାର, ଏହା ଆମ ରକ୍ତରେ ଅଛି । କ୍ଷମାତା ଲୋଭିଙ୍କୁ ଆଇନା ଦେଖାଇବା ଅପରାଧ ନୁହେଁ, ଏହା ହେଉଛି ଦେଶଭକ୍ତି । ତେଣୁ ମତେ ସେହି ଯୁବ କଂଗ୍ରେସ ଭାଇମାନଙ୍କୁ ନେଇ ଗର୍ବ ଅନୁଭବ ହେଉଛି, ଯେଉଁମାନେ ନିଜର ହକ୍ ପାଇଁ ପ୍ରତିବାଦର ସ୍ୱର ଉଠାଇଛନ୍ତି । ନୂଆଦିଲ୍ଲୀ ଭାରତ ମଣ୍ଡପମରେ ଅନୁଷ୍ଠିତ ଏଆଇ ଇମ୍ପାକ୍ଟ ସମ୍ମିଳନୀରେ ଯୁବ କଂଗ୍ରେସର 'ଅର୍ଦ୍ଧନଗ୍ନ ବିରୋଧ ପ୍ରଦର୍ଶନ'କୁ ଭିତ୍ତି କରି ଜାତୀୟ ଯୁବ କଂଗ୍ରେସ(ଆଇୱାଇସି)ର ରାଷ୍ଟ୍ରିୟ ଅଧ୍ୟକ୍ଷ ଉଦୟ ଭାନୁ ଚିବଙ୍କୁ ଦିଲ୍ଲୀ ପୁଲିସ ଆଜି ଗିରଫ କରିବା ପରେ, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଏପରି ବୟାନ ସାମ୍ନାକୁ ଆସିଛି । ରାହୁଲ ଗାନ୍ଧୀ ତାଙ୍କ ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି, ମତେ ଯୁବ କଂଗ୍ରେସ ଓ ସେହି 'ବବର ସେ' ସାଥୀଙ୍କ ଉପରେ ଗର୍ବ ଅନୁଭବ ହେଉଛି ଯେଉଁମାନେ ଭୟଭୀତ ନହୋଇ 'ସମର୍ପିତ ପ୍ରଧାନମନ୍ତ୍ରୀ'ଙ୍କ ବିରୋଧରେ ସ୍ୱର ଉଠାଇଛନ୍ତି । ଆଉ ଏହି ପ୍ରସଙ୍ଗରେ କଂଗ୍ରେସର ଯୁବନେତା ଓ ଆଇୱାଇସିର ରାଷ୍ଟ୍ରିୟ ଅଧ୍ୟକ୍ଷ ଉଦୟ ଭାନୁ ଚିବଙ୍କୁ ଗିରଫ କରିବା ସରକାରଙ୍କ ଏକଛତ୍ରବାଦକୁ ପରିପ୍ରକାଶ କରୁଛି ।

# କ୍ଷମତାକୁ ଆସିଲେ ପାକିସ୍ତାନ ସମେତ ୬ ଦେଶ ଉପରେ ଲାଗୁ ହେବ ଭିସା କଟକଣା



ଲଣ୍ଡନ: ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ବ୍ରିଟେନର ରିଫର୍ମ ୟୁକେ ପାର୍ଟି ଏକ ଅତ୍ୟନ୍ତ କଠୋର ପ୍ରବାସୀ ନୀତି ଘୋଷଣା କରିଛି । ପାର୍ଟି ନେତା ନାଇଜେଲ ଫାରେଜ କହିଛନ୍ତି, ଆମେ କ୍ଷମତାକୁ ଆସିଲେ ବେଆଇନ ପ୍ରବାସୀଙ୍କୁ ରୋକିବା ପାଇଁ କଠୋର ପଦକ୍ଷେପ ନେବୁ । ଆମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବ୍ରିଟେନର ସୀମା ସୁରକ୍ଷିତ କରିବା ତଥା ବେଆଇନ ପ୍ରବାସୀମାନଙ୍କୁ ନିଜ ନିଜ ଦେଶକୁ ପଠାଇବା । ରିଫର୍ମ ୟୁକେ ପାର୍ଟି ବ୍ରିଟେନରେ ଏକ ନୂତନ ଏଜେନ୍ସି ଗଠନ କରିବାକୁ ପ୍ରସ୍ତାବ ଦେଇଛି । ଯାହା ଆମେରିକାର ଏଜେନ୍ସି ଆଇସିଇର ଅନୁରୂପ । ୟୁକେ ଡିପୋର୍ଟେସନ୍ କମାଣ୍ଡ ନାମକ ଏହି ଏଜେନ୍ସିକୁ ବେଆଇନ ପ୍ରବାସୀମାନଙ୍କୁ ଖୋଜିବା ତଥା ନିର୍ବାସନ କରିବା ପାଇଁ ଦାୟିତ୍ୱ ଦିଆଯିବ । ପ୍ରତିବର୍ଷ ପ୍ରାୟ ୨ ଲକ୍ଷ ୮୮ ହଜାର ପ୍ରବାସୀଙ୍କୁ ସେମାନଙ୍କ ମୂଳ ଦେଶକୁ ଫେରାଇବାକୁ ଦଳ ଲକ୍ଷ୍ୟ ରଖିଛି । ଦଳ ସ୍ପଷ୍ଟ କରିଛି ଯେ, ପାକିସ୍ତାନ, ସୋମାଲିଆ, ଏରିଟ୍ରିଆ, ଆଫଗାନିସ୍ତାନ, ସିରିଆ ଓ ସୁଦାନର ନାଗରିକମାନଙ୍କ ଉପରେ ଭିସା କଟକଣା ଲାଗୁ କରାଯିବ । ବ୍ରିଟେନରେ ପ୍ରବେଶ କରିବାକୁ ଚେଷ୍ଟା କରୁଥିବା ସର୍ବାଧିକ ସଂଖ୍ୟକ ବେଆଇନ ପ୍ରବାସୀଙ୍କ ପାଇଁ ଏହି ଛଅଟି ଦେଶ ଦାୟୀ । ଏହି ଦେଶଗୁଡ଼ିକରୁ ଭିସା ନିଷେଧ କରିବା ଦ୍ୱାରା ବ୍ରିଟେନର ସୁରକ୍ଷା ବ୍ୟବସ୍ଥା ଯଥେଷ୍ଟ ମଜବୁତ ହେବ । ସମ୍ପୂର୍ଣ୍ଣ ଯୋଜନା ପାଇଁ ବାର୍ଷିକ ପ୍ରାୟ ୨ ବିଲିୟନ ପାଉଣ୍ଡ ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି । ଦଳ କହିଛି ପ୍ରବାସୀ କଲ୍ୟାଣ ଓ ଗୃହ ନିର୍ମାଣରେ ହ୍ରାସ କରାଯାଇ ଏହା ଏହି ଖର୍ଚ୍ଚ ଭରଣା କରାଯିବ । ପ୍ରବାସୀମାନଙ୍କୁ ପ୍ରଥମେ ମଡ୍ୟୁଲାର ଘରେ ରଖାଯିବ । ତା'ପରେ ପ୍ରତିଦିନ ପାଞ୍ଚଟି ସ୍ୱତନ୍ତ୍ର ବିମାନରେ ଦେଶାନ୍ତର କରାଯିବ । ରିଫର୍ମ ୟୁକେ ମଧ୍ୟ ୟୁରୋପୀୟ ମାନବାଧିକାର ସମ୍ମିଳନୀରୁ ବ୍ରିଟେନକୁ ପ୍ରତ୍ୟାହାର କରିବାକୁ ପ୍ରସ୍ତାବ ଦେଇଛି । ଦଳ ଯୁକ୍ତି କରୁଛି ଯେ ବର୍ତ୍ତମାନର ମାନବାଧିକାର ଆଇନ ଜାତୀୟ ସୁରକ୍ଷା ଓ ପ୍ରଭାବଶାଳୀ ସୀମା ନିୟନ୍ତ୍ରଣ ପାଇଁ ଏକ ପ୍ରମୁଖ ପ୍ରତିବନ୍ଧକ ପ୍ରମାଣିତ ହେଉଛି । ସେମାନେ ଏକ ନୂତନ ଆଇନ, ବେଆଇନ ପ୍ରବାସ ଗଣ ନିର୍ବାସନ ଆଇନ ପ୍ରଚଳନ କରିବାକୁ ଯୋଜନା କରୁଛନ୍ତି । ଯାହା ଏହି ଆଇନଗତ ପ୍ରତିବନ୍ଧକଗୁଡ଼ିକୁ ଦୂର କରିବ । ୟୁକେର ସାଧାରଣ ନିର୍ବାଚନ ୨୦୨୯ ରେ ହେବାକୁ ଯାଉଛି । ତେବେ ଦଳର ଯୋଜନା ନିର୍ବାଚନ ପୂର୍ବରୁ ରାଜନୈତିକ ଝଡ଼ ସୃଷ୍ଟି କରିଛି । ଲେବର ପାର୍ଟି ଏହି ପ୍ରସ୍ତାବକୁ କଡ଼ା ସମାଲୋଚନା କରିଛି । ଏହାକୁ ବିଭାଜନକାରୀ ଓ ଏକତା ବିରୋଧୀ ବୋଲି କହିଛି । ପାର୍ଟିର ମୁଖପାତ୍ର ଜିଆ ୟୁସୁଫ ଏହି ଯୋଜନାକୁ ଅପରେସନ୍ ରିଷ୍ଟୋରିଂ ଜଷ୍ଟିସ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବରେ ବର୍ଣ୍ଣନା କରିଛନ୍ତି ।

## ଜରମନ @୧୫୦ ହକି ଇଣ୍ଡିଆ ପକ୍ଷରୁ ଶୁଭେଚ୍ଛା



ନୂଆଦିଲ୍ଲୀ ୨୪।୨:: ସ୍ପେନ ବିପକ୍ଷରେ ଏଫଆଇଏଚ୍ ପ୍ରୋଲିଗର ମ୍ୟାଚ୍ ଖେଳିବା ସହ ଅନ୍ତର୍ଜାତୀୟ ହକି କ୍ୟାରିୟରରେ ଏକ ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି ଷ୍ଟାର ହକି ପ୍ଲେୟାର ଜରମନପ୍ରିତ ସିଂ। ଏହି ମ୍ୟାଚ୍‌ରେ ଅନ୍ତର୍ଜାତୀୟ ହକିରେ ଭାରତ ପକ୍ଷରୁ ୧୫୦ତମ ମୁକାବିଲା ଖେଳିଛନ୍ତି ଏହି ଷ୍ଟାର ଡ଼ିଫେଣ୍ଡର। ପଞ୍ଜାବର ଅମୃତସରରୁ ଆସିଥିବା ଜରମନ ୨୦୧୮ ମସିହାରେ ନେଦରଲାଣ୍ଡ ବିପକ୍ଷରେ କରିଥିଲେ ନିଜ ହକି ଡେବ୍ୟୁ। ୨୦୨୪ ପ୍ୟାରିସ ଅଲମ୍ପିକ ବିଜେତା ଭାରତୀୟ ଦଳର ସଦସ୍ୟ ମଧ୍ୟ ଥିଲେ। ଅନେକ ଚ୍ୟାମ୍ପିୟାନସିପ, ଏସିଆନ ଚ୍ୟାମ୍ପିୟାନସିପ ଆଦି ବିଜେତା ଭାରତୀୟ ଦଳ ପାଇଁ ବେଶ ଥିଲା ତାଙ୍କ କଣ୍ଟ୍ରିବ୍ୟୁସନ। ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲ୍ଲୀପ ତ୍ରିକୀ ଏହି ମାଇଲଷ୍ଟୋନ ଉପଲବ୍ଧି ପାଇଁ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଗକୁ ମଧ ଭାରତୀୟ ହକି ପାଇଁ କଣ୍ଟ୍ରିବ୍ୟୁସନ ଜାରି ରଖିବାକୁ ଉତ୍ସାହିତ କରିଛନ୍ତି।

# ଦ.ଆଫ୍ରିକା-ଇଣ୍ଡିଜ ମୁକାବିଲା ଗୁରୁତ୍ୱପୂର୍ଣ୍ଣ

ନୂଆଦିଲ୍ଲୀ,୨୪।୨: ଟି-୨୦ ବିଶ୍ୱକପ ୨୦୨୬ର ସୁପର-୮ର ଗ୍ରୁପ-୧କୁ କୁହାଯାଉଛି ଗ୍ରୁପ ଅଫ ଡେଥ । ଏହି ଗ୍ରୁପରେ ଲିଗ୍ ପର୍ଯ୍ୟାୟରେ ସମସ୍ତ ଶୀର୍ଷ ଦଳ ରହିଛନ୍ତି । ହେଲେ ଏହି ଗ୍ରୁପରେ ଏବେ ମୁସ୍କିଲରେ ପଡି ଯାଇଛି ଭାରତୀୟ ଦଳ । ଦକ୍ଷିଣ ଆଫ୍ରିକା ବିପକ୍ଷ ସୁପର-୮ରେ ମୁକାବିଲାରେ ଶୋଚ୍‌ନୀୟ ପରାଜୟ ଭୋଗିବା ପରେ ଏବେ ଭାରତୀୟ ଦଳ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡିବାର ଆଶଙ୍କା ଦେଖା ଦେଇଛି । ଏବେ ଏମିତି ଏକ ସମୀକରଣ ସୃଷ୍ଟି ହୋଇଛି, ଯେଉଁଥିରେ ଭାରତ ନିଜର ଦ୍ୱିତୀୟ ମ୍ୟାଚ୍ ଖେଳିବା ପୂର୍ବରୁ ଟୁର୍ଣ୍ଣାମେଣ୍ଟରୁ ବିଦା ହୋଇପାରେ । କାରଣ ଫେବୃଆରୀ ୨୬ରେ ଭାରତ ଓ ଜିମ୍ବାୱେ ମୁକାବିଲା ପୂର୍ବରୁ ଖେଳାଯିବ ୱେଷ୍ଟଇଣ୍ଡିଜ ବନାମ ଦକ୍ଷିଣ ଆଫ୍ରିକା ମ୍ୟାଚ୍ । ଏହି ମ୍ୟାଚ୍ ଉପରେ ଏବେ ପ୍ରତିଟି ଭାରତୀୟ କ୍ରିକେଟ୍ ପ୍ରେମୀଙ୍କ ନଜର ରହିଛି ।

ଦକ୍ଷିଣ ଆଫ୍ରିକା ପ୍ରଥମ ମ୍ୟାଚ୍‌ରେ ଭାରତକୁ ୭୬ ରନରେ ହରାଇଥିଲା । ଏହି ବଡ ପରାଜୟ ପରେ ଭାରତର ନେଟ୍ ରନ ରେଟ୍ ମାଇନଓ ୩.୮୦୦ ହୋଇ ଯାଇଛି । ଦକ୍ଷିଣ ଆଫ୍ରିକାର ନେଟ୍ ରନ ରେଟ୍ ଯୁକ୍ତ ୩.୮୦୦ ରହିଛି । ୱେଷ୍ଟଇଣ୍ଡିଜ ସୁପର-୮ରେ ନିଜର ପ୍ରଥମ ମ୍ୟାଚ୍‌ରେ ଜିମ୍ବାୱେକୁ ୧୦୭ ରନର ବଡ ବ୍ୟବଧାନରେ ପରାସ୍ତ କରିଛି । ଫଳରେ ଦଳର ନେଟ୍ ରନ ରେଟ୍ ଯୁକ୍ତ ୫.୩୫୦ ରହିଛି । ଏବେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତୀୟ ଦଳକୁ ନିଜର ପରବର୍ତ୍ତୀ ମ୍ୟାଚ୍ ଜିତିବାକୁ ପଡିବ । ଦଳ ନିଜର ଦ୍ୱିତୀୟ ମ୍ୟାଚ୍‌ରେ ଜିମ୍ବାୱେକୁ ଭେଟିବ । ତେବେ ଏହା ପୂର୍ବରୁ ସେହି ଦିନ ଖେଳାଯିବ ଦକ୍ଷିଣ ଆଫ୍ରିକା ବନାମ ୱେଷ୍ଟଇଣ୍ଡିଜ ମ୍ୟାଚ୍ । ଏହି ମ୍ୟାଚ୍‌ର ଫଳାଫଳରୁ ସ୍ଥିତି ଆହୁରି ସ୍ପଷ୍ଟ ହୋଇଯିବ ଯେ, ଗ୍ରୁପ ୧ରୁ କେଉଁ ଦୁଇ ଦଳ ସେମିକୁ ଯିବେ ।

ଯଦି ୱେଷ୍ଟଇଣ୍ଡିଜ ଦକ୍ଷିଣ ଆଫ୍ରିକାକୁ ହରାଇଦିଏ ତେବେ ଧରି ନିଆଯିବ ଭାରତ ସୁପର-୮ରୁ ବାହାର ହୋଇଯିବ । କାରଣ ଏହି ସ୍ଥିତିରେ ଯଦି ୱେଷ୍ଟଇଣ୍ଡିଜ ଭାରତଠୁ ତୃତୀୟ ମ୍ୟାଚ୍ ହାରିଯାଏ ତେବେ ଉଭୟ ଦଳର ୪-୪ ପଏଣ୍ଟ ହେବ । ମାତ୍ର ନେଟ୍ ରନ ରେଟରେ ୱେଷ୍ଟଇଣ୍ଡିଜ ବହୁତ ଆଗରେ ରହିଛି । ଦକ୍ଷିଣ ଆଫ୍ରିକାର ତୃତୀୟ ମ୍ୟାଚ୍ ଜିମ୍ବାୱେ ସହ ରହିଛି । ଯଦି ଦକ୍ଷିଣ ଆଫ୍ରିକା ଏହି ମ୍ୟାଚ୍ ଜିତିଯାଏ ତେବେ ତାର ମଧ ୪ ପଏଣ୍ଟ ହେବ । ଏମିତିରେ ବି ଦକ୍ଷିଣ ଆଫ୍ରିକାର ରନ ରେଟ୍ ଭାରତଠୁ ଉନ୍ନତ ରହିଛି । ତେଣୁ ଏମିତି ସ୍ଥିତିରେ ଭାରତୀୟ ଦଳ ଚାହିଁବ ଯେ, ଗୁରୁବାର ଦକ୍ଷିଣ ଆଫ୍ରିକା ୱେଷ୍ଟଇଣ୍ଡିଜକୁ ପରାସ୍ତ କରୁ । ଆଉ ଭାରତ ଜିମ୍ବାୱେକୁ ହରାଇବା ପରେ ନିଜର ତୃତୀୟ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜକୁ ହରାଉ । ଏମିତି ହେଲେ ଦକ୍ଷିଣ ଆଫ୍ରିକା ସହ ଭାରତ ସେମିକୁ ଉନ୍ନୀତ ହେବ । ଯଦି ୱେଷ୍ଟଇଣ୍ଡିଜ ଜିତିଯାଏ ତେବେ ଭାରତର ସେମିକୁ ଯିବା ବହୁତ ମୁସ୍କିଲ ହୋଇଯିବ ।



ପ୍ରଖ୍ୟାତ ପାରା ଅଲିମ୍ପିକସ କ୍ରୀଡାବିତ୍ ବାହାରିନ ଠାରେ ଷଷ୍ଠ ଥର ପାଇଁ ସ୍ୱର୍ଣ୍ଣ ପଦକ ହାସଲ କରି ଐତିହାସିକ ସଫଳତା ଅର୍ଜନ କରିବା ପରେ ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ତାଙ୍କ ବିଧାନ ସଭା ପ୍ରକୋଷ୍ଠରେ ଶ୍ରୀ ଭଗତଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି। ରାଜସ୍ୱ ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ଏବଂ କ୍ରୀଡା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୁରଜ୍ ମଧ ଉପସ୍ଥିତ ଅଛନ୍ତି

## ବିଶ୍ୱ କୁନ୍ ଖେମର୍ ଚ୍ୟାମ୍ପିୟନସିପ୍‌ରେ ପ୍ରତିନିଧିତ୍ୱ କଲେ ଦୁଇ ଓଡ଼ିଆ



ଭୁବନେଶ୍ୱର,୨୪।୨:: ବିଶ୍ୱ କୁନ୍ ଖେମର୍ ଚ୍ୟାମ୍ପିୟନସିପ୍‌ରେ ପ୍ରତିନିଧିତ୍ୱ କଲେ ଦୁଇ ଓଡ଼ିଆ। ହିମାଂଶୁ ଭୂଷଣ ଦାସ ଆନ୍ତର୍ଜାତୀୟ ରେଫେରୀ ଭାବେ ପ୍ରତିନିଧିତ୍ୱ କରିଥିଲେ। ସେହିପରି ଆଦିତ୍ୟ ଗୌରବ ତ୍ରିପାଠୀ ସହାୟକ ପ୍ରଶିକ୍ଷକ ଭାବେ ଚ୍ୟାମ୍ପିୟନସିପ୍‌ରେ ଦାୟିତ୍ୱ ନେଇଥିଲେ। ଗରିମାମୟ ଆନ୍ତର୍ଜାତୀୟ ମଞ୍ଚରେ ଭାରତୀୟ ଅଧିକାରୀ ଓ କ୍ରୀଡ଼ାବିତଙ୍କ ଉପସ୍ଥିତି ଓ ସଫଳତା ପାରମ୍ପରିକ କ୍ଷେତ୍ରରେ ନୂଆ ଜାଗରଣ ଆଣିଥାଏ।

କମ୍ବୋଡିଆ ଜାତୀୟ ଅଲମ୍ପିକ କମିଟି ଦ୍ୱାରା ଆନ୍ତର୍ଜାତୀୟ କୁନ୍ ଖେମର୍ ଫେଡେରେସନ ଦ୍ୱାରା ଷଷ୍ଠ କୁନ୍ ଖ୍ମେର୍ ବିଶ୍ୱ ଚ୍ୟାମ୍ପିୟନସିପ୍‌ର ଆୟୋଜନ ହୋଇଥିଲା। ଏଥିରେ ଭାରତର ଅଧିକାରୀ, ପ୍ରଶିକ୍ଷକ ଓ କ୍ରୀଡ଼ାବିତମାନେ ଅଂଶଗ୍ରହଣ କରିଥିଲେ। ଏପରିକି ଏହି ଷଷ୍ଠ ଚ୍ୟାମ୍ପିୟନସିପ୍‌ରେ କାମ୍ବୋଡିଆ, ଭାରତ, ଯୁକ୍ତରାଷ୍ଟ୍ର ଆମେରିକାର, ଚୀନ୍, କାନାଡା, ଫ୍ରାନ୍ସ, ଜର୍ମାନୀ, ହଂକଙ୍ଗ, ଭିଏତନାମ୍, ଇଣ୍ଡୋନେସିଆ, ସ୍ପେନ୍, ଫିଲିପିନ୍ସ, ଇରାନ୍, ଆଫଗାନିସ୍ତାନ୍, ମାଲେସିଆ, ଲାଓସ୍, ନେପାଳ ଓ ମୌରିଟାନିଆ ସହିତ ୩୨ ଟି ଦେଶର କ୍ରୀଡ଼ାବିତମାନେ ଅଂଶଗ୍ରହଣ କରିଥିଲେ।

# ସୁପର ୮ : ୱେଷ୍ଟଇଣ୍ଡିଜର ବୃହତ୍ ବିଜୟ

ମୁମ୍ବାଇ,୨୪।୨: ୨୦୨୬ ଟି୨୦ ବିଶ୍ୱକପର ସୁପର ୮ ମ୍ୟାଚ୍‌ରେ ଜିମ୍ବାୱେକୁ ୧୦୭ ରନରେ ହରାଇଛି ୱେଷ୍ଟଇଣ୍ଡିଜ। ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ୍ ଟି୨୦ ବିଶ୍ୱକପ୍ ଇତିହାସରେ ଦ୍ୱିତୀୟ ସର୍ବାଧିକ ସ୍କର କରିଥିଲା। ଏହାପରେ ୱେଷ୍ଟଇଣ୍ଡିଜ୍ ବୋଲରମାନେ ଦ୍ୱିତୀୟ ଇନିଂସରେ ଚମତ୍କାର ପ୍ରଦର୍ଶନ କରି ଜିମ୍ବାୱେକୁ ୧୪୭ ରନରେ ସୀମିତ ରଖିଥିଲା। ମୁମ୍ବାଇର ୱାଙ୍ଖଡେ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ, ୱେଷ୍ଟଇଣ୍ଡିଜ୍ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୬ ୱିକେଟ୍ ହରାଇ ୨୫୪ ରନ କରିଥିଲା। ଜବାବରେ ଜିମ୍ବାୱେ ୧୭.୪ ଓଭରରେ ମାତ୍ର ୧୪୭ ରନରେ ଅଲଆଉଟ୍ ହୋଇଥିଲା।ଶିମରୋନ୍ ହେଟମାୟର, ରୋଭମାନ ପାୱେଲ୍ ଏବଂ ଶେରଫେନ୍ ରଥରଫୋର୍ଡ ପ୍ରଥମ ଇନିଂସରେ ଦଳ ପାଇଁ ଚମତ୍କାର ଇନିଂସ ଖେଳିଥିଲେ। ତା'ପରେ, ଗୁଡକେଶ ମୋତି ଏବଂ ଆକିଲ୍ ହୁସେନ୍ ବୋଲିଂ ବିଭାଗରେ ଦଳ ପାଇଁ ଚମତ୍କାର ପ୍ରଦର୍ଶନ କରିଥିଲେ। ହେଟମାୟର ସବୁଠାରୁ ବଡ଼ ଇନିଂସ ଖେଳିଥିଲେ। ସେ ୩୪ ବଲରେ ୭ ଚୌକା ଏବଂ ୭ ଛକା ସହାୟତାରେ ୮୫ ରନ କରିଥିଲେ।

ପାୱେଲ୍ ମଧ ୩୫ ବଲରେ ୪ ଚୌକା ଏବଂ ୪ ଛକା ସହାୟତାରେ ୫୯ ରନ୍ କରିଥିଲେ। ଏହା ପରେ, ପଞ୍ଚମ ନମ୍ବରରେ ଆସି ର ଦରଫୋର୍ଡ ୧୩ ବଲରୁ ୩ ଚୌକା ଏବଂ ୨ ଛକା ସହିତ ୩୧ ରନ କରିଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ ପକ୍ଷରୁ ଗୁଡକେଶ ସର୍ବାଧିକ ୪ ୱିକେଟ୍ ନେଇଥିବା ବେଳେ ଆକିଲ୍ ୩ ୱିକେଟ୍ ନେଇଥିଲେ।

ରନ୍ ଚେଜ୍‌ରେ ଜିମ୍ବାୱେର ଆରମ୍ଭ ଖରାପ ଥିଲା। ଦଳ ୧୦୦ ରନରେ ପହଞ୍ଚିବା ପୂର୍ବରୁ ୯୪ ରନ୍‌ରେ ୫ ୱିକେଟ୍ ହରାଇଥିଲା। ଏହା ପରେ ଦଳ ୧୦୩ ରନରେ ୯ ୱିକେଟ୍ ହରାଇଥିଲା। ଅର୍ଥାତ୍ ଦଳ ମାତ୍ର ୯ ରନରେ ୪ ୱିକେଟ୍ ହରାଇଥିଲେ। ଇଭାନ୍ସ ଏକ ଭଲ ଇନିଂସ୍ ଖେଳିଥିଲେ, କିନ୍ତୁ ଏହା ଦଳ ପାଇଁ ଯଥେଷ୍ଟ ନଥିଲା। ଉଲ୍ଲେଖନୀୟ ଯେ ଜିମ୍ବାୱେ ସୁପର ୮ରେ ଆଗକୁ ବଢ଼ିବା ପାଇଁ ଗ୍ରୁପ୍ ପର୍ଯ୍ୟାୟରେ ଲଗାତାର ତିନୋଟି ମ୍ୟାଚ୍ ଜିତିଥିଲା। ଦଳଟି ତା'ର ପ୍ରଥମ ସୁପର ୮ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍‌ଠାରୁ ପରାସ୍ତ ହୋଇଛି। ଜିମ୍ବାୱେର ପରବର୍ତ୍ତୀ ମ୍ୟାଚ୍ ଫେବୃଆରୀ ୨୬ ତାରିଖରେ ଭାରତ ବିପକ୍ଷରେ।



## ସ୍ପିନ୍ ବୋଲିଂ : ପାକିସ୍ତାନଠାରୁ ପଛରେ ପଡ଼ିଲା ଭାରତ

ନୂଆଦିଲ୍ଲୀ, ୨୨/୨ : ଚାଲିଛି ସୁପର-୮ ମୁକାବିଲା । ସୁପର ସଣ୍ଡେରେ ଖେଳାଯିବ ସୁପର ମୁକାବିଲା । ଦକ୍ଷିଣଆଫ୍ରିକାକୁ ପ୍ରଥମ ସୁପର-୮ ମୁକାବିଲାରେ ଭେଟିବ ଭାରତ । ପାକିସ୍ତାନ ନିଜର ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ଭେଟିବାକୁ ଥିଲା । ବର୍ଷା ପାଇଁ ଏହି ମ୍ୟାଚ୍‌ଟି ବାତିଲ ହୋଇଥିଲା । ଯେଉଁ କାରଣ ମ୍ୟାଚ୍ ନଖେଳି ଗୋଟିଏ ପଏଣ୍ଟ ହାସଲ କରିଥିଲା ପାକିସ୍ତାନ । ଆଜି ଭାରତ ଦକ୍ଷିଣଆଫ୍ରିକାକୁ ଭେଟିବାକୁ ଥିବାବେଳେ ଏହି ମାମଲାରେ ପାକିସ୍ତାନଠାରୁ ପଛରେ ପଡ଼ିଛି ଭାରତ ।



ସ୍ପିନ୍ ବୋଲିଂରେ ପାକିସ୍ତାନଠାରୁ ଭାରତ ପଡ଼ିଛି ପଛରେ । ଚଳିତଟି-୨୦ ବିଶ୍ୱକପରେ ଭାରତର ସ୍ପିନରମାନେ ଦମଦାର ପ୍ରଦର୍ଶନ କରିଛନ୍ତି । ତଥପି ଯଦି ରେକର୍ଡ ହିସାବରେ ଦେଖିବା ତାହେଲେ ପାକିସ୍ତାନଠାରୁ ପଛରେ ପଡିଛନ୍ତି । ପାକିସ୍ତାନୀ ସ୍ପିନର ଲିଗ୍ ପର୍ଯ୍ୟାୟରେ ସର୍ବାଧିକ ୨୬ ୱିକେଟ୍ ଅକ୍ତିଆର କରିଛନ୍ତି । ପାକିସ୍ତାନୀ ସ୍ପିନର ଉସମାନ ତାରିକ, ମହମ୍ମଦ ନୱାଜ, ସାମ ଆୟୁବ, ସଲମାନ ଅଲ୍ଲୀ ଆଗା ଏବଂ ଶଦାବ ଖାନଙ୍କ ଭଳି ସ୍ପିନରମାନେ ଦମଦାର ପ୍ରଦର୍ଶନ କରି ରେକର୍ଡ କରିଛନ୍ତି । ଭାରତ ବ୍ୟତିତ ବାକି ମ୍ୟାଚ୍‌ରେ ସ୍ପିନରଙ୍କ ଦବଦବା ଦେଖିବାକୁ ମିଳିଥିଲା ।ତେବେ ସ୍ପିନର ମାମଲାରେ ଶ୍ରୀଲଙ୍କାର ବୋଲରମାନେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ସେମାନେ ୨୧ ୱିକେଟ ଅକ୍ତିଆର କରିଥିବାବେଳେ ଭାରତୀୟ ସ୍ପିନରମାନେ ୧୭ ୱିକେଟ୍‌ନେଇ ତୃତୀୟ ସ୍ଥାନରେ ରହିଛନ୍ତି । ତେବେ ଇକୋନୋମି ଯଦି ହିସାବ କରିବା ତାହେଲେ ଭାରତୀୟ ବୋଲରମାନେ ଆଗରେ ରହିଛନ୍ତି । ଭାରତୀୟ ସ୍ପିନରମାନେ ୬.୩ ହାରରେ ରନ୍ ଦେଇଛନ୍ତି । ସେପଟେ ବାକି ଦଳର ସ୍ପିନରଙ୍କ କଥା ଯଦି ବିଚାରକୁ ନେବା ତାହେଲେ ଇଂଲଣ୍ଡର ସ୍ପିନରମାନେ ୧୨ ୱିକେଟ ଅକ୍ତିଆର କରିଥିବାବେଳେ ୱେଷ୍ଟଇଣ୍ଡିଜର ସ୍ପିନରମାନେ ମଧ ୧୨ ୱିକେଟ ଅକ୍ତିଆର କରିଛନ୍ତି । ବାକି ଦଳର ସ୍ପିନରମାନେ ୧୦ରୁ କମ୍ ୱିକେଟ୍ ଅକ୍ତିଆର କରିଛନ୍ତି । ଆଜି ଭାରତର ମ୍ୟାଚ୍ ରହିଥିବାବେଳେ ସ୍ପିନରଙ୍କ ଦବଦବା ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି ।

## ଜୁନ୍ ୧୨ରୁ ମହିଳା ଟ୍ୱେଣ୍ଟି-୨୦ ବିଶ୍ୱକପ୍

ଲଣ୍ଡନ୨୪।୨ : ଆଇସିସି ପକ୍ଷରୁ ଆସନ୍ତା ଜୁନ ୧୨ରୁ ଜୁଲାଇ ୫ ପର୍ଯ୍ୟନ୍ତ ଇଂଲଣ୍ଡରେ ହେବାକୁ ଥିବା ମହିଳା ଟ୍ୱେଣ୍ଟି-୨୦ ବିଶ୍ୱକପ୍ ୨୦୨୬କ ସଂପୂର୍ଣ୍ଣ ଖେଳସୂଚୀ ଜାରି କରାଯାଇଛି। ଗ୍ରୁପ୍ 'ଏ'ରେ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ଭାରତ, ପାକିସ୍ତାନ, ବାଂଲାଦେଶ ଓ ନେଦରଲାଣ୍ଡସ୍ ସ୍ଥାନ ପାଇଥିବାବେଳେ ଗ୍ରୁପ୍ 'ବି'ରେ ୱେଷ୍ଟ୍ ଇଣ୍ଡିଜ୍, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା ଓ ସ୍କଟ୍‌ଲାଣ୍ଡ ସ୍ଥାନ ପାଇଛନ୍ତି ।ଏଥର ନେଦରଲାଣ୍ଡସ୍ ପ୍ରଥମ ଥର ପାଇଁ ବିଶ୍ୱକପ୍ ଖେଳିବାକୁ ସୁଯୋଗ ପାଇଛି। ଗତ ମାସରେ ଅନୁଷ୍ଠିତ ମହିଳା ବିଶ୍ୱକପ୍ ଯୋଗ୍ୟତା ପ୍ରତିଯୋଗିତାର ସୁପର ସିକ୍ସ ପର୍ଯ୍ୟାୟରେ ତିନୋଟି ମ୍ୟାଚ୍



ଜିତିବା ପରେ ଏହି ଦେଶକୁ ବିଶ୍ୱକପ୍ ଟିକେଟ୍ ମିଳିଛି। ଏହି ବିଶ୍ୱକପ୍‌ରେ ମୋଟ ୩୩ଟି ମ୍ୟାଚ୍ ୭ଟି ଷ୍ଟାଡିୟମ୍‌ରେ ଖେଳାଯିବ। ସେଗୁଡ଼ିକ ହେଉଛି ଓଲଡ୍ ଟ୍ରାଫୋର୍ଡ, ହେଡିଙ୍ଗଲେ, ହାମ୍ପସାୟାର ବୋଲ୍, ବ୍ରିଷ୍ଟଲ୍ କାଉଣ୍ଟି, ଏଜବାଷ୍ଟନ୍, ଦି ଓଭାଲ ଓ ଲର୍ଡସ୍। ଉଦଘାଟନୀ ମ୍ୟାଚ୍ ଜୁନ ୧୨ରେ ଇଂଲଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ଏଜ୍‌ବାଷ୍ଟନ୍‌ଠାରେ ଖେଳାଯିବ। ସେହି ଷ୍ଟାଡିୟମ୍‌ରେ ଜୁନ ୧୪ରେ ଭାରତ ଓ ପାକିସ୍ତାନ ମୁକାବିଲା ହେବ। ଫାଇନାଲ୍ ମ୍ୟାଚ୍ ଜୁଲାଇ ୫ରେ ଲର୍ଡସ୍‌ଠାରେ ଖେଳାଯିବ।

## ହୁବ୍‌ଲି ଷ୍ଟାଡିୟମ୍‌ରେ ରହିବ ସୁନିଲ ଯୋଶୀଙ୍କ ପ୍ୟାଭିଲିଅନ୍

କୋଲକାତା,୨୪।୨: ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଖେଳାଳି ସୁନିଲ ଯୋଶୀଙ୍କ ନାମରେ ଏକ ପ୍ୟାଭିଲିଅନ୍ ନାମିତ ହେବ। କର୍ଣ୍ଣାଟକର ହୁବ୍‌ଲି (ହୁବାଲି)ର ରାଜନଗର କ୍ରିକେଟ୍ ଗ୍ରାଉଣ୍ଡର ଏକ ପ୍ୟାଭିଲିଅନ୍‌କୁ ତାଙ୍କ ନାମରେ କରାଯିବ ବୋଲି ଶନିବାର କର୍ଣ୍ଣାଟକ ରାଜ୍ୟ କ୍ରିକେଟ୍ ସଂଘ (କେଏସ୍‌ସିଏ) ଘୋଷଣା କରିଛି। ଏହି ଷ୍ଟାଡିୟମ୍‌ରେ ମଙ୍ଗଳବାରଠାରୁ କର୍ଣ୍ଣାଟକ ଓ ଜମ୍ମୁ କାଶ୍ମୀର ମଧ୍ୟରେ ରଣଜୀ ଟ୍ରଫି ଫାଇନାଲ୍ ମ୍ୟାଚ୍ ଖେଳାଯିବ। ଏହି ଅବସରରେ ସୁନିଲ ଯୋଶୀଙ୍କ ପ୍ୟାଭିଲିଅନ୍ ନାମିତ ହେବ ବୋଲି ଘୋଷଣା କରାଯାଇଛି।

ଉତ୍ତର କର୍ଣ୍ଣାଟକ ପ୍ରତି ସୁନିଲଙ୍କ କ୍ରିକେଟ୍ ଅବଦାନକୁ ସ୍ୱୀକୃତି ଜଣାଇବା ଉଦ୍ଦେଶ୍ୟରେ ଏହି ସମ୍ମାନ ଦିଆଯାଉଛି ବୋଲି କୁହାଯାଇଛି ।କର୍ଣ୍ଣାଟକର ଗଡଙ୍ଗ ଜିଲ୍ଲାରୁ ଆସିଥିବା ଏହି ବାମହାତୀ ସ୍ପିନର୍ ଭାରତୀୟ ଦଳ ପାଇଁ ୧୫ ଟେଷ୍ଟ, ୬୯ ଦିନିକିଆ ଅନ୍ତର୍ଜାତୀୟରେ ପ୍ରତିନିଧିତ୍ୱ କରିବା ସହିତ ୧୬୦ ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିଥିଲେ। ରାଜ୍ୟର ଅନ୍ୟତମ ମହାନ କ୍ରିକେଟର୍ ସୁନିଲଙ୍କ ସ୍ମୃତିକୁ ଚିରସ୍ଥାୟୀ କରିବା ଏହାର ଅସଲ ଉଦ୍ଦେଶ୍ୟ ବୋଲି କେଏସ୍‌ସିଏ ପ୍ରକାଶ କରିଛି। ହୁବାଲିରେ କ୍ରିକେଟ୍‌ର ଉତ୍‌ଥାନ ଦିଗରେ ବି ସୁନିଲ ଯୋଶୀ ଉଲ୍ଲେଖନୀୟ ପ୍ରୟାସ କରିଥିଲେ। 'ତାଙ୍କ କ୍ରିକେଟ୍ ଯାତ୍ରା ଓ



ଅବଦାନକୁ ସମ୍ମାନ ଜଣାଇ ଏଭଳି ନିଷ୍ପତ୍ତି ନିଆଯାଇଛି' ବୋଲି କେଏସ୍‌ସିଏର ମୁଖପାତ୍ର ବିନୟ ମୃତ୍ୟୁଞ୍ଜୟ ପ୍ରକାଶ କରିଛନ୍ତି।

# ବିହାରୀଲାଲ କ୍ରିକେଟ: ରାମେଶ୍ୱର ସ୍ପୋର୍ଟିଙ୍ଗ ଚମ୍ପିୟାନ



ଭୁବନେଶ୍ୱର : ୨୭ ତମ ବିହାରୀଲାଲ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ବାଜି ମାରିଲା ରାମେଶ୍ୱର ସ୍ପର୍ଟିଙ୍ଗ ଦଳ। ୧୬ ଟି ଦଳ ମଧ୍ୟରେ କମାଲ ପାରି ଖେଳି ହାତେଇଛି ବିଜୟର ଟ୍ରଫି। ବିହାରୀଲାଲ ସ୍ମର୍ଟ୍ସ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ମୁଖ୍ୟ ଅତିଥି ରୂପେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ଓଡିଶା ଅଲମ୍ପିକ ଆସୋସିଏସନ ସଭାପତି ସମୀର ମହାନ୍ତି ଯୋଗ ଦେଇ ବିଜୟୀ ଦଳକୁ ଟ୍ରଫି ଏବଂ ପୁରସ୍କାର ରାଶି ପ୍ରଦାନ କରିଥିଲେ।

ସୂଚନା ଅନୁସାରେ, ବିଗତ ଚାରିଦିନ ଧରି ବିହାରୀଲାଲ କ୍ରିକେଟ ଟୁର୍ନାମେଣ୍ଟ ରାଜଧାନୀ ଭୁବନେଶ୍ୱରର ଏକ ଖେଳ ପଡିଆରେ ଆୟୋଜିତ ହୋଇଥିଲା। ପ୍ରତ୍ୟକ ଦିନ ଖେଳାଳିଙ୍କ ଦମଦାର ପ୍ରଦର୍ଶନ ଖେଳ ପ୍ରେମୀ ଦେଖିବାକୁ ପାଇଥିଲେ। ୧୬ ଟି ଦଳ ମଧ୍ୟରେ ଦୁଇଟି ଟିମ ଅନୁସାରେ ହୋଇଥିଲା ମ୍ୟାଚ୍। ପ୍ରତ୍ୟକ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରି ଆସୁଥିଲା ରାମେଶ୍ୱର ସ୍ପର୍ଟିଙ୍ଗ ଦଳ। ଆଉ ଶେଷରେ ଫାଇନାଲ ମ୍ୟାଚ୍‌ରେ କିଶୋର କ୍ଲବକୁ ୩ ୱିକେଟରେ ହରାଇ ଟ୍ରଫିକୁ ନିଜ ନାଁରେ କରିଛି ରାମେଶ୍ୱର ସ୍ପୋର୍ଟିଙ୍ଗ ଦଳ।

## ଗୁଲମାର୍ଗରେ ଖେଲୋ ଇଣ୍ଡିଆ ଶୀତକାଳୀନ କ୍ରୀଡ଼ାର ଦ୍ୱିତୀୟ ପର୍ଯ୍ୟାୟ

ଗୁଲମାର୍ଗ,୨୪।୨: କଶ୍ମୀରର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଗୁଲମାର୍ଗରେ ଆରମ୍ଭ ହୋଇଛି ଖେଲୋ ଇଣ୍ଡିଆ ଶୀତକାଳୀନ କ୍ରୀଡ଼ା-୨୦୨୬ର ଦ୍ୱିତୀୟ ପର୍ଯ୍ୟାୟ। ଚାରି ଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାକୁ ଉପରାଜ୍ୟପାଳ ମନୋଜ ସିହ୍ନା ମଶାଲ ଜଳାଇ ଉଦ୍‌ଘାଟନ କରିଛନ୍ତି।

ଦେଶର ୩୦ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରୁ ଆସିଥିବା ୪ଶହରୁ ଅଧିକ ଆଥ୍ଲେଟ୍ ଏଥିରେ ଅଂଶଗ୍ରହଣ କରୁଛନ୍ତି। ଏଥିପାଇଁ ପଂଜୀକରଣ ଶେଷ ହୋଇଛି ଓ ଅନୁକୂଳ ପାଗ ଯୋଗୁଁ ଭଲ ବରଫପାତ ହୋଇଛି ବୋଲି ଜମ୍ମୁ ଓ କଶ୍ମୀର କ୍ରୀଡ଼ା ପରିଷଦର ସଚିବ ନୁଝାତ୍ ଗୁଲ୍। ଆଥ୍ଲେଟ୍‌ମାନେ ୪ଟି ପଦକ ବର୍ଗ- ସ୍କି ମାଉଣ୍ଟେନିୟରିଂ, ଆଲପାଇନ୍ ସାଇଙ୍ଗ୍, ନର୍ଡିକ୍ ସାଇଙ୍ଗ୍ ଓ ସ୍‌ନୋବର୍ଡିଂରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ତେବେ ଆଲପାଇନ୍ ସାଇଙ୍ଗ୍ ପାଇଁ ସର୍ବାଧିକ ସଂଖ୍ୟକ ପଂଜୀକରଣ ହୋଇଛି। ଖେଲୋ ଇଣ୍ଡିଆ ଶୀତକାଳୀନ କ୍ରୀଡ଼ା-୨୦୨୬ର ଦ୍ୱିତୀୟ ପର୍ଯ୍ୟାୟ ଜାନୁଆରି ୨୦ରୁ ୨୬ ପର୍ଯ୍ୟନ୍ତ ଲେହରେ ଅନୁଷ୍ଠିତ ହୋଇଥିଲା। ଏହି ପର୍ଯ୍ୟାୟରେ ଆଇସ୍ ଇଭେଣ୍ଟ୍ ଅନୁଷ୍ଠିତ ହୋଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ସ୍‌ନୋ ଇଭେଣ୍ଟ୍ ଅନୁଷ୍ଠିତ ହେଉଛି। ପ୍ରଥମ ପର୍ଯ୍ୟାୟ ଶେଷ ସୁଦ୍ଧା ହରିୟାଣା ୪ଟି ସ୍ୱର୍ଣ୍ଣ ପଦକ ସହ ପ୍ରଥମ ସ୍ଥାନରେ ଥିବାବେଳେ ତା'ତଳକୁ ଲଦାଖ୍, ମହାରାଷ୍ଟ୍ର ଓ ତେଲେଙ୍ଗାନା ଅଛନ୍ତି। ଏପର୍ଯ୍ୟନ୍ତ



୬ଟି ଖେଲୋ ଇଣ୍ଡିଆ ଶୀତକାଳୀନ କ୍ରୀଡ଼ା ଅନୁଷ୍ଠିତ ହୋଇଥିବାବେଳେ ସମସ୍ତ ସଂସ୍କରଣ ଜମ୍ମୁ ଓ କଶ୍ମୀର ଏବଂ ଲେହରେ ଅନୁଷ୍ଠିତ ହୋଇଛି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ